# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ନଭେମ୍ବର ୧୭/୨୦୨୦ (୧୨ପୃଷ୍ଠା) | Rayagada, Tuesday, November 17/2020 | ★

୧୦ମ ଭାଗ ୧୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସୋରିଷ କ୍ଷେତରେ ନୁସରତ୍**

ବଲିଉଡ୍ ଅଭିନେତ୍ରୀ ନୁସରତ୍ ଭାରୁଚା ସୋରିଷ କ୍ଷେତରେ ନାଚୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓକୁ ସେ ତାଙ୍କ ଇନ୍ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି।

୧୦

୧୨

**ସାୟନା ଜ୍ୟାକ୍ଙ୍କୁ ୨ ବର୍ଷ ବାସନ୍ଦ**

ଡୋପିଂ ମାମଲାରେ ଅଷ୍ଟ୍ରେଲିଆର ମହିଳା ସନ୍ତରଣକାରୀ ସାୟନା ଜ୍ୟାକ୍ଙ୍କୁ ୨ବର୍ଷ ବାସନ୍ଦ କରାଯାଇଛି।



**ବିପଦକୁ ଆମନ୍ତ୍ରଣ**



ଭୁବନେଶ୍ୱର ପଳାଶୁଣୀ ଓଭରବ୍ରିଜ୍ ନିକଟରେ ସୋମବାର ଯାତ୍ରୀ ବସ୍‌ରୁ ଓହ୍ଲାଇବା ପରେ ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ଅତିକ୍ରମ କରୁଛନ୍ତି।

# ମଡର୍ନା ୯୪.୫% ଫଳପ୍ରଦ

**ନୂଆଦିଲ୍ଲୀ, ୧୬।୧୧**

କରୋନା ଭୂତାଣୁକୁ ଦମନ କରିବାରେ ମଡର୍ନା ଟିକା ୯୪.୫ ପ୍ରତିଶତ ଫଳପ୍ରଦ ବୋଲି ମାସାଚ୍ୟୁସେଟ୍ସର ବାୟୋଟେକ୍ କମ୍ପାନୀ ପକ୍ଷରୁ ପ୍ରକାଶିତ ପ୍ରାରମ୍ଭିକ ତଥ୍ୟରୁ ଜଣାପଡ଼ିଛି। ଅଧିକ ସଫଳତା ହାର ଦେଖାଇବାରେ ଏହା ଆମେରିକାର ଦ୍ୱିତୀୟ ଟିକା। ୩୦ ହଜାର ଲୋକଙ୍କ ଉପରେ ପରୀକ୍ଷା କରାଯିବା ପରେ ଫଳାଫଳ ସାମ୍ନାକୁ ଆସିଛି। ଫଳାଫଳକୁ ନେଇ ଆମେ ଖୁବ୍ ଉତ୍ସାହିତ ବୋଲି ଦେଶର ପ୍ରମୁଖ ସଂକ୍ରାମକ ରୋଗ ଚିକିତ୍ସକ ଡ. ଆଣ୍ଟୋନୀ ଫୌସି କହିଛନ୍ତି। ମଡର୍ନାର କ୍ଲିନିକାଲ ପରୀକ୍ଷା ତଥ୍ୟକୁ ଅନୁଧ୍ୟାନ କରିବା ପରେ ଡାଟା ସେଫ୍ଟି ଆଣ୍ଡ ମନିଟରିଂ ବୋର୍ଡ ପକ୍ଷରୁ ଉପରୋକ୍ତ ଫଳାଫଳ ପ୍ରକାଶ କରାଯାଇଛି। ତେବେ ଡିସେମ୍ବର ପୂର୍ବରୁ ଏହି ଟିକା ବଜାରକୁ ଆସିବା ସମ୍ଭାବନା ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେବେ ଡିସେମ୍ବର ଶେଷଭାଗରୁ ଟିକାକରଣ ଆରମ୍ଭ ହେବ ବୋଲି ଫୌସି ଆଶାବ୍ୟକ୍ତ କରିଛନ୍ତି। ପ୍ରଥମେ ଅଧିକ ସଂକ୍ରମଣ ଆଶଙ୍କା ଥିବା ବ୍ୟକ୍ତିଙ୍କୁ ଓ




ପରେ ଅନ୍ୟମାନଙ୍କୁ ଏହି ଟିକା ଦିଆଯିବ।

ସୂଚନାଯୋଗ୍ୟ, ଫାଇଜର ଏବଂ ବାୟୋନେଟ ମିଳିତ ଭାବେ ପ୍ରସ୍ତୁତ କରିଥିବା କୋଭିଡ୍ ଟିକା ୯୦ ପ୍ରତିଶତ ଫଳପ୍ରଦ ବୋଲି ଗତ ସପ୍ତାହରେ ଘୋଷଣା କରାଯାଇଥିଲା। ମଡର୍ନା ପକ୍ଷରୁ ହୋଇଥିବା ଦୁଇ ପର୍ଯ୍ୟାୟ ପରୀକ୍ଷାରେ ୧୫ ହଜାର ଲେଖାଏ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ସେମାନଙ୍କୁ ସାଲାଇନ୍ ଭଳି ଏହି ଟିକା ଦିଆଯାଇଥିଲା। ଅଧିକାଂଶଙ୍କଠାରେ କୋଭିଡ୍ ପ୍ରତିରୋଧ ଶକ୍ତି ସୃଷ୍ଟି ହୋଇଥିବାବେଳେ ମାତ୍ର ୫ ଜଣଙ୍କୁ କରୋନା ହୋଇଥିଲା। ଉକ୍ତ ଟିକାର କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ମାସ ଶେଷ ସୁଦ୍ଧା ଅଧିକ ନିରାପଦ ଫଳାଫଳ ଆସିବା ପରେ ଭାକ୍ସିନ୍‌ର ସ୍ୱୀକୃତି ପାଇଁ ମଡର୍ନା ଆମେରିକା ଖାଦ୍ୟ ଓ ଔଷଧ ପ୍ରଶାସନ ନିକଟରେ ଆବେଦନ କରିବାକୁ ଯୋଜନା କରିଛି। ଉକ୍ତ ସଂସ୍ଥାର ଅନୁମୋଦନ ମିଳିବା ପରେ ଡିସେମ୍ବର ଶେଷ ଭାଗ ଆଡ଼କୁ ଟିକାକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଉଛି। ପ୍ରଥମେ ସ୍ୱାସ୍ଥ୍ୟ କର୍ମୀ, ବରିଷ୍ଠ ନାଗରିକ, ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିଙ୍କୁ ଏହି ଟିକା ଦିଆଯିବ। ଏପ୍ରିଲ ଶେଷ ବେଳକୁ ସମସ୍ତଙ୍କୁ ଟିକାକରଣ କାର୍ଯ୍ୟ ଆରମ୍ଭ କରିବାକୁ କମ୍ପାନୀ ବିଚାର କରୁଛି।

ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବଢ଼ାଇବା ପାଇଁ ଉଭୟ ଫାଇଜର ଓ ମଡର୍ନା ଟିକା ପ୍ରସ୍ତୁତିରେ ସମାନ ଟେକ୍ନୋଲୋଜି ବ୍ୟବହାର କରିଥିବାରୁ ଅନୁରୂପ ଫଳାଫଳ ମିଳିଛି। ଟିକା ନେବା ପରେ ଯଦି ଉକ୍ତ ବ୍ୟକ୍ତି କରୋନା ଭୂତାଣୁ ସଂସ୍ପର୍ଶରେ ଆସନ୍ତି, ତାହେଲେ ଶରୀରରେ ସୃଷ୍ଟି ହୋଇଥିବା ଆଣ୍ଟିବଡ଼ି ଏହାକୁ ଦୃଢ଼ ମୁକାବିଲା କରିବ। ଫାଇଜର ତୁଳନାରେ ମଡର୍ନା ଟିକାର କେତେକ ଭଲ ଗୁଣ ରହିଛି। ଫାଇଜର ଟିକାକୁ ବିଯୁକ୍ତ ୭୫ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ରଖିବା ଆବଶ୍ୟକ। ଅନ୍ୟ କୌଣସି ଟିକା ପାଇଁ ଏଭଳି ତାପମାତ୍ରାର ଆବଶ୍ୟକତା ନ ଥିବାରୁ ହସ୍ପିଟାଲ କିମ୍ବା ଫାର୍ମାସିରେ ସେଭଳି ଫ୍ରିଜର ନାହିଁ। ଅନ୍ୟପକ୍ଷରେ ମଡର୍ନା ଭାକ୍ସିନ୍‌କୁ ବିଯୁକ୍ତ ☞ପୃଷ୍ଠା-୪

## ବଦଳିଲେ ମାଲକାନଗିରି ଜିଲ୍ଲାପାଳ

- ନୂଆ ଜିଲ୍ଲାପାଳ ହେଲେ ୱାଇ. ବିଜୟ
- ମନୀଷ ଅଗ୍ରୱାଲ ଯୋଜନା ଓ ସଂଯୋଜନା ବିଭାଗ ଉପସଚିବ

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ):** ମାଲକାନଗିରି ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ(ପିଏ) ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲାରେ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହେବା ପରେ ତାଙ୍କୁ ସୋମବାର ବଦଳି କରାଯାଇଛି। ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗର ଉପସଚିବଭାବେ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଯୋଜନା ଓ ସଂଯୋଜନା ବିଭାଗ ଉପସଚିବ ଏବଂ ଓଆର୍‌ଇଡିଏ(ଓରେଡା) ମୁଖ୍ୟ କାର୍ଯ୍ୟନିର୍ବାହୀ ଦାୟିତ୍ୱରେ ଥିବା ୱାଇ.ବିଜୟଙ୍କୁ ମାଲକାନଗିରି ଜିଲ୍ଲାପାଳଭାବେ ଅବସ୍ଥାପିତ କରାଯାଇଛି। ପ୍ରକାଶ ଯେ, ୨୦୧୯ ଡିସେମ୍ବର ୨୮ରେ ଦେବନାରାୟଣଙ୍କ ମୃତଦେହ ସତୀଗୁଡ଼ା ଜଳଭଣ୍ଡାରରୁ ଉଦ୍ଧାର ହୋଇଥିଲା। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ପୋଲିସ ତଦନ୍ତରେ ଅବହେଳା ଅଭିଯୋଗ ଆଣି ସ୍ତ୍ରୀ ☞ପୃଷ୍ଠା-୪

# ବିହାର: ଶପଥ ନେଲେ ନୀତୀଶ

## ତାରକିଶୋର, ରେଣୁ ଦେବୀ ଉପମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ଭାବେ ନୀତୀଶ କୁମାର ଶପଥ ନେଉଛନ୍ତି (ବାମ) ଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ତାରକିଶୋର ପ୍ରସାଦ ଓ ରେଣୁ ଦେବୀ।

**ପାଟନା, ୧୬।୧୧**

ବିହାର ବିଧାନସଭାର ମୋଟ ୨୪୩ ଆସନ ମଧ୍ୟରୁ ୪୩ ଆସନରେ ଜିତିଥିବା ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ଅଧ୍ୟକ୍ଷ ନୀତୀଶ କୁମାର କ୍ରମାଗତ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ସୋମବାର ଶପଥ ଗ୍ରହଣ କରିଛନ୍ତି। ଏନ୍‌ଡିଏ ଶାସନରେ ୧୫ ବର୍ଷ ଧରି ଉପମୁଖ୍ୟମନ୍ତ୍ରୀ ଥିବା ସୁଶୀଲ କୁମାର ମୋଦିଙ୍କ ପରିବର୍ତ୍ତେ ଭାଜପାର ଦୁଇ ନେତା ତାରକିଶୋର ପ୍ରସାଦ ଏବଂ ରେଣୁ ଦେବୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣ ନୀତୀଶଙ୍କ ଉପରେ ଚାପର ପାହାଡ଼ ସୃଷ୍ଟି କରିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ନିର୍ବାଚନ ଜିତିବା ପାଇଁ ଏନ୍‌ଡିଏ ଦେଇଥିବା

- ମନ୍ତ୍ରିମଣ୍ଡଳରେ ଭାଜପାର ୭, ଜେଡିୟୁର ୫, ଭିଆଇପିର ୧ ଓ ଏଚ୍ଏଏମ୍‌ର ୧

୧୯ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତିକୁ ପାଳନ କରିବା ତାଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଭାଜପା ୭୪ ଆସନ ପାଇ ଏନ୍‌ଡିଏର ଡ୍ରାଇଭର ସିଟ୍‌ରେ ଥିବାରୁ ନୀତୀଶଙ୍କ ପାଇଁ ସ୍ୱଇଚ୍ଛାରେ ଶାସନ କରିବା କାଠିକର ପାଠ। ବିହାର ଜନାଦେଶ ନୀତୀଶଙ୍କ ସପକ୍ଷରେ ସମ୍ପୂର୍ଣ୍ଣ ନ ଥିଲେ ମଧ୍ୟ ଚୌକିର ଉଚ୍ଚାଭିଳାଷ ଯୋଗୁ ତାଙ୍କୁ ସାଲିସ କରିବାକୁ ପଡ଼ିବ। ୨୦୧୫ରେ ମଧ୍ୟ ଜନାଦେଶ ତାଙ୍କ ସପକ୍ଷରେ ନ ଥିଲା। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)କୁ ସର୍ବାଧିକ ୮୦ ଆସନ ମିଳିଥିବାବେଳେ ଜେଡିୟୁକୁ ୭୧ ସିଟ୍ ☞ପୃଷ୍ଠା-୪

## ଗାଧୋଇବା ବେଳେ ବୁଡ଼ିଗଲେ ୩ ଛାତ୍ର

### ଜଣେ ମୃତ, ୨ ନିଖୋଜ

**ରେମୁଣା/ବାଲେଶ୍ୱର ଅଫିସ, ୧୬।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦେଇ ବୋହି ଯାଇଥିବା ବୁଢ଼ାବଳଙ୍ଗ ନଦୀର କାଠସଙ୍ଗଡ଼ା ଘାଟରେ ସୋମବାର ଅପରାହ୍ନରେ ଗାଧୋଇବା ବେଳେ ୩ଜଣ ଇଞ୍ଜିନିୟର ଛାତ୍ର ନଦୀରେ ବୁଡ଼ି ଯାଇଥିଲେ। ଜଣଙ୍କର ମୃତଦେହ ଉଦ୍ଧାର ହୋଇଛି। ଅନ୍ୟ ଦୁଇଜଣ ନିଖୋଜ ଅଛନ୍ତି।

ନୀଳଗିରି ପୌରାଞ୍ଚଳ କଦମ୍ବସାହି ଏବଂ ମିରିଗିଣି ଅଞ୍ଚଳର ୫ଜଣ ଇଞ୍ଜିନିୟରିଂ ଛାତ୍ର ଚାନ୍ଦିପୁରରେ ପିକ୍‌ନିକ୍ କରିବା ପାଇଁ କହି ଘରୁ ☞ପୃଷ୍ଠା-୪

# ୨୩ ପ୍ରତିପକ୍ଷଙ୍କୁ ନୋଟିସ


**କଟକ/ପୁରୀ ଅଫିସ,୧୬।୧୧**

ପୁରୀ ବଗଲା ଧର୍ମଶାଳା ଜମି ବିବାଦ ମାମଲାରେ ସମସ୍ତ ୨୩ ପ୍ରତିପକ୍ଷଙ୍କୁ ହାଇକୋର୍ଟ ସୋମବାର ନୋଟିସ ଜାରି କରିଛନ୍ତି। ବିବାଦୀୟ ଜମି କିଣିଥିବା ୬ଜଣ ବ୍ୟକ୍ତି, ଶ୍ରୀମନ୍ଦିର ପ୍ରଶାସନ, ରାଜସ୍ୱ ପର୍ଷଦ, ପୁରୀ-କୋଣାର୍କ ଉନ୍ନୟନ ଅଧିକାରୀ, ଓଡ଼ିଶା ସେତୁ ନିର୍ମାଣ ନିଗମ, ପୁରୀ ପୌର ପ୍ରଶାସନ ଏବଂ ଅନ୍ୟମାନଙ୍କୁ ଏହି ନୋଟିସ ଜାରି କରାଯାଇଛି।

### ବଗଲା ଧର୍ମଶାଳା ଜମି ବିବାଦ ମାମଲା

ଏହାସହ ପୁରୀ ଜିଲାପାଳ, ତହସିଲଦାର ଦାଖଲ କରିଥିବା ଜବାବର ପ୍ରତିଜବାବ ଦାଖଲ କରିବାକୁ ଆବେଦନକାରୀଙ୍କୁ କୁହାଯାଇଛି। ଉଭୟ ପକ୍ଷଙ୍କ ଜବାବ ଓ ପ୍ରତିଜବାବ ଦାଖଲ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି। ପୁରୀ ବାସିନ୍ଦା ତଥା ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆ ଏବଂ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡକ୍ଟର ସମ୍ବିତ ପାତ୍ର କରିଥିବା ୨ଟି ପୃଥକ ମାମଲାର ଏକତ୍ର ଶୁଣାଣି କରି ଅଦାଲତ ସମସ୍ତ ପ୍ରତିପକ୍ଷଙ୍କୁ ଏହି ନୋଟିସ ଜାରି କରିଛନ୍ତି। ସମ୍ବିତ ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ, ବଗଲା ଧର୍ମଶାଳା ଜମି ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ସମ୍ପତ୍ତି ଅନ୍ତର୍ଭୁକ୍ତ ଅଟେ। ଏହାକୁ ସାଧାରଣ ଲୋକଙ୍କୁ ବିକ୍ରି କରାଯାଇପାରିବ ନାହିଁ। ହେଲେ ପୁରୀ ଜିଲାପାଳ ୨.୫୭୪ ଏକର ଜମିକୁ ୬ଜଣଙ୍କୁ ☞ପୃଷ୍ଠା-୪

**୪ଜଣଙ୍କୁ ମହାକାଶକୁ ପଠେଇଲା ସ୍ପେସ୍ ଏକ୍ସ**




## ରାଜଧାନୀରୁ ୨୫ ଲକ୍ଷର ବ୍ରାଉନସୁଗାର ଜବତ

### ବନ୍ଧୁକ, କାର, ବାଇକ୍ ଓ ଟଙ୍କା ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ନିଶା କାରବାରର ଆଡ୍ଡାସ୍ଥଳ ପାଲଟିଛି କମିଶନରେଟ ପୋଲିସ ଅଞ୍ଚଳ। ରାଜଧାନୀ ଭୁବନେଶ୍ୱର ଓ ଉପକଣ୍ଠରେ ନିଶା ମାଫିଆମାନେ ଘର ଭଡ଼ା ନେଇ ବେଆଇନ ବ୍ରାଉନସୁଗାର ବେପାର ଚଳାଇଛନ୍ତି। ଖଣ୍ଡଗିରି ଥାନା ପୋଲିସ କଳିଙ୍ଗନଗର ଅଞ୍ଚଳରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୫୪ ଗ୍ରାମ୍‌ର ବ୍ରାଉନସୁଗାର, ଦେଶୀ ପିସ୍ତଲ, ୧୨ହଜାର ଟଙ୍କା, କାର୍, ବାଇକ୍, ମୋବାଇଲ୍ ଫୋନ୍ ଓ ସୁନା ଚେନ୍ ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୨୫ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଗିରଫ ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ମଧୁପୁର ଅଞ୍ଚଳର ମୁନା ସେଠୀ(୩୦)। ମୁନା କଳିଙ୍ଗନଗର କେ-୭ରେ ଘର ଭଡା ନେଇ ରହିବା ସହ ବେଧଡ଼କ ଭାବେ ବ୍ରାଉନସୁଗାର କାରବାର ☞ପୃଷ୍ଠା-୪

# ୪ ମହାକାଶଚାରୀଙ୍କୁ ସ୍ପେସ୍ ଷ୍ଟେସନ ପଠାଇଲା ସ୍ପେସ୍‌ଏକ୍ସ

**କେପ୍ କାନାଭେରାଲ, ୧୬।୧୧**

ଆମେରିକାର ଘରୋଇ କମ୍ପାନୀ ସ୍ପେସ୍‌ଏକ୍ସ ୪ ଜଣ ମହାକାଶଚାରୀଙ୍କୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ପଠାଇଛି। ରବିବାର ରାତିରେ କେନେଡି ସ୍ପେସ୍ ସେଣ୍ଟରରୁ ଫାଲକନ୍ ରକେଟ୍ ମହାକାଶଚାରୀମାନଙ୍କୁ ନେଇ ମହାକାଶକୁ ଯାତ୍ରା କରିଥିଲା। ସେମାନଙ୍କ ମଧ୍ୟରେ ଆମେରିକାରୁ ୩ ଓ ଜାପାନରୁ ଜଣେ ମହାକାଶଚାରୀ ଅଛନ୍ତି। ଏହା ସ୍ପେସ୍‌ଏକ୍ସର ଦ୍ୱିତୀୟ ପର୍ଯ୍ୟାୟ ମହାକାଶଚାରୀ ପ୍ରେରଣ। କରୋନା



ସଂକ୍ରମଣ ଯୋଗୁ କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥିବା ସ୍ପେସ୍‌ଏକ୍ସ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲୋନ୍ ମସ୍କ ଦୂରରେ ଥାଇ ମହାକାଶ ଯାନ ପ୍ରେରଣକୁ ଅନୁଧ୍ୟାନ କରିଥିଲେ। କିଛିମାସ ପୂର୍ବରୁ ସ୍ପେସ୍‌ଏକ୍ସ ଦୁଇଜଣ ପାଇଲଟଙ୍କୁ ପରୀକ୍ଷାମୂଳକ ଭାବେ ମହାକାଶକୁ ପଠାଇଥିଲା। ଘରୋଇ କମ୍ପାନୀ ଏହି ସଫଳତା ଫଳରେ ନିୟମିତ ଭାବେ ଆମେରିକା ଓ ମହାକାଶ କେନ୍ଦ୍ର ମଧ୍ୟରେ ଯାତାୟାତ ଲାଗି ରହିବ ବୋଲି ନାସା ଆଶାବ୍ୟକ୍ତ କରିଛି।

**ଆଜିର ସମ୍ପାଦକୀୟ**

**ମୁଣ୍ଡ ପିଟିବା**

**ଆଜିର ମନ୍ତବ୍ୟ**

"ଏବେ ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଉପରେ ଭାଜପା ଫୋକସ୍ କରିବ।
– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ



ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ଝାଡ଼ଖଣ୍ଡୀ ହାତୀ।

# ନୀଳଗିରିରେ ଝାଡ଼ଖଣ୍ଡୀ ହାତୀପଲ

**ସଜନାଗଡ଼, ୧୬।୧୧(ଡି.ଏନ୍.ଏ.)**

## ଆଗରେ ଦନ୍ତା, ପଛରେ ୪୧

ଝାଡ଼ଖଣ୍ଡୀ ହାତୀପଲ ସୋମବାର ଭୋର ସମୟରେ ବାଲେଶ୍ୱର ଜିଲା ନୀଳଗିରି ବନାଞ୍ଚଳକୁ ପ୍ରବେଶ କରିଛନ୍ତି। ଏହି ପଲରେ ୪୨ ହାତୀ ଅଛନ୍ତି। ଦଳରେ ୫ ଦନ୍ତା ଓ ୭ରୁ ୮ ଛୁଆ ହାତୀ ଅଛନ୍ତି। ଆଗରେ ଦନ୍ତା ବାଟ କଢ଼େଇ ନେଉଥିବା ଦେଖିବାକୁ ମିଳିଛି।

୨୦୧୦ରୁ ନୀଳଗିରି ଜଙ୍ଗଲକୁ ଚିରାଚରିତ ଢଙ୍ଗରେ ପ୍ରତିବର୍ଷ ଭଳି ଏବର୍ଷ ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ହାତୀପଲ ଆସି ଓଡ଼ିଶା ସୀମା ପାରି ହୋଇଛନ୍ତି। କିଛିଦିନ ମୟୂରଭଞ୍ଜରେ ରହିଆସୁଥିବା ବେଳେ ସୋମବାର ଭୋର ସମୟରେ ହାତୀପଲ ନୀଳଗିରି ରେଞ୍ଜ ଅଧୀନ ପୁନ୍ଦାଳ, କାଠପାଳ, ଦୁର୍ଗାଦେବୀ, ପାଟଣା, ଅଯୋଧ୍ୟା ରାସ୍ତା ପାରି ହୋଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ହାତୀପଲ ଆସିଥିବା ଖବର ପାଇ ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱରେ ଥିବା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏବେ ନୀଳଗିରି ଅଞ୍ଚଳରେ ଧାନଗଛରୁ ଥୋଡ଼ ବାହାରୁଥିବା ବେଳେ ଅଧା ପାଚିବା ଅବସ୍ଥାରେ ରହିଛି। ବନ ବିଭାଗ ପକ୍ଷରୁ ହାତୀ ପ୍ରବେଶକୁ ରୋକିବା ଉଦ୍ଦେଶ୍ୟରେ କିଛିଦିନ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ☞ପୃଷ୍ଠା-୪

## ସଂକ୍ଷେପରେ

### ହରିୟାଣା ରାଜ୍ୟପାଳଙ୍କୁ କରୋନା



**ଚଣ୍ଡିଗଡ଼, ୧୬।୧୧(ପି.ଟି.):** ହରିୟାଣା ରାଜ୍ୟପାଳ ସତ୍ୟଦେଓ ନାରାୟଣ ଆର୍ଯ୍ୟଙ୍କଠାରେ ସୋମବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ତାଙ୍କୁ ପଞ୍ଜାବର ମୋହାଲିସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଇସିୟୁରେ ଥିବା ୮୧ ବର୍ଷୀୟ ରାଜ୍ୟପାଳଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟର ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଯୁବକଙ୍କ ମୁଣ୍ଡକାଟି ହତ୍ୟା

**ମଦୁରାଇ, ୧୬।୧୧:** ମଦୁରାଇର ସେଣ୍ଟ ମେରି ଚର୍ଚ୍ଚ ଛକ ନିକଟରେ ସ୍ପଷ୍ଟ ଦିବାଲୋକରେ ଏକ ଅଜଣା ଗ୍ୟାଙ୍ଗ ଜଣେ ଯୁବକଙ୍କ ମୁଣ୍ଡକାଟି ହତ୍ୟା କରିଛି। ଯୁବକଙ୍କ ଜଣେ ସାଙ୍ଗ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତ ଯୁବକଙ୍କ ନାମ ବି. ମୁରୁଗଣନ୍ଥମ୍(୨୨) ଓ ଘର ଉଥାନଗୁଡ଼ି ନିକଟ ସୋଲାୟାପାନ୍ ନଗରରେ ବୋଲି ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ ସେ ତାଙ୍କ ସାଙ୍ଗ ମୁନିଆସାମିଙ୍କ ସହ ଚର୍ଚ୍ଚ ନିକଟରେ ବୁଲୁଥିବାବେଳେ ଅଜଣା ଗ୍ୟାଙ୍ଗ ଏକ କାର୍‌ରେ ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଅସ୍ତ୍ରଶସ୍ତ୍ର ଥିବା କାରକୁ ବାଇପାସ୍ ରୋଡ୍‌ରୁ ଜବତ କରିଥିଲେ ହେଁ ଗ୍ୟାଙ୍ଗ୍ ଫେରାର ହୋଇଯାଇଛନ୍ତି। ହତ୍ୟା ପଛର ଉଦ୍ଦେଶ୍ୟ କ'ଣ ଜଣାପଡ଼ିନାହିଁ।

### ଅନୁପ୍ରବେଶ ଅପେକ୍ଷାରେ ୩୦୦ ଆତଙ୍କବାଦୀ


**ଶ୍ରୀନଗର, ୧୬।୧୧:** ଭାରତରେ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ପାକିସ୍ତାନ ପକ୍ଷରୁ ଉଦ୍ୟମ ଜାରି ରହିଛି। ସେଥିପାଇଁ ଏଲ୍‌ଓସିରେ ଲଗାତର ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ପାକିସ୍ତାନୀ ଲଞ୍ଚ୍‌ପ୍ୟାଡ୍‌ରେ ୩୦୦ ପାଖାପାଖି ଆତଙ୍କବାଦୀ ଭାରତରେ ଅନୁପ୍ରବେଶ ପାଇଁ ସୁଯୋଗ ଉଣ୍ଡି ବସିଥିବା ବିଏସ୍ଏଫ୍ ଆଇଜି ରାଜେଶ ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ,ଆତଙ୍କବାଦୀଙ୍କୁ ପାକିସ୍ତାନୀ ସୈନ୍ୟ ବାହିନୀ ପକ୍ଷରୁ ତାଲିମ୍ ଦିଆଯିବା ସହିତ ଆଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଉଛି। ଏଥିରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ପକ୍ଷରୁ ମଧ୍ୟ ଆବଶ୍ୟକ ସହାୟତା ମିଳୁଥିବା ଭାରତୀୟ ଗୋଇନ୍ଦା ବିଭାଗ ପକ୍ଷରୁ କିଛିଦିନ ତଳେ ସତର୍କ ସୂଚନା ଜାରି କରାଯାଇଥିଲା। ଗୋଇନ୍ଦା ରିପୋର୍ଟ ଆଧାରରେ ଏଲ୍‌ଓସିରେ ପାଟ୍ରୋଲିଂ ଏବଂ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।

### ଦୁର୍ଘଟଣାରେ ୭ ମୃତ

**ସିମଲା, ୧୬।୧୧:** ହିମାଚଳପ୍ରଦେଶରେ ମଣ୍ଡି ଜିଲାରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ୭ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ସେମାନେ ବିହାରରୁ କାମ କରିବା ପାଇଁ ସେଠାକୁ ଯାଇଥିଲେ। ସେମାନଙ୍କ ଗାଡ଼ି ଏକ ନଦୀ ମଧ୍ୟକୁ ଖସିପଡ଼ିବାରୁ ଏଭଳି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଅନ୍ୟ ଜଣେ ଆଖିବୁଜିଥିଲେ।

# କଂଗ୍ରେସ ନେତୃତ୍ୱକୁ ସମାଲୋଚନା

**ନୂଆଦିଲ୍ଲୀ, ୧୬।୧୧**



କପିଲ ସିବଲ

- ବିହାର ପରାଜୟ ପରେ ମୁହଁ ଖୋଲିଲେ କପିଲ ସିବଲ
- ଆତ୍ମସମୀକ୍ଷା କଥା ଉଠାଇଲେ କାର୍ତ୍ତି ଚିଦାମ୍ବରମ

ବିହାର ବିଧାନସଭା ନିର୍ବାଚନରେ ମହାମେଣ୍ଟର ପରାଜୟ ପରେ କଂଗ୍ରେସ ନେତୃତ୍ୱକୁ ଦଳ ଭିତରୁ ଓ ବାହାରୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି। ନିର୍ବାଚନରେ ଜୋର୍‌ଦାର ଲଢ଼େଇ କରୁଥିବା ବିରୋଧୀ ମେଣ୍ଟ ସହ କଂଗ୍ରେସର ସବୁଠୁ ଦୁର୍ବଳ ସମ୍ପର୍କ ଥିଲା ବୋଲି ଏହାର ବରିଷ୍ଠ ନେତା କପିଲ ସିବଲ କହିଛନ୍ତି। ଏହି ସଂଗଠନକୁ ପୁନରୁଜ୍ଜୀବିତ କରିବାକୁ ହେଲେ ଅଭିଜ୍ଞ ତଥା ରାଜନୈତିକ ବାସ୍ତବତାକୁ ବୁଝୁଥିବା ଲୋକଙ୍କୁ ଏକାଠି ହେବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଆତ୍ମ ନିରୀକ୍ଷଣର ସମୟ ଶେଷ ହୋଇଛି ବୋଲି ଏହି ପୂର୍ବତନ କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଗତ ଅଗଷ୍ଟରେ ସିବଲଙ୍କ ସମେତ ୨୩ କଂଗ୍ରେସ ନେତା ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖି ସଂଗଠନରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲେ। ଏହାକୁ ନେଇ ଦଳ ଭିତରେ ମତଭେଦ ଦେଖାଦେଇଥିଲା।

ସିବଲ୍ କହିଛନ୍ତି, ସାଂଗଠନିକ, ଗଣମାଧ୍ୟମରେ ସମନ୍ୱୟ ତଥା ବିଭିନ୍ନ ସ୍ତରରେ ଆମକୁ ଭିନ୍ନ ଭିନ୍ନ କାର୍ଯ୍ୟ କରିବାକୁ ହେବ। ଜନସାଧାରଣ ଯାହାଙ୍କ କଥା ଶୁଣିବାକୁ ଚାହାନ୍ତି, ଯିଏ ସକ୍ରିୟ ତଥା ବିଚାରଶୀଳ ନେତୃତ୍ୱ ଦେଇପାରିବେ ସେମାନଙ୍କୁ ଆଗକୁ ଆଣିବାକୁ ହେବ। ବିହାର ବିଧାନସଭା ନିର୍ବାଚନ ସମେତ ବିଭିନ୍ନ ରାଜ୍ୟରେ ହୋଇଥିବା ଉପନିର୍ବାଚନରେ କଂଗ୍ରେସ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ମଧ୍ୟପ୍ରଦେଶ ଓ ଗୁଜରାଟରେ ଦଳ ଭଲ ସ୍ଥିତିରେ ଥିଲେ ମଧ୍ୟ ଉପନିର୍ବାଚନରେ ବିଫଳ ହୋଇଛି। ଯେଉଁଠି ଆମେ ବିକଳ୍ପ ଥିଲୁ ସେଠାରେ ଲୋକେ ଆମ ଉପରେ ଆସ୍ଥା ଜୁଟାଇ ପାରିଲେ ନାହିଁ ବୋଲି ସିବଲ କହିଛନ୍ତି।

ନିର୍ବାଚନରେ ବିଫଳତାର କାରଣ ସମୀକ୍ଷା ହେଉ ନ ଥିବା ଏବଂ ଏନେଇ ଦଳୀୟ ନେତୃତ୍ୱ ଆଲୋଚନା କରିବାକୁ ପ୍ରସ୍ତୁତ ନ ଥିବାରୁ ସିବଲ ନିଜ ମତାମତ ସର୍ବସାଧାରଣରେ ପ୍ରକାଶ କରିବାକୁ ବାଧ୍ୟ ହେଲେ ବୋଲି କହିଛନ୍ତି। ସେ କଂଗ୍ରେସରେ ଅଛନ୍ତି ଓ ରହିବେ। ତେବେ ରାଷ୍ଟ୍ରର ସମସ୍ତ ମୂଲ୍ୟବୋଧକୁ ନଷ୍ଟ କରିଦେଇଥିବା କ୍ଷମତା ଢାଞ୍ଚାର ବିକଳ୍ପ କଂଗ୍ରେସ ଯୋଗାଇଦେବା ଆବଶ୍ୟକ ବୋଲି ସେ ଅନୁରୋଧ କରିଛନ୍ତି। ଏଥିପାଇଁ ଆମକୁ ପ୍ରଥମେ ଅଭିଜ୍ଞ ବୁଦ୍ଧିଜୀବୀ ଓ କାର୍ଯ୍ୟ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରିବାକୁ ହେବ। ଦଳକୁ ମେଣ୍ଟ କରିବାକୁ ହେବ, ଲୋକଙ୍କ ପାଖରେ ପହଞ୍ଚିବାକୁ ହେବ ବୋଲି ବରିଷ୍ଠ କଂଗ୍ରେସ ନେତା କହିଛନ୍ତି। କଂଗ୍ରେସ ପୂର୍ବରୁ ଯାହା ଥିଲା ବର୍ତ୍ତମାନ ତାହା ନାହିଁ। ତେଣୁ ଲୋକମାନେ ଆମ ପାଖକୁ ଆସିବେ, ତାହା ଆଉ ଆଶା କରାଯାଇପାରିବ ନାହିଁ। ବିହାରରେ କଂଗ୍ରେସ ହାରିବା ପାଇଁ ନେତୃତ୍ୱ ଦାୟୀ କି ବୋଲି ପ୍ରଶ୍ନ ହେବାରୁ ସିବଲ ସିଧାସଳଖ ଏହାର ଉତ୍ତର ନ ଦେଇ ଏଡାଇ ଯାଇଥିଲେ।

ବିହାରରେ ଖରାପ ପ୍ରଦର୍ଶନ ପରେ କଂଗ୍ରେସ ଏମ୍‌ପି କାର୍ତ୍ତି ଚିଦାମ୍ବରମ ଦଳରେ ଆତ୍ମସମୀକ୍ଷା କରିବା ଓ ନେତୃବୃନ୍ଦଙ୍କ ସହ ପରାମର୍ଶ କରିବା ଲାଗି ମତ ଦେଇଛନ୍ତି। ଏବେ ଆତ୍ମସମୀକ୍ଷା, ଚିନ୍ତନ, ପରାମର୍ଶ ଓ କାର୍ଯ୍ୟ କରିବା ସମୟ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତି ଟୁଇଟ୍ କରିଛନ୍ତି।

## ଦୋଷ ଲଦିଲା ଆର୍‌ଜେଡି

**ପାଟନା, ୧୬।୧୧**

### ରାହୁଲଙ୍କ ଲାଗି ପିକ୍‌ନିକ୍ ବଡ଼



ଶିବାନନ୍ଦ ତିୱାରୀ

ବିହାର ନିର୍ବାଚନ ଫଳାଫଳକୁ ନେଇ କଂଗ୍ରେସ ଉପରେ ପ୍ରଥମ ଥର ଲାଗି ବର୍ଷିଛି ଆର୍‌ଜେଡି। ଦଳର ପୂର୍ବତନ ଉପାଧ୍ୟକ୍ଷ ଶିବାନନ୍ଦ ତିୱାରୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ନିର୍ବାଚନ ନୁହେଁ ବରଂ ପିକ୍‌ନିକ୍ ରାହୁଲଙ୍କ ଲାଗି ବଡ଼ ବୋଲି ସେ ସମାଲୋଚନା କରି କହିଛନ୍ତି। କଂଗ୍ରେସର ନିର୍ବାଚନରେ ଦୁର୍ବଳ ସ୍ଥିତି ଲାଗି ସେ ରାହୁଲଙ୍କୁ ଦାୟୀ କରିଛନ୍ତି। ନିର୍ବାଚନ ଜୋର୍ ଧରିବାବେଳେ ସେ ଏହାକୁ ଗୁରୁତ୍ୱ ନ ଦେଇ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଓ କଂଗ୍ରେସ ସାଧାରଣ ସମ୍ପାଦକଙ୍କ ସହ ଶିମ୍ଲାରେ ପିକ୍‌ନିକ୍ କରିବା ଠିକ୍ ନ ଥିଲା। ଏଭଳି ଦଳ ଚାଲେନି ବୋଲି ଶିବାନନ୍ଦ ପ୍ରକାଶ କରିଛନ୍ତି। ବିହାରରେ ପ୍ରଚାର ଲାଗି ରାହୁଲ ମାତ୍ର ୩ ଦିନ ଦେଇଛନ୍ତି। ମାତ୍ର ୬ଟି ନିର୍ବାଚନୀ ବୈଠକରେ ଉଦ୍‌ବୋଧନ ଦେଇଛନ୍ତି। ମୋଦି କିନ୍ତୁ ଦିନକୁ ୪ ନିର୍ବାଚନୀ ବୈଠକ କରି ଜନମତକୁ ପ୍ରଭାବିତ କରିଥିଲେ। ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦଙ୍କ ସହଯୋଗୀ ଶିବାନନ୍ଦ ମହାମେଣ୍ଟର ସମନ୍ୱୟ ବୈଠକ ଡାକି ରାହୁଲଙ୍କୁ ଏନେଇ ପ୍ରଶ୍ନ କରିବା ଲାଗି କହିଥିଲେ। ୭୦ ଆସନରେ ପ୍ରାର୍ଥୀ ଦେଇ ସେଭଳି ପ୍ରଚାର ନ କରିବା ମହାମେଣ୍ଟ ଲାଗି ବୁମେରାଂ ହେଲା ବୋଲି ସେ ଅଭିଯୋଗ କରିଛନ୍ତି।

ସେହିଭଳି ପ୍ରିୟଙ୍କା ଗାନ୍ଧୀ ବିହାର ନିର୍ବାଚନରେ ପ୍ରଚାର ନ କରିବା ନେଇ ଶିବାନନ୍ଦ ପ୍ରଶ୍ନ କରିଛନ୍ତି। ପ୍ରକାଶଥାଉ କି, ଆର୍‌ଜେଡି ସର୍ବାଧିକ ଆସନ ପାଇଥିଲେ ହେଁ ଜୁହୁକ ଅଙ୍କ(୧୨୨) ଛୁଇଁପାରି ନ ଥିଲା। କଂଗ୍ରେସର ଦୁର୍ବଳ ସ୍ଥିତି ଯୋଗୁ ମହାମେଣ୍ଟ ବିହାରରେ ସରକାର ଗଠନ କରିବାରେ ବିଫଳ ହୋଇଥିଲା।

## 'ମହାମାରୀ ରୋକିବାରେ ଟିକା ଯଥେଷ୍ଟ ନୁହେଁ'

**ଜେନିଭା, ୧୬।୧୧**

ମହାମାରୀରେ ବର୍ତ୍ତମାନ ସୁଦ୍ଧା ୫.୪ କୋଟି ଲୋକ ଆକ୍ରାନ୍ତ ହେଲେଣି। ୧.୩ ନିୟୁତ ଲୋକ ପ୍ରାଣ ହରାଇଲେଣି। ଏଥିରୁ ମୁକୁଳିବା ଲାଗି ବିଶ୍ୱବ୍ୟାପୀ କରୋନା ଟିକାକୁ ଗୁରୁତ୍ୱ ଦିଆଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ଟିକା ପ୍ରସ୍ତୁତି ଚାଲିଛି। ତେବେ ଟିକା ଦ୍ୱାରା ଯେ ମହାମାରୀକୁ ରୋକିହେବ, କହିବା ଭୁଲ୍ ବୋଲି ସୋମବାର କହିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମୁଖ୍ୟ ଟେଡ୍ରୋସ୍ ଅଧାନମ୍ ଘେବ୍ରେୟେସସ୍।

## ଗିଲ୍‌ଗିଟ୍-ବଲୁଚିସ୍ତାନରେ ପିଟିଆଇର ସଫଳତା

**ଇସ୍‌ଲାମାବାଦ, ୧୬।୧୧**

ଉତ୍ତର ପାକିସ୍ତାନରେ ଅବସ୍ଥିତ ଗିଲ୍‌ଗିଟ୍ ଓ ବେଲୁଚିସ୍ତାନ ନିର୍ବାଚନରେ ଶାସକ ପାକିସ୍ତାନ ତେହେରିକ୍-ଇ-ଇନ୍‌ସାଫ୍ (ପିଟିଆଇ)କୁ ସଫଳତା ମିଳିଛି। ମୋଟ ୨୩ ଆସନରୁ ପିଟିଆଇ ୯ ଆସନ ଜିତିବାରେ ସଫଳ ହୋଇଛି। ଜୁହୁକ ଅଙ୍କ ହାସଲ ଲାଗି ଆଉ ୩ ବିଧାୟକଙ୍କ ଆବଶ୍ୟକତା ରହିଛି। ଭାରତ ପକ୍ଷରୁ ପାକିସ୍ତାନକୁ ଏଠାରେ ବେଆଇନ ଭାବେ ବିଧାନସଭା ନିର୍ବାଚନ ନ କରିବା ଲାଗି କୁହାଯାଇଥିଲା।



ବାୟୁ ପ୍ରଦୂଷଣ ଯୋଗୁ ନୂଆଦିଲ୍ଲୀର ମେଟ୍ରୋ ଷ୍ଟେଶନ ଧୂଆଁମୟ ଦେଖାଯାଉଛି।

## ମେକାନିକାଲ ଇଞ୍ଜିନିୟରରୁ ୭ ଥର ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୧୬।୧୧**



ନୀତୀଶ କୁମାର

ବିହାରର ୨୩ତମ ମୁଖ୍ୟମନ୍ତ୍ରୀ ଭାବେ ଜେଡିୟୁ ନେତା ନୀତୀଶ କୁମାର ସୋମବାର ଶପଥପାଠ କରିଛନ୍ତି। ଲଗାତର ୪ର୍ଥ ଥର ଓ ମୋଟ ୭ମ ଥର ଲାଗି ସେ ବିହାରର ଶାସନ ମଙ୍ଗ ଧରିଛନ୍ତି। ଏଥିସହ କେନ୍ଦ୍ରମନ୍ତ୍ରୀ ଓ ବିଭିନ୍ନ ପଦପଦବୀ ମଧ୍ୟ ସେ ଗ୍ରହଣ କରି ଭାରତୀୟ ରାଜନୀତିର ପ୍ରମୁଖ ଅଙ୍ଗ ପାଲଟିଛନ୍ତି। ୧୯୫୧ ମସିହା ମାର୍ଚ୍ଚ ୧ରେ ବିହାରର ବାଖ୍‌ତିଆରପୁରରେ ଜନ୍ମିତ ନୀତୀଶ ୧୯୭୨ରେ ମେକାନିକାଲ ଇଞ୍ଜିନିୟରିଂ ପାସ୍ କରି ବିହାର ରାଜ୍ୟ ବିଦ୍ୟୁତ ବୋର୍ଡରେ କାର୍ଯ୍ୟାରମ୍ଭ କରିଥିଲେ। ପରେ ସେ ରାଜନୀତିରେ ପାଦ ଦେଇଥିଲେ। ୧୯୭୪ରେ ସେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନରେ ଯୋଗଦେଇ ଜନତା ପାର୍ଟିରେ ସାମିଲ ହୋଇଥିଲେ। ୧୯୭୭ରେ ସେ ପ୍ରଥମ ଥର ଲାଗି ଜନତା ପାର୍ଟି ଟିକେଟରେ ନିର୍ବାଚନ ଲଢ଼ି ପରାଜୟ ଲଭିଥିଲେ। ତେବେ ୧୯୮୫ରେ ସେ ନିର୍ବାଚିତ ହୋଇ ବିଧାନସଭାକୁ ଯାଇ ଆଉ ପଛକୁ ଚାହିଁ ନ ଥିଲେ।

୧୯୮୯ରେ ବିହାର ଜନତା ପାର୍ଟିର ସେ ସାଧାରଣ ସମ୍ପାଦକ ହୋଇଥିଲେ। ୬ ଥର ସେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। କେନ୍ଦ୍ର ମନ୍ତ୍ରଣାଳୟରେ ସେ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ରେଳୱେ, ପରିବହନ, କୃଷି ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ୨୦୦୦ ମସିହାରେ ସେ ପ୍ରଥମ ଥର ଲାଗି ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୦ରେ ସେ ପୁଣି ରାଜ୍ୟ କ୍ଷମତାଭାର ସମ୍ଭାଳିଥିଲେ। ୨୦୧୫ରେ ଆର୍‌ଜେଡି ଓ କଂଗ୍ରେସ ସହ ମେଣ୍ଟକରି ନୀତୀଶ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଚଳିତ ଥର ଭାଜପା ସହ ମେଣ୍ଟକରି ବାଜି ମାରିଥିଲେ। ଲଗାତର ଭାବେ ସେ ବିହାର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟର ୭ ଥର ମୁଖ୍ୟମନ୍ତ୍ରୀ ହେବା ନୀତୀଶଙ୍କ ବଳିଷ୍ଠ ନେତୃତ୍ୱକୁ ଇଙ୍ଗିତ କରୁଛି।

## କଂଗ୍ରେସ ନେତାଙ୍କ ବିରୋଧରେ ଗୋହତ୍ୟା ମାମଲା

**ସାହାରନ୍‌ପୁର, ୧୬।୧୧**

ହରିୟାଣାର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ନିର୍ମଳ ସିଂଙ୍କ ବିରୋଧରେ ଉତ୍ତରପ୍ରଦେଶର ସାହାରନ୍‌ପୁର ଜିଲାରେ ଏକ ଗୋହତ୍ୟା ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏକ ଫାର୍ମହାଉସ୍‌ରେ ୩ ଗାଈଙ୍କୁ ଗୁଳିକରିବା ଓ ଜଣଙ୍କ ମୃତ୍ୟୁ ଘଟିବା ନେଇ ବେହଟ୍ କୋଟ୍‌ୱାଲି ପୋଲିସ ଷ୍ଟେଶନରେ ଅଭିଯୋଗ କରାଯାଇଛି। ଏକାଧିକ ହିନ୍ଦୁ ସଙ୍ଗଠନ ପକ୍ଷରୁ ଏହାର ତୀବ୍ର ବିରୋଧ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହରିୟାଣା-ଉତ୍ତରପ୍ରଦେଶ ସୀମାରେ ଥିବା ମାନ୍ଦିନ୍ ସିଂଙ୍କ ଫାର୍ମହାଉସ୍‌କୁ ପାଣି ପିଇବା ଲାଗି ଗାଈଗୁଡ଼ିକ ଯାଇଥିବାବେଳେ ୩ ଦିନ ତଳେ ଏଭଳି ଘଟଣା ଘଟିଥିଲା। କଂଗ୍ରେସ ନେତା ନିର୍ମଳ ସିଂ ଉକ୍ତ ସମୟରେ ସେଠାରେ ଉପସ୍ଥିତ ଥିଲେ।



ନିର୍ମଳ ସିଂ

## ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ମାଲାବାର ନୌସମରାଭ୍ୟାସ

**ନୂଆଦିଲ୍ଲୀ, ୧୬।୧୧**

ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ମଙ୍ଗଳବାରଠାରୁ ଆରବ ସାଗରରେ ଦ୍ୱିତୀୟ ପର୍ଯ୍ୟାୟ ମାଲାବାର ନୌସମରାଭ୍ୟାସ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ଦୁଇଟି ବିମାନବାହୀ ଯୁଦ୍ଧଜାହାଜ ସାମରିକ ଗୋଷ୍ଠୀ ଓ ଅନ୍ୟାନ୍ୟ ଯୁଦ୍ଧଜାହାଜ ସାମିଲ ହେବେ। ୪ ଦିନ ଚାଲିବାକୁ ଥିବା ଏହି ସମରାଭ୍ୟାସରେ ଭାରତ ମିଗ୍-୨୯କେ ଯୁଦ୍ଧବିମାନ ସହ ୪୪,୫୦୦ ଟନ୍ ଓଜନ ବିଶିଷ୍ଟ ଆଇଏନ୍ଏସ୍ ବିକ୍ରମାଦିତ୍ୟକୁ ନିୟୋଜିତ କରିଛି। ସେହିପରି ଆମେରିକା ଏହାର ଲକ୍ଷେ ଟନ୍ ଆଣବିକ କ୍ଷମତା ବିଶିଷ୍ଟ ୟୁଏସ୍ଏସ୍ ନିମିଜ୍‌କୁ ପଠାଇଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିସ୍ତାରବାଦୀ ଓ ଆକ୍ରମଣାତ୍ମକ ଚାଇନା କବଳରୁ ଅନ୍ତର୍ଜାତୀୟ ନିୟମ ଆଧାରିତ ନିର୍ଦ୍ଦେଶାବଳୀର ସୁରକ୍ଷା ଏହି ନୌସମରାଭ୍ୟାସର ଉଦ୍ଦେଶ୍ୟ।

ମାଲାବାର ନୌସମରାଭ୍ୟାସର ପ୍ରଥମ ପର୍ଯ୍ୟାୟ ବଙ୍ଗୋପସାଗରରେ ନଭେମ୍ବର ପ୍ରଥମର ସପ୍ତାହରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିମାନବାହୀ ରଣତରୀଗୁଡ଼ିକ ସାମିଲ ହେଉଥିବାରୁ ଏହା ପୂର୍ବାପେକ୍ଷା ବଡ଼ ସମରାଭ୍ୟାସ ହେବ ବୋଲି ଭାରତୀୟ ନୌସେନା ମୁଖପାତ୍ର କମାଣ୍ଡର ବିବେକ ମଧୱାଲ କହିଛନ୍ତି।

## ରୁଷିଆ ପ୍ରସ୍ତୁତ ଟିକା ୯୨ ପ୍ରତିଶତ ସଫଳ

**ମସ୍କୋ, ୧୬।୧୧**

### ସହଜ ପରିବହନ ଲାଗି ଫ୍ରିଜ୍-ଡ୍ରାଏଡ୍ ଭାକ୍ସିନ ପ୍ରସ୍ତୁତ ଯୋଜନା

କରୋନା ଟିକାର ସଫଳତାକୁ ନେଇ ବିଭିନ୍ନ ଦେଶ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆମେରିକାର ଫାଇଜର କମ୍ପାନୀ ଟିକା ୯୦ ପ୍ରତିଶତ ସଫଳ ବୋଲି କହିବା ପରେ ରୁଷିଆ ନିଜ ଟିକାର ସଫଳତା ବଖାଣିଛି। ଏହାର ସ୍ପୁଟ୍‌ନିକ୍-ଭି ଟିକା ତୃତୀୟ ପର୍ଯ୍ୟାୟ ପରୀକ୍ଷାର ପ୍ରାରମ୍ଭିକ ଫଳାଫଳ ଅନୁଯାୟୀ ଭୂତାଣୁ ଦମନରେ ୯୨ ପ୍ରତିଶତ ସଫଳ ବୋଲି କମ୍ପାନୀ କହିଛି। ତେବେ ଏନେଇ ବିଶେଷ କିଛି ତଥ୍ୟ ଦିଆଯାଇ ନଥିବାରୁ ବିଶ୍ୱବ୍ୟାପୀ ସଫଳ କରୋନା ଟିକା ଦୌଡ଼ରେ ପଛରେ ପଡ଼ିଯିବା ଆଶଙ୍କାରେ ରୁଷିଆ ଏଭଳି ଘୋଷଣା କରିଥିବା କେତେକ ବିଶେଷଜ୍ଞ କହିଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ଟିକାଗୁଡ଼ିକୁ ଅତ୍ୟନ୍ତ ନିମ୍ନ ତାପମାତ୍ରାରେ ରଖିବାକୁ ପଡୁଥିବାରୁ ସ୍ପୁଟନିକ୍-ଭିର ଫ୍ରିଜ୍ ଡ୍ରାଏଡ୍ ଟିକା ବାହାର କରିବା ଲାଗି ରୁଷିଆ ଯୋଜନା କରିଛି।

## ବାଜି ମାରିଲେ ତାର୍‌କିଶୋର, ରେଣୁ ଦେବୀ

**ପାଟନା, ୧୬।୧୧**





ବିହାରରେ ମୁଖ୍ୟମନ୍ତ୍ରୀ ଭାବେ ପୁଣି ନୀତୀଶ କୁମାର ଦାୟିତ୍ୱ ଗ୍ରହଣ କରିଥିବାବେଳେ ୨ ଜଣ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସେମାନେ ହେଲେ ତାର୍‌କିଶୋର ପ୍ରସାଦ ଓ ରେଣୁ ଦେବୀ। ଏ ଦୁଇ ନେତା ସେଭଳି ନାମକରା ହୋଇ ନ ଥିଲେ ହେଁ ସେମାନଙ୍କ କାର୍ଯ୍ୟଦକ୍ଷତା ଢେର୍ ବେଶୀ। ଦୁହେଁ ୪ ଥର ଲେଖାଏ ବିଧାନସଭାକୁ ବିଜୟୀ ହୋଇ ଆସିଥିବାବେଳେ ସଂଘ ପରିବାର ସହ ସେମାନଙ୍କ ସୁସମ୍ପର୍କ ରହିଆସିଛି।

ଉତ୍ତରପ୍ରଦେଶ ଭଳି ବିହାରରେ ୨ ଜଣ ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ବିହାରର କଟିହାର ଆସନରୁ ତାର୍‌କିଶୋର ୧୦ ହଜାର ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏହି ଆସନରୁ ସେ ଲଗାତର ଚତୁର୍ଥ ଥର ଲାଗି ବାଜିମାତ୍ କରି ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ୨୦୦୫ରେ ସେ ପ୍ରଥମ ଥର ବିଧାନସଭାକୁ ବିଜୟୀ ହୋଇ ଆସିଥିଲେ। ସଂଘ ପରିବାର ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଆସିଛି। ପ୍ଲସ୍ ୨ ସାଇନ୍ସ ପରେ କୃଷି ପ୍ରତି ସେ ଅଧିକ ଆକୃଷ୍ଟ ହୋଇଥିଲେ। କଟିହାର୍‌ରେ ଜଣେ ବ୍ୟବସାୟୀ ଭାବେ ସେ ପରିଚିତ ଥିଲେ। ପରେ ସେ ଭାଜପାରେ ଯୋଗଦେଇ ବିଧାନସଭାକୁ ଆସିଥିଲେ। ଏବେ ସେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନୁରୂପ ଭାବେ ବିହାରର ଉପମୁଖ୍ୟମନ୍ତ୍ରୀ ଭାବେ ଭାଜପା ନେତ୍ରୀ ରେଣୁ ଦେବୀ ସ୍ଥାନ ପାଇଛନ୍ତି। ନୋନିୟା ସମ୍ପ୍ରଦାୟରୁ ଆସି ସେ ୨୦୧୦ରେ ନୀତୀଶ କୁମାରଙ୍କ ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଚମ୍ପାରନ୍‌ର ବେଟିଆ ଆସନରୁ ସେ ୪ ଥର ନିର୍ବାଚିତ ହୋଇଛନ୍ତି। ତାର୍‌କିଶୋରଙ୍କ ଭଳି ରେଣୁ ଦେବୀଙ୍କ ମଧ୍ୟ ଆର୍‌ଏସ୍ଏସ୍ ସହ ସୁସମ୍ପର୍କ ରହିଆସିଛି।

# ସୁସ୍ଥ ହାର ୯୩%ରୁ ଅଧିକ

**ନୂଆଦିଲ୍ଲୀ, ୧୬।୧୧**



- ଦିନକରେ ୩୦,୫୪୮ ଆକ୍ରାନ୍ତ, ୪୩,୮୫୧ ସୁସ୍ଥ
- ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୮.୪୫ ଲକ୍ଷ
- ଦିଲ୍ଲୀ ସ୍ଥିତି ଭୟଙ୍କର: ଲାଗୁହେବନି ଲକ୍‌ଡାଉନ୍

ମହାମାରୀ କରୋନା ସଂକ୍ରମଣ ସ୍ଥିତିରେ ଆସ୍ତେ ଆସ୍ତେ ସୁଧାର ଆସୁଛି। ଦୀପାବଳି ପରେ ସଂକ୍ରମିତଙ୍କ ସଂଖ୍ୟା ଯଥେଷ୍ଟ କମିଛି। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୩୦,୫୪୮ ଜଣ ସଂକ୍ରମିତ ହୋଇଥିବାବେଳେ ୪୩, ୮୫୧ ଜଣ ସୁସ୍ଥ ହୋଇଛନ୍ତି। ଦିନକରେ ୫୦୦ରୁ କମ୍ ଲୋକ ମଧ୍ୟ ପ୍ରାଣ ହରାଇଥିବା ଜଣାପଡ଼ିଛି। ଗତ ଜୁଲାଇ ପରଠାରୁ ଗୋଟିଏ ଦିନରେ ସବୁଠାରୁ କମ୍ ଲୋକ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏବେ ଦେଶରେ ସୁସ୍ଥ ହାର ୯୩%ରୁ ଅଧିକ ରହିଛି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୮,୪୫,୧୨୭ ରହିଥିବାବେଳେ ଆରୋଗ୍ୟଙ୍କ ସଂଖ୍ୟା ବଢ଼ି ୮୨.୫୪ ଲକ୍ଷରେ ପହଞ୍ଚିଛି। ସଂକ୍ରମିତଙ୍କ ସଂଖ୍ୟା ୫ ହଜାରରୁ କମ୍ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି।

୧୨ କୋଟି ୫୬ ଲକ୍ଷ ଲୋକଙ୍କ ସାମ୍ପଲ ଟେଷ୍ଟ କରାଯାଇଥିବା ଇଣ୍ଡିଆନ୍ କାଉନ୍‌ସିଲଏଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) ପକ୍ଷରୁ ଦର୍ଶାଯାଇଛି। ସବୁଠାରୁ ଅଧିକ ସଂକ୍ରମିତ( ୧୭.୪୮ ଲକ୍ଷ) ମହାରାଷ୍ଟ୍ରରେ ଦେଖିବାକୁ ମିଳିଥିବାବେଳେ କର୍ନାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, ଉତ୍ତରପ୍ରଦେଶରେ ମଧ୍ୟ ସଂକ୍ରମଣ ସ୍ଥିତି ଜଟିଳ ରହିଥିଲା। ରାଜଧାନୀ ଦିଲ୍ଲୀରେ ଏହା ୪.୮୫ ଲକ୍ଷରେ ପହଞ୍ଚିଛି। ଏଠାରେ ତୃତୀୟ ସଂକ୍ରମଣ ସ୍ଥିତି ଦେଖାଦେଇଥିବାବେଳେ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଗତ ୧୧ ତାରିଖରେ ଏଠାରେ ଗୋଟିଏ ଦିନରେ ୮,୫୯୩ ଜଣ କରୋନା ଆକ୍ରାନ୍ତ ହୋଇଥିଲେ। ଗତ ୩ ସପ୍ତାହ ଧରି ଏଠାରେ ଭୂତାଣୁ ନାକେଦମ୍ କରି ରଖିଛି। ଏହା ସତ୍ତ୍ୱେ ଦିଲ୍ଲୀରେ ପୁଣି ଲକ୍‌ଡାଉନ୍ ଘୋଷଣା କରାଯିବ ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ୍ କହିଛନ୍ତି। ବାୟୁ ପ୍ରଦୂଷଣ ସହ ସେଠାରେ ଶୀତ ବଢୁଥିବାରୁ ପରିସ୍ଥିତି ଅଧିକ ବିଗିଡ଼ିବା ଆଶଙ୍କା ରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୫୦,୧୭,୦୬୧ | ୧୩,୨୭,୩୩୪ | ୩,୮୨,୭୪,୦୭୦ |
| ଭାରତ | ୮୮,୬୮,୪୨୯ | ୧,୩୦,୪୧୭ | ୮୨,୮୨,୦୦୯ |
| ଓଡ଼ିଶା | ୩,୦୯,୪୦୮ | ୧୫୪୩(+୫୩) | ୨,୯୯,୧୫୯ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଶୀତ ଅଧିବେଶନ ଲାଗି ଆଜିଠୁ କରୋନା ପରୀକ୍ଷା

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ):** ବିଧାନସଭା ଶୀତ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଏହା ପୂର୍ବରୁ ଗତଥର ମୌସୁମୀ ଅଧିବେଶନ ଭଳି ଏଥର ମଧ୍ୟ ବିଧାନସଭା ସଦସ୍ୟ ଏବଂ ସେମାନଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଓ ଡ୍ରାଇଭରଙ୍କ କୋଭିଡ୍ ପରୀକ୍ଷା କରାଯିବ। ଏହା ମଙ୍ଗଳବାରରୁ ଆରମ୍ଭ ହେବ। ସକାଳ ୮ଟା ୩୦ରୁ ପ୍ରଥମ ପର୍ଯ୍ୟାୟ ଆର୍‌ଟିପିସିଆର ଟେଷ୍ଟ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ୧୮ ଏବଂ ୧୯ ତାରିଖରେ ମଧ୍ୟ ପରୀକ୍ଷା କରାଯିବ। ଏଥିରେ ବିଧାନସଭା କର୍ମଚାରୀ ଓ ଖବରଦାତାମାନଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ ବୋଲି ବାଚସ୍ପତି ସ୍ପଷ୍ଟ କରିଛନ୍ତି। ଏଥିଲାଗି କ୍ୟାପିଟାଲ ହସ୍ପିଟାଲର ଏକ ଡାକ୍ତରୀ ଟିମ୍ ରହିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟସବୁ ବ୍ୟବସ୍ଥା ଲାଗି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ବାଚସ୍ପତି ନିର୍ଦ୍ଦେଶ ହୋଇଛି।

### ଲାଞ୍ଚ ନେଇ ତହସିଲଦାର ଗିରଫ

**ସୋନପୁର/ତରଭା, ୧୬।୧୧(ନି.ପ୍ର./ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ତରଭା ତହସିଲଦାର ତଥା ଭାରପ୍ରାପ୍ତ ସବ୍‌ରେଜିଷ୍ଟ୍ରାର ସୁବ୍ରତ କୁମାର ବେହେରା ଭିଜିଲାନ୍ସ ଦ୍ୱାରା ସୋମବାର ଗିରଫ ହୋଇଛନ୍ତି। ମଙ୍ଗଳବାର ତାଙ୍କୁ ବଲାଙ୍ଗୀର ଭିଜିଲାନ୍ସ କୋର୍ଟରେ ହାଜର କରାଯିବ। ବେହେରା ତରଭା ଥାନା ଘାଟକଇଁତରା ଅଞ୍ଚଳର କାହ୍ନୁଚରଣ ଦାଶଙ୍କ ଜମି ରେଜିଷ୍ଟ୍ରେସନ କରିବା ପାଇଁ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କାହ୍ନୁଚରଣ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ସୋମବାର ରାତି ପ୍ରାୟ ୮ଟା୧୫ରେ ତହସିଲଦାର ନିଜ ସରକାରୀ ବାସଭବନରେ ଲାଞ୍ଚ ଟଙ୍କା ଗ୍ରହଣ କରିଥିଲେ। ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ତାଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ରାସାୟନିକ ପ୍ରଲେପ ଥିବା ୪୦ଖଣ୍ଡ ପାଞ୍ଚ ଶହ ଟଙ୍କିଆ ନୋଟ ଜବତ ହୋଇଛି। ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା(ନଂ.୨୯/୨୦)ରୁଜୁ ହୋଇଛି। ତରଭା ରେଜିଷ୍ଟ୍ରି ଅଫିସ ଓ ତହସିଲଦାର ବେହେରାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ତନଖି ଜାରୀ ରହିଛି । ତହସିଲଦାର ବେହେରା ମାତ୍ର କେଇ ମାସ ପୂର୍ବରୁ ଏଠାରେ ଯୋଗଦାନ କରିଥିଲେ। ସମ୍ବଲପୁର ଡିଏସ୍‌ପି ଦାଶରଥି ସେଠୀ, ସୋନପୁରର ଭାରପ୍ରାପ୍ତ ଡିଏସ୍‌ପି କାଦମ୍ବିନୀ ସାମଲ, ଇନ୍ସପେକ୍ଟର ସଦାନନ୍ଦ ପାଣି ଓ ତୁଷାର ମହାପାତ୍ର ଏହି ଚଢାଉରେ ସାମିଲ ଥିଲେ।

# ହୋମ୍ ଷ୍ଟେ'କୁ ପ୍ରୋତ୍ସାହନ ଦେବେ ସରକାର

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ରାଜ୍ୟରେ ପର୍ଯ୍ୟଟନର ବିକାଶ ଲାଗି ପରିବେଶ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ହୋମ୍ ଷ୍ଟେ' ବ୍ୟବସ୍ଥା ହେବ। ଏହାକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବେ। ସୋମବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ପରିବେଶ ପର୍ଯ୍ୟଟନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ତ୍ରିପାଠୀ ଏହି ଅବସରରେ ହୋଟେଲ ନେଟ୍‌ୱର୍କ ନ ଥିବା ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ହୋମ୍ ଷ୍ଟେ' ସୁବିଧା ଉପଲବ୍ଧ କରିବାକୁ ପର୍ଯ୍ୟଟନ ସଚିବ ବିଶାଳ ଦେବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସମୟରେ ପର୍ଯ୍ୟଟନ କ୍ଷେତ୍ରରେ ନେଚର ଟ୍ରେଲ୍‌ର ଚାହିଦା ସବୁଠାରୁ ଅଧିକ ରହିଥିବାବେଳେ ଓଡ଼ିଶା ନିକଟରେ ଭରପୂର ପ୍ରାକୃତିକ ପରିବେଶ ରହିଛି। ତେଣୁ ହୋମ୍ ଷ୍ଟେ' ଗୁଡ଼ିକରେ ପର୍ଯ୍ୟଟକଙ୍କୁ ଉନ୍ନତମାନର ଆତିଥ୍ୟ ସହ ସ୍ୱଚ୍ଛ ପରିବେଶ, ସୁରକ୍ଷା ବ୍ୟବସ୍ଥା ଆଦି ଯୋଗାଇଦେବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

ଏୟାର ବିଏନ୍‌ବି, ଓୟୋ ଏବଂ ମେକ୍ ମାଇଁ ଟ୍ରିପ୍ ଭଳି ଅନ୍‌ଲାଇନ୍ ଟ୍ରାଭେଲ ଆଗ୍ରେଗେଟର୍ସ ସାଇଟ୍‌ଗୁଡ଼ିକରେ ଏହି ହୋମ୍ ଷ୍ଟେ'ଗୁଡ଼ିକୁ ଲିଙ୍କ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ହୋମ୍ ଷ୍ଟେ' ବ୍ୟବସ୍ଥା ସ୍ଥାନୀୟ ଅଞ୍ଚଳରେ ଉଦ୍ୟୋଗ ଓ ଶିଳ୍ପକୁ ପ୍ରୋତ୍ସାହିତ କରିବ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ହୋମ୍ ଷ୍ଟେ' ୟୁନିଟ୍ ମାଲିକ ଏବଂ ସରକାରୀ ଅଧିକାରୀଙ୍କୁ ସ୍ୱତନ୍ତ୍ରଭାବେ ପ୍ରଶିକ୍ଷଣ ଦେବାକୁ ପର୍ଯ୍ୟଟନ ଏବଂ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟଟକମାନେ ଯେପରି ଓଡ଼ିଶାର ପାରମ୍ପରିକ ଖାଦ୍ୟ, ଏଠାକାର କଳା, ସଂସ୍କୃତି ଏବଂ ସାମାଜିକ ଚଳଣି ଆଦିକୁ ଅନୁଭବ କରିପାରିବେ, ସେନେଇ ହୋମ୍ ଷ୍ଟେ' ମାଲିକମାନଙ୍କୁ ପ୍ରଶିକ୍ଷଣ ଦିଆଯିବାକୁ କୁହାଯାଇଛି।


୨୦୨୧-୨୨ ଆର୍ଥିକବର୍ଷରୁ ୧୦ବର୍ଷ ପାଇଁ ହୋମ୍ ଷ୍ଟେ' ଯୋଜନାର ପ୍ରଚାର ପ୍ରସାର କରିବାକୁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ହୀରକ ତ୍ରିଭୁଜ ତଥା ବୁଦ୍ଧିଷ୍ଟ ସର୍କିଟ(ରତ୍ନଗିରି-ଉଦୟଗିରି-ଲଳିତଗିରି), କୋରାପୁଟ ଜିଲାର ଓଙ୍କାଡେଲି, କେନ୍ଦ୍ରାପଡ଼ା ଜିଲାର ଭିତରକନିକା ଜାତୀୟ ଉଦ୍ୟାନ, ଖୋଲା, ଗୁପ୍ତି, ଡାଙ୍ଗମାଳ, କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି, ବେଲଘର, ମୟୂରଭଞ୍ଜର ଶିମିଳିପାଳ, ଯଶିପୁର, ପିଠାବାଟ, ଅନୁଗୋଳ ଜିଲାର ଟିକରପଡ଼ା, ସାତକୋଶିଆ, ଖୋର୍ଦ୍ଧାର ମଙ୍ଗଳାଯୋଡ଼ି ଓ ଚିଲିକା ଏବଂ ବରଗଡ଼ ଜିଲାର ଡୋଡ୍ରୋକୁସୁମ ଓ ଜିରୋ ପିଣ୍ଟରେ ପ୍ରଥମ ପର୍ଯ୍ୟାୟରେ ହୋମ୍ ଷ୍ଟେ' ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ। ଏହି ଅଞ୍ଚଳରେ ଯେଉଁ ବ୍ୟକ୍ତିବିଶେଷ ହୋମ୍ ଷ୍ଟେ' ନିମନ୍ତେ ଆଗ୍ରହ ଦେଖାଇବେ ସେମାନଙ୍କୁ ରାଜ୍ୟ ସରକାର ପ୍ରତିବର୍ଷ ଆର୍ଥିକ ସହାୟତା ଯୋଗାଇଦେବେ। ପ୍ରଥମ ପର୍ଯ୍ୟାୟରେ ୮୦ଜଣ ହୋମ୍ ଷ୍ଟେ' ମାଲିକଙ୍କୁ ଏହି ସୁବିଧା ମିଳିବ। ସେହିଭଳି ପ୍ରତି ହୋମ୍ ଷ୍ଟେ'ରେ ୧ରୁ ୬ଟି ରୁମ୍ ପର୍ଯ୍ୟଟକଙ୍କ ପାଇଁ ଉପଲବ୍ଧ ରହିବ। ମାଲିକ ଏବଂ ତାଙ୍କ ପରିବାର ରହୁଥିବା ଘର ପରିସରରେ ହିଁ ଏହି ରୁମ୍‌ଗୁଡ଼ିକ ରହିବା ସହ ପର୍ଯ୍ୟଟକଙ୍କ ଆତିଥ୍ୟ ଚର୍ଚ୍ଚାରେ ମଧ୍ୟ ସେମାନେ ନିଜେ ସହଯୋଗ କରିବେ। ରୁମ୍‌ଗୁଡ଼ିକ ଲାଗି ଆବଶ୍ୟକ ସମସ୍ତ ଆସବାବପତ୍ର ଏବଂ ଭିତ୍ତିଭୂମି ସଜାଡ଼ିବାରେ ସରକାରଙ୍କ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ତ୍ରିପାଠୀ କହିଥିଲେ।

ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ମଙ୍ଗଳାଯୋଡ଼ି ଓ ଡାଙ୍ଗମାଳରେ ଥିବା ହୋମ୍ ଷ୍ଟେ' ପର୍ଯ୍ୟଟକଙ୍କ ଦ୍ୱାରା ବିଶେଷଭାବେ ଆଦୃତ ହୋଇଛି। ଏଭଳି ରହଣି ସୁବିଧା ଯଦି ଅନ୍ୟ ପର୍ଯ୍ୟଟନସ୍ଥଳୀରେ ମିଳେ, ତା'ହେଲେ ଅଧିକ ପର୍ଯ୍ୟଟକଙ୍କ ଆଗମନ ହେବାସହ ସ୍ଥାନୀୟ ଅଞ୍ଚଳର ଆର୍ଥିକ ସ୍ଥିତିରେ ମଧ୍ୟ ଉନ୍ନତି ଆସିପାରିବ। ଏହାଦ୍ୱାରା ଅଞ୍ଚଳବାସୀଙ୍କୁ ରୋଜଗାରର ଦୀର୍ଘକାଳୀନ ପନ୍ଥା ମିଳିପାରିବ ବୋଲି ସେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଡ. ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା, ପିସିସିଏଫ୍(ୱାଇଲ୍ଡଲାଇଫ୍) ହରିଶଙ୍କର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

**ପର୍ଯ୍ୟଟନ ବିକାଶ ପାଇଁ ନୂଆ ନିଷ୍ପତ୍ତି**



- ୧୦ବର୍ଷ ପାଇଁ କାର୍ଯ୍ୟକ୍ଷମ ହେବ ଯୋଜନା
- ଆଭ୍ୟନ୍ତରୀଣ ଅଞ୍ଚଳରେ ମିଳିବ ଆର୍ଥିକ ସହାୟତା
- ପ୍ରଥମ ପର୍ଯ୍ୟାୟରେ ୮୦ ହୋମ୍ ଷ୍ଟେ' ମାଲିକଙ୍କୁ ମିଳିବ ସୁବିଧା



### ଅଚଳ ଖାତାକୁ କାର୍ଯ୍ୟକ୍ଷମ କରାଯାଉ: କଂଗ୍ରେସ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଫନୀ ବାତ୍ୟାକୁ ଦେଢ଼ ବର୍ଷ ବିତି ଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ପିପିଲି, ଡେଲାଙ୍ଗ ଅଞ୍ଚଳରେ କୌଣସି ବାସହରାଙ୍କୁ ଗୃହ ଯୋଗାଇ ଦିଆଯାଇ ନାହିଁ। ବିନା କାରଣରେ ହଜାର ହଜାର କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦୀର୍ଘ ସମୟ ଧରି ଅଚଳ କରିଦିଆ ଯାଇଛି। ଏନେଇ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜୀବ ଭବନରେ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନାଙ୍କୁ ଭେଟି ଏ ବାବଦରେ ଜଣାଇଛନ୍ତି। ବ୍ୟାଙ୍କ ଖାତାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଏବଂ ହିତାଧିକାରୀ ତାଲିକାରେ ସ୍ଥାନ ପାଇ ନ ଥିବା କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବା ଦାବିରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ପ୍ରତିନିଧି ଦଳ ପକ୍ଷରୁ ଅଭିଯୋଗ ହୋଇଛି ୨୦୧୯ ମେରେ ହୋଇଥିବା ବାତ୍ୟାରେ ବହୁ ପରିବାର ବାସହରା ହୋଇଥିଲେ। ଦେଢ଼ ବର୍ଷ ହେବ ପିପିଲି, ଡେଲାଙ୍ଗ ୨ ତହସିଲରେ ଘରଭଙ୍ଗା ସର୍ଭେ କାମ ଚାଲିଛି। ଯାହା ସୂଚନା ଅଧିକାରୀ ଆଇନ୍ ଦ୍ୱାରା ପ୍ରାପ୍ତ ତଥ୍ୟ ବୟାନ କରୁଛି। ପ୍ରାଥମିକ ତଦନ୍ତ ପରେ ଘର ଭାଙ୍ଗିଥିବା ଲୋକଙ୍କୁ ଯେଉଁ ସହାୟତା ରାଶି ସରକାର ଦେଇଥିଲେ, ଏବେ ସେଥିରୁ ବହୁ ହିତାଧିକାରୀଙ୍କ ଖାତାକୁ ଅଚଳ କରି ରଖାଯାଇଛି। ଦଳୀୟ ଭିତ୍ତିରେ ସେହି ବ୍ୟାଙ୍କ ଖାତାକୁ କାର୍ଯ୍ୟକ୍ଷମ କରାଯାଉଛି।

# ଦିନକରେ ୭୪୯ ଚିହ୍ନଟ, ୧୬ ମୃତ, ୧,୨୯୭ ସୁସ୍ଥ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

**ସୁନ୍ଦରଗଡ଼ରୁ ସର୍ବାଧିକ ୫ ମୃତ**

ରାଜ୍ୟରେ ଦିନକରେ ଆଉ ୭୪୯ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୪୩୭ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୩୧୨ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୮୮ଜଣ ପଜିଟିଭ୍ ବାହାରିଛନ୍ତି। ତେବେ ଦେବଗଡ଼, ସୋନପୁର ଓ ରାୟଗଡ଼ାରୁ ସର୍ବନିମ୍ନ ୨ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୯,୪୦୮ରେ ପହଞ୍ଚିଛି। ଅନ୍ୟପଟେ ରାଜ୍ୟରେ ଆଉ ୧୬ଜଣଙ୍କର କରୋନାରେ ଜୀବନ ଯାଇଛି। ସୁନ୍ଦରଗଡ଼ରୁ ସର୍ବାଧିକ ୫ଜଣ ଥିବାବେଳେ ବରଗଡ଼ରୁ ୩, ଝାରସୁଗୁଡ଼ାରୁ ୨, ଦେବଗଡ଼, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼, ପୁରୀ ଓ ସମ୍ବଲପୁରରୁ ଜଣେ ଲେଖାଏ ମରିଛନ୍ତି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୫୪୩କୁ ବୃଦ୍ଧି ପାଇଛି।



ଗୋଟିଏ ପଟେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ଖୁସି ଦେଉଥିବାବେଳେ ଅନ୍ୟପଟେ ଦୈନିକ ହଜାର ହଜାର ଆକ୍ରାନ୍ତଙ୍କ ଆରୋଗ୍ୟ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେଉଛି। ଶେଷ ୨୪ଘଣ୍ଟାରେ ମଧ୍ୟ ୧,୨୯୭ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨,୯୯,୧୫୯ ଛୁଇଁଛି।

### ପୋଷ୍ଟ ଅଫିସ୍ ଜମାଖାତାରେ ୫୦୦ଟଙ୍କାରୁ କମ୍ ରହିଲେ ସର୍ଭିସ୍ ଚାର୍ଜ ଲାଗିବ

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ):** ଏଣିକି ପୋଷ୍ଟ ଅଫିସ ଜମାଖାତାରେ ଗଚ୍ଛିତ ଜମା ରାଶି ୫୦୦ ଟଙ୍କାରୁ କମ୍ ରହିଲେ ସର୍ଭିସ୍ ଚାର୍ଜ ଲାଗୁ ହେବ। ଏ ବାବଦକୁ ଜମା ଖାତାରୁ ବାର୍ଷିକ ୧୦୦ ଟଙ୍କା କଟାଯିବ। ଯଦି ଗଚ୍ଛିତ ଜମା ରାଶି ଶୂନ ହୋଇଯିବ, ତେବେ ଉକ୍ତ ଖାତା ଆପେ ବନ୍ଦ ହୋଇଯିବ। ଏ ସମ୍ପର୍କରେ ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ଓଡ଼ିଶା ପରିମଣ୍ଡଳ ସୂଚନା ଦେଇଛି। ଜମାକାରୀମାନେ ସେମାନଙ୍କ ଜମା ଖାତାର ଗଚ୍ଛିତ ଜମା ପରିମାଣକୁ ପରଖି ନିଅନ୍ତୁ। ଯଦି କାହାର ୫୦୦ଟଙ୍କାରୁ କମ୍ ରହିଛି, ତେବେ ଆବଶ୍ୟକ ଟଙ୍କା ଜମା କରିଦେବାକୁ ଜମାକାରୀଙ୍କୁ ଅନୁରୋଧ କରାଯାଇଛି। ୨୦୧୯ ଡିସେମ୍ବର ୧୨ରେ ଭାରତ ସରକାରଙ୍କ ବିଜ୍ଞପ୍ତି ସଂଖ୍ୟା ଜିଏସ୍‌ଆର୍ ନଂ ୯୧୪ ଅନୁଯାୟୀ, ଜମା ଖାତାରେ ଗଚ୍ଛିତ ଜମା ୫୦୦ଟଙ୍କାରୁ କମ୍ ହୋଇପାରିବ ନାହିଁ। ଆସନ୍ତା ଡିସେମ୍ବର ୧୧ରୁ ଏହା ଲାଗୁ ହେବ ବୋଲି ସୂଚନା ଦିଆଯାଇଛି।

# 'ଧାନ ବିକ୍ରି ଉପରେ ନଜର ରଖ'

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

**ଜିଲାପାଳଙ୍କୁ ଚିଠି ଦ୍ୱାରା ଖାଦ୍ୟ ଯୋଗାଣ ବିଭାଗର ନିର୍ଦ୍ଦେଶ**

ରାଜ୍ୟର ସୀମାବର୍ତ୍ତୀ ଜିଲାଗୁଡ଼ିକରେ ଖରିଫ ଧାନ ସଂଗ୍ରହ ନଭେମ୍ବର ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଛି। ଅସାଧୁ ବ୍ୟବସାୟୀଙ୍କ ମାଧ୍ୟମରେ ଚାଷୀ ପଡ଼ୋଶୀ ଛତିଶଗଡ଼ରୁ ଧାନ ଆଣି ଜିଲାର ଧାନସଂଗ୍ରହ କେନ୍ଦ୍ରରେ ଯେପରି ବିକ୍ରି କରି ନ ପାରିବେ ସେଥିଲାଗି ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସୋମବାର ଚିଠିଦ୍ୱାରା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚଳିତ ଖରିଫ ଧାନ ସଂଗ୍ରହ ସମୟରେ ଧାନ ବେପାରୀ ସୀମାବର୍ତ୍ତୀ ଛତିଶଗଡ଼ରୁ ଧାନ କିଣି ଜିଲାର ସଂଗ୍ରହ କେନ୍ଦ୍ରରେ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିବାର ସମ୍ଭାବନା ରହିଛି। ତେଣୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ବରଗଡ଼, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ନବରଙ୍ଗପୁର ଜିଲାର ଜିଲାପାଳଙ୍କୁ ପତ୍ର ଲେଖି ବେନିୟମ ଧାନ ବିକ୍ରି ରୋକିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ କୁହାଯାଇଛି। ଖରିଫ୍ ଧାନ ସଂଗ୍ରହ କେବଳ ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କଠାରୁ ଆଗୁଆ ଟୋକନ ଦେବା ପାଇଁ କୁହାଯାଇଛି। ପଡ଼ୋଶୀ ରାଜ୍ୟରୁ ବେଆଇନ ଧାନ ଯେପରି ଜିଲାର ସଂଗ୍ରହ କେନ୍ଦ୍ର ମଧ୍ୟକୁ ପ୍ରବେଶ ନ କରିପାରିବ ସେଥିପ୍ରତି ଦୃଷ୍ଟି ଦେବା ସହିତ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିଲାଗି ଜିଲାସ୍ତରରେ ଏବଂ ସବ୍‌ଡିଭିଜନ୍‌ସ୍ତରରେ ସ୍କ୍ୱାଡ୍ ଗଠନ କରି ଧାନ ଚାଲାଣ ଯାଞ୍ଚ କରିବା ପାଇଁ କୁହାଯାଇଛି। ଏଥି ସହିତ ଅସାଧୁ ଧାନ ବେପାରୀ ଓ ମିଲରଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପତ୍ରରେ ଉଲ୍ଲେଖ କରାଯାଇଛି।

# ଏସ୍‌ଡିଆର୍‌ଏଫ୍‌ରୁ ଖର୍ଚ୍ଚ ହେବ ୨୨୦୦ କୋଟି

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

**ବିପର୍ଯ୍ୟୟ ପରିଚାଳନା**
**କେନ୍ଦ୍ରରୁ ମିଳିଛି ୮୬୯ କୋଟି**

ବାତ୍ୟା, ବନ୍ୟା ମୁକାବିଲା ପାଇଁ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏସ୍‌ଡିଆର୍‌ଏଫ୍)ରୁ ରାଜ୍ୟ ସରକାର ୨୨୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଛନ୍ତି। ସେଥିରୁ ୪୦ ପ୍ରତିଶତ ରିଲିଫ୍, ୩୦ ପ୍ରତିଶତ ପୁନରୁଦ୍ଧାର, ଥଇଥାନ, ରାସ୍ତାଘାଟ ମରାମତି, ୨୦ ପ୍ରତିଶତ ମଧ୍ୟମ ଓ ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଖର୍ଚ୍ଚ କରାଯିବ। ୧୦ପ୍ରତିଶତ ଅର୍ଥ ଓଡିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ)ର ଆଧୁନିକୀକରଣ ଦିଗରେ ଖର୍ଚ୍ଚ କରାଯିବ। ଚଳିତ ବର୍ଷ ୨୧୪୦ କୋଟିରୁ ଏସଡିଆରଏଫକୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନଡିଆର୍‌ଏଫ୍)ରୁ ଏ ପର୍ଯ୍ୟନ୍ତ ୮୬୯ କୋଟି ଟଙ୍କା ମିଳିଛି। ରାଜ୍ୟର ଅଂଶଧନକୁ ମିଶାଇଲେ ଏ ପର୍ଯ୍ୟନ୍ତ ମୋଟ ୧୦୭୦ କୋଟି ଟଙ୍କା ଏସଡିଆରଏଫକୁ ମିଳିଛି। ସେଥିରୁ ଚଳିତ ବର୍ଷ କୋଭିଡ-୧୯ ମହାମାରୀ କ୍ଷେତ୍ରରେ ଅଧିକାଂଶ ଅର୍ଥ ଖର୍ଚ୍ଚ କରାଯାଇଥିବା ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

# ସରକାରୀ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ବିରୋଧ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

**ଗଣଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର ଦାବି**

- ଜନଆନ୍ଦୋଳନ କରିବ ଅଭିଭାବକ ମହାସଂଘ
- ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ : ଓଷ୍ଟା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମ୍ ପିଲା ଥିବା ପ୍ରାୟ ୧୫ହଜାର ସରକାରୀ ସ୍କୁଲ ବନ୍ଦ ଓ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛି। ଏହାକୁ ତୀବ୍ର ବିରୋଧ କରିଛି ଓଡ଼ିଶା ଅଭିଭାବକ ମହାସଂଘ। ଶିକ୍ଷା ବିଭାଗ ଇତିହାସରେ ଏହା ଏକ କଳଙ୍କିତ ଅଧ୍ୟାୟ କହିବା ସହ ତୁରନ୍ତ ଗଣଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛି ମହାସଂଘ।

ମହାସଂଘ କହିଛି, ବନ୍ଦ କରାଯାଉଥିବା ଏହିସବୁ ସ୍କୁଲକୁ ସରକାର କରି ନ ଥିଲେ। ସେହି ଅଞ୍ଚଳର ବୁଦ୍ଧିଜୀବୀମାନେ ଶିକ୍ଷାର ଅଭିବୃଦ୍ଧି ଓ ଆଞ୍ଚଳିକ ବିକାଶକୁ ଅନୁଭବ କରି ନିଜ ଶ୍ରମ, ଧନ ଓ ଜମି ଦେଇ ସ୍କୁଲ୍ ପ୍ରତିଷ୍ଠା କରିବା ସହ ବହୁ କଷ୍ଟରେ ଚଳାଇଥିଲେ। ପରବର୍ତ୍ତୀ ସମୟରେ ସରକାର ସେସବୁକୁ ନିଜ ଅଧୀନକୁ ନେଇଥିଲେ। ସବୁଠାରୁ ପରିତାପର ବିଷୟ ହେଲା ସରକାରୀ ସ୍କୁଲ ନିକଟରେ ଥିବା ବିନା ସରକାରୀ ଅନୁବନ୍ଧିତ ତଥା ସିଓଆର ଓ ଏନ୍‌ଓସି ନ ଥିବା ସ୍କୁଲଗୁଡ଼ିକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହାକୁ କାର୍ଯ୍ୟକାରୀ ନ କରି ଓଲଟା ଅଗଣତାନ୍ତ୍ରିକ ଭାବେ ସରକାରୀ ସ୍କୁଲ ବନ୍ଦ କରିଦେଉଛନ୍ତି। ସେପଟେ ପୁଣି ଥରେ ନୂତନ ଘରୋଇ ସ୍କୁଲଗୁଡ଼ିକ ସିଓଆର ପାଇଁ ଆବେଦନ କରିବାକୁ ଗଣଶିକ୍ଷା ବିଭାଗ ଚିଠି କରିଛି। ଏହା କେବଳ ଶିକ୍ଷାକୁ ବ୍ୟବସାୟୀକରଣ କରିବାର ଏକ ହୀନ ଚକ୍ରାନ୍ତ। ଏଥିରୁ ଘରୋଇ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ସହ ଭିତିରି ବୁଝାମଣା ଓ ଭାଗୀଦାରିତାର ବିରାଟ ଗନ୍ଧ ବାରି ହେଉଛି ବୋଲି ମହାସଂଘ ଅଭିଯୋଗ କରିଛି। ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ନିର୍ଦ୍ଦେଶକୁ ପ୍ରତ୍ୟାହାର ପାଇଁ ଆଦେଶ ଦିଅନ୍ତୁ ଓ ବେଆଇନ ଘରୋଇ ସ୍କୁଲଗୁଡ଼ିକ ବରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଯଦି ନିଷ୍ପତ୍ତି ପ୍ରତ୍ୟାହାର କରା ନ ଯାଏ ତେବେ ମହାସଂଘ ପକ୍ଷରୁ ବନ୍ଦ ହେଉଥିବା ସେହି ସ୍କୁଲର ଗାଁକୁ ଯାଇ ଅଭିଭାବକଙ୍କୁ ନେଇ ଏକ ଜନ ଆନ୍ଦୋଳନ କରାଯିବ ବୋଲି ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହି ଅବସରରେ ମହାସଂଘର ସାଧାରଣ ସମ୍ପାଦକ ଅଶୋକ ପାଇକରାୟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଭୁମୋହନ ପଟ୍ଟନାୟକ, ସତ୍ୟବ୍ରତ ପରିଜା ଓ ଶଙ୍କର୍ଷଣ ସାମନ୍ତରାୟ ଉପସ୍ଥିତ ରହି ସ୍କୁଲ୍ ବନ୍ଦ ବିରୋଧରେ ସ୍ୱର ଉଠାଇଥିଲେ।

ସେପଟେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମଧ୍ୟ ଏହାକୁ ବିରୋଧ କରାଯାଇଛି। ବିଦ୍ୟାଳୟ ଭାଙ୍ଗିବା ବା ବନ୍ଦ କରିବା ପୂର୍ବରୁ ବାରମ୍ବାର ତର୍ଜମା କରି ବିଭିନ୍ନ ଦିଗକୁ ବିଶ୍ଳେଷଣ କରି ପଦକ୍ଷେପ ନିଆଯାଉ। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଓଷ୍ଟା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସିନ୍ଧୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ବିହାର: ଶପଥ...

ବିହାର: ଶପଥ...

ମିଳିଥିଲା। ଆରଜେଡି ବଳରେ ନୀତୀଶ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଆରଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ଦୁଇ ପୁଅ ତେଜସ୍ୱୀ ଯାଦବ ଓ ତେଜ୍ ପ୍ରତାପ ଯାଦବ କ୍ୟାବିନେଟ୍‌ରେ ସ୍ଥାନ ପାଇଥିଲେ। ତେଜସ୍ୱୀ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ହେଲେ ଆର୍‌ଜେଡିର ଅଯଥା ହସ୍ତକ୍ଷେପ ଯୋଗୁ ଶାସନରେ ବ୍ୟାହତ ହେଉଥିବା ଦର୍ଶାଇ ନୀତୀଶ ୨୦୧୭ରେ ୫୩ ଆସନ ପାଇଥିବା ଭାଜପାର ହାତ ଧରିଥିଲେ। ଏବେ ଜେଡିୟୁ ଉଭୟ ଆର୍‌ଜେଡି ଓ ଭାଜପାଠାରୁ ବହୁ କମ୍ ଆସନ ପାଇ ତୃତୀୟ ସ୍ଥାନରେ ରହିଛି। ତେଣୁ ନୀତୀଶ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଜଳସେଚନ ସମେତ ଜନଶୁଣାଣି ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସାଲିସ କରିବାକୁ ବାଧ ହେବେ ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହେଲାଣି।

ନୀତୀଶଙ୍କୁ ରାଜ୍ୟପାଳ ଫଗୁ ଚୌହାନ ଅପରାହ୍ନ ୪ଟା ୩୦ରେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଦଳର ଅନେକ ତୁଙ୍ଗ ନେତା ଯୋଗଦେଇଥିଲେ। ୭୪ ଆସନରେ ଜିତି ଏନ୍‌ଡିଏରେ ବଡ଼ଭାଇର ଭୂମିକା ନେଇଥିବା ଭାଜପାକୁ ଦୁଇଟି ଉପମୁଖ୍ୟମନ୍ତ୍ରୀ ପଦ ମିଳିଛି। ତାରକିଶୋର ପ୍ରସାଦ ଏବଂ ରେଣୁ ଦେବୀ ଉପମୁଖ୍ୟମନ୍ତ୍ରୀ ସମେତ ୧୪ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମନ୍ତ୍ରିମଣ୍ଡଳରେ ଭାଜପାର ୭, ଜେଡିୟୁର ୫, ଏଚ୍‌ଏଏମ୍‌ର ଜଣେ ଓ ଭିଆଇପିର ଜଣେ ସ୍ଥାନ ପାଇଛନ୍ତି।

ଜେଡିୟୁରୁ ବିଜେନ୍ଦ୍ର ଯାଦବ, ବିଜୟ ଚୌଧରୀ, ଅଶୋକ ଚୌଧରୀ, ମେୱାଲାଲ୍ ଚୌଧରୀ ଏବଂ ଶୀଲା ମଣ୍ଡଳ ନୂଆ କ୍ୟାବିନେଟରେ ସାମିଲ ହୋଇଥିଲାବେଳେ ଭାଜପାରୁ ତାରକିଶୋର ଓ ରେଣୁ ଦେବୀ ଉପମୁଖମନ୍ତ୍ରୀ ହୋଇଥିବାବେଳେ ମଙ୍ଗଳ ପାଣ୍ଡେ, ଅମରେନ୍ଦ୍ର ପ୍ରତାପ ସିଂ, ଜୀବେଶ କୁମାର, ରାମସୂରତ କୁମାର ଏବଂ ରାମପ୍ରୀତ ପାଶ୍ୱାନ ସ୍ଥାନ ପାଇଛନ୍ତି। ସେହିପରି ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍)ରୁ ସନ୍ତୋଷ ମାଞ୍ଝି ଏବଂ ବିକାଶଶୀଳ ଇନ୍‌ସାନ ପାର୍ଟି (ଭିଆଇପି)ରୁ ମୁକେଶ ମଲ୍ଲକୁ କ୍ୟାବିନେଟରେ ନିଆଯାଇଛି। ପୂର୍ବ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିବା ବରିଷ୍ଠ ଭାଜପା ନେତା ସୁଶୀଲ କୁମାର ମୋଦିଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିନାହିଁ। ତାଙ୍କୁ କେନ୍ଦ୍ର କ୍ୟାବିନେଟରେ ସାମିଲ କରାଯିବ ବୋଲି ଚର୍ଚ୍ଚା ହେଉଛି।

୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ଏନ୍‌ଡିଏ ମେଣ୍ଟକୁ ୧୨୫ ଆସନ ମିଳିଥିଲା। ଜେଡିୟୁ ୪୩ ଆସନରେ ଜିତିଥିବାବେଳେ ଭାଜପା ୭୪, ଏଚ୍‌ଏଏମ୍ ୪ ଓ ଭିଆଇପି ୪ ଆସନ ପାଇଥିଲା। ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ମହାଗଠବନ୍ଧନକୁ ୧୧୦ ସିଟ୍ ମିଳିଛି। ଏଥିରେ ଆର୍‌ଜେଡି ଏକକ ବୃହତ୍ ଦଳ ଭାବେ ୭୫ ଆସନରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ୧୯ ଏବଂ ବାମଦଳ ୧୬ ଆସନ ପାଇଛନ୍ତି। ଏଲଜେପିକୁ ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍‌କୁ ୫ଟି ଆସନ ମିଳିଛି। ତେବେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଜେଡିୟୁ ନେତା ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଛି। ରବିବାର ତାଙ୍କୁ ଏନ୍‌ଡିଏ ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା। ବିରୋଧୀ ଦଳ ଆର୍‌ଜେଡି ଶପଥ ଗ୍ରହଣ ଉତ୍ସବକୁ ବର୍ଜନ କରିଛି।

### ମଡର୍ନା ୯୪.୫%...

୨୦ ଡିଗ୍ରୀ ସେଲ୍‌ସିୟସ୍‌ରେ ରଖାଯାଇପାରିବ। ମିଳିମିଳା ଟିକା ରଖିବା ଲାଗି ଏହି ପରିମାଣର ତାପମାତ୍ରା ଆବଶ୍ୟକ ହୋଇଥାଏ। ତେଣୁ ହସ୍ପିଟାଲ ଓ ଫାର୍ମାସିରେ ଉପଲବ୍ଧ ଫ୍ରିଜରରେ ମଡର୍ନା ଟିକାକୁ ରଖାଯାଇପାରିବ। ଉକ୍ତ ଟିକାର ଅନ୍ୟ ଏକ ଭଲ ଗୁଣ ହେଲା ଏହାକୁ ଫ୍ରିଜ୍‌ରେ ୩୦ ଦିନ ପର୍ଯ୍ୟନ୍ତ ରଖାଯାଇପାରିବ। ଫାଇଜର ପ୍ରସ୍ତୁତ ଟିକାକୁ ରେଫ୍ରିଜରେଟରରେ ମାତ୍ର ୫ ଦିନ ରଖାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ୨୩ ପ୍ରତିପକ୍ଷଙ୍କୁ...

ବିକ୍ରି କରିଦେଇଛନ୍ତି। ଏହି ବିକ୍ରି ସମ୍ପୂର୍ଣ୍ଣ ବେଆଇନ ଏବଂ ଏହା ଟେମ୍ପଲ ଆକ୍ଟ-୧୯୫୫କୁ ଉଲ୍ଲଂଘନ କରୁଛି। ତେଣୁ ଜମି ଫେରାଇ ଆଣିବା ସହ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସମ୍ପୃକ୍ତ କୋର୍ଟଙ୍କୁ ଆବେଦନ କରିଥିଲେ। ସେହିପରି ଏହି ଜମି ଜାଲିଆତିରେ ସିବିଆଇ ତଦନ୍ତ ଦାବିରେ ସାମାଜିକ କର୍ମୀ ବସ୍ତିଆ ଅନ୍ୟ ଏକ ମାମଲା ଦାୟର କରିଥିଲେ। ସୂଚନାଯୋଗ୍ୟ, କିଛିମାସ ତଳେ ଏହି ପ୍ରସଙ୍ଗକୁ ନେଇ ଭାଜପା, କଂଗ୍ରେସ ଏବଂ ବାମଦଳ ଆନ୍ଦୋଳନକୁ ଓହ୍ଲାଇଥିଲେ। ସରକାର ଏହାର ପୁନର୍ବିଚାର କରନ୍ତୁ। ଯେଉଁ ୬ଟି ବିକ୍ରି କବଲା ହୋଇଛି ତାହା ରଦ୍ଦ କରାଯାଉ। ପୂର୍ବପରି ବଗଲା ଧର୍ମଶାଳା ପରିସରରେ ଗରିବ ଭକ୍ତଙ୍କ ରହିବା ପାଇଁ ଶ୍ରୀଜଗନ୍ନାଥ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଉ ବୋଲି ଦଳଗୁଡ଼ିକ ଦାବି କରିଥିଲେ। ଭାଜପା ପକ୍ଷରୁ ଧର୍ମଶାଳା ସମ୍ମୁଖରେ ୨୭ଦିନ ଧରି ଧାରଣା ଦିଆଯାଇଥିଲା। ପରେ ଏହି ଆନ୍ଦୋଳନ ସମର୍ଥନରେ ପୁରୀ ସହରର ବିଭିନ୍ନ ୱାର୍ଡରୁ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଗତ ଅକ୍ଟୋବର ୧୪ ତାରିଖରେ ସିଂହଦ୍ୱାର ଠାରୁ ନବୀନ ନିବାସ ଅଭିମୁଖେ ବଗଲା ବଞ୍ଚାଅ ପଦଯାତ୍ରା ବାହାରିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବଗଲା ସୁରକ୍ଷା ନେଇ ସଂଗୃହୀତ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ଲାଗି ଲକ୍ଷ୍ୟ ରଖାଯାଇଥିଲା। ହେଲେ ପଦଯାତ୍ରୀଙ୍କୁ ଉତ୍ତରା ଛକରେ ପୋଲିସ ଅଟକାଇଥିଲା। ସେଠାରେ ପଦଯାତ୍ରୀ ଓ ପୋଲିସ ମଧ୍ୟରେ ଠେଲାପେଲା ହୋଇଥିଲା। ଶେଷରେ ପୋଲିସ ଆନ୍ଦୋଳନକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲା। ତେବେ ବଗଲା ଜମିକୁ ନେଇ ବିବାଦ ସେମିତି ଲାଗିରହିଛି।

### ଗାଧୋଇବା ବେଳେ...

ଆସିଥିଲେ। କୌଣସି କାରଣରୁ ସେମାନେ ନିଷ୍ପତ୍ତି ବଦଳାଇ ବୁଢ଼ାବଳଙ୍ଗ ନଦୀର କାଠସଙ୍ଗଡ଼ା ଘାଟରେ ପିକ୍‌ନିକ୍ କରିବା ପାଇଁ ପହଞ୍ଚିଥିଲେ। ସେଠାରେ ରୋଷେଇ ଆରମ୍ଭ କରିବା ପରେ କାଠସଙ୍ଗଡ଼ା ଘାଟକୁ ଗାଧୋଇବାକୁ ଯାଇଥିଲେ। ଗ୍ରାମର ମୁଖିଆ ପୂର୍ଣ୍ଣଚନ୍ଦ୍ର ଗିରି ସେମାନଙ୍କୁ ବାରଣ କରିଥିଲେ ମଧ୍ୟ ସେମାନେ ମାନି ନ ଥିଲେ। ଗାଧୋଇବା ବେଳେ ଅଙ୍କିତ ପତି (୨୧), କାହ୍ନୁଚରଣ ମିଶ୍ର (୨୦), ପୀୟୁଷ ପ୍ରତ୍ୟୁଷ ନାୟକ (୨୦)ଙ୍କ ଗୋଡ଼ ପାଣି ଭିତରକୁ ଖସିଯାଇଥିଲା। ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ଅନ୍ୟ ୨ ଜଣ ବିଫଳ ହେବା ପରେ ଗ୍ରାମବାସୀଙ୍କୁ ଡାକିଥିଲେ। ରେମୁଣା ଏବଂ ବାଲେଶ୍ୱର ଅଗ୍ନିଶମ ବାହିନୀ ପହଞ୍ଚି ଖୋଜିବାକୁ ଚେଷ୍ଟା କରିଥିଲେ। କେବଳ ଅଙ୍କିତଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଦୁଇଜଣ ନିଖୋଜ ଅଛନ୍ତି। ଘଟଣାସ୍ଥଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ଖୋଜିବା ଜାରି ରଖିଛନ୍ତି। ରେମୁଣା ତହସିଲଦାର ଚାର୍ଲସ ନାୟକ ପହଞ୍ଚି ଘଟଣା ଅନୁଧ୍ୟାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଉଲ୍ଲେଖଯୋଗ୍ୟ, ୧୦ବର୍ଷ ତଳେ ରଜ ସଂକ୍ରାନ୍ତି ଦିନ ଏହି ଘାଟରେ ୪ଜଣ ଗାଧୋଇବା ବେଳେ ପ୍ରାଣ ହରାଇଥିଲେ।

### ବଦଳିଲେ...

ବନଜା ପଣ୍ଡା ଗତ ୨ତାରିଖରେ ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ଶୁଣାଣି କରି ଗତ ୧୧ତାରିଖରେ ଏସ୍‌ଡିଜେଏମ୍ ମାଲ୍‌କାନଗିରି ପୋଲିସକୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଜିଲାପାଳ ଅଗ୍ରୱାଲଙ୍କ ସହ ଅନ୍ୟ ୩ଜଣଙ୍କ ବିରୋଧରେ ଆଇପିସି ଦଫା ୩୦୨, ୫୦୬, ୨୦୧, ୨୦୪, ୧୨୦ (ବି) ୩୪ରେ ମାମଲା(ନଂ. ୪୦୧/୨୦୨୦) ରୁଜୁ କରିଛି। ଜିଲାପାଳଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହେବା ପରେ ପୋଲିସ ବେଶ୍ ସତର୍କତାର ସହ ତଦନ୍ତ ଆରମ୍ଭ କରିଛି।

### ନୀଳଗିରିରେ ଝାଡ଼ଖଣ୍ଡୀ...

ହୋଇଥିଲା। ବନ ବିଭାଗ ଦ୍ୱାରା ଡାକବାଜି ଯନ୍ତ୍ର ଦ୍ୱାରା ହାତୀ ଉପଦ୍ରବ ଅଞ୍ଚଳରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ହାଣ୍ଡିଆ, ମହୁଲ, ମାଦକ ଦ୍ରବ୍ୟ ନ ରଖିବା ପାଇଁ ଲୋକଙ୍କୁ କୁହାଯାଇଛି। ଜନବସତି ଅଞ୍ଚଳରେ ହାତୀଙ୍କ ଅନୁପ୍ରବେଶ ରୋକିବା ପାଇଁ ଜଙ୍ଗଲ ଚାରିପାଖରେ ଖୋଳା ଯାଇଥିବା ଟ୍ରେଞ୍ଚ ଓ ଲଗାଯାଇଥିବା ସୌର ତାରବାଡ଼ କିଛି କିଛି ସ୍ଥାନରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ବେଳେ ଏହାର ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ବନାଞ୍ଚଳବାସୀ ଦାବି କରିଛନ୍ତି। ହାତୀଙ୍କ ଦାଉରୁ ମଣିଷର ସୁରକ୍ଷା ଓ ମଣିଷ ଦାଉରୁ ହାତୀର ସୁରକ୍ଷା ଉପରେ ନିରୀକ୍ଷଣ ପାଇଁ ବାଲେଶ୍ୱର ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜର ମନୁଆର ଖାନ୍, ଫରେଷ୍ଟ, ସବୁଜ ବାହିନୀଙ୍କୁ ନିୟୋଜିତ କରାଯାଇଛି। ମୟୂରଭଞ୍ଜ ଜିଲା ସୀମାରେ ଆଉ ୬୦ଟି ହାତୀ ନୀଳଗିରିମୁହାଁ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

### ରାଜଧାନୀରୁ ୨୫ ଲକ୍ଷର...

ଚଳାଇଥିଲେ। ପୂର୍ବରୁ ନିଶାଦ୍ରବ୍ୟ ଚୋରା ଚାଲାଣ ସମେତ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତି ଥିବାବେଳେ ଏନେଇ ଖଣ୍ଡଗିରି ଓ ନୟାପଲ୍ଲୀ ଥାନାରେ ତାଙ୍କ ନାମରେ ୧୩ ମାମଲା ରହିଛି। ସେ ମଧ୍ୟ ଗିରଫ ହୋଇ ଜେଲ୍ ଯାଇଥିଲେ। ଫେରିବା ପରେ ପୁଣି ଅପରାଧ ଘଟାଉଥିଲେ ବୋଲି ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ସୂଚନା ମୁତାବକ, ରାଜଧାନୀରେ ବ୍ରାଉନସୁଗାର କାରବାରରେ ରୋକ୍ ଲଗାଇବା ପାଇଁ କମିଶନରେଟ ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କ ତାଲିକା ପ୍ରସ୍ତୁତ କରି ଚଢ଼ାଉ ଜାରି ରଖିଛି। ଅଭିଯୁକ୍ତ ମୁନା ବ୍ରାଉନସୁଗାର କାରବାର ଚଳାଇଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଧରିବାକୁ ଜାଲ ବିଛାଯାଇଥିଲା। ସୋମବାର ସକାଳେ ଅଭିଯୁକ୍ତ ଜଣକ ଷ୍ଟେଶନ



ଅଞ୍ଚଳରୁ ବିପୁଳ ପରିମାଣର ବ୍ରାଉନସୁଗାର ଉଠାଇ କଳିଙ୍ଗନଗର ଅଞ୍ଚଳରେ ଡିଲ କରିବାକୁ ଯୋଜନା କରିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଟିମ୍ କଳିଙ୍ଗନଗରସ୍ଥିତ ଏକ ଇଞ୍ଜିନିୟରିଂ କଲେଜ ନିକଟରେ ଛକି ରହିଥିଲା। ଓଡି୦୨ବିଏଚ୍୫୦୦୩ ନମ୍ବର ବିଶିଷ୍ଟ କାରରେ ମୁନା ଆସୁଥିବାବେଳେ ପୋଲିସ ତାଙ୍କୁ ଚାରିପଟୁ ଘେରିଯାଇ କାବୁ କରିବା ପରେ ଯାଞ୍ଚ କରିଥିଲା। ପରେ ଅଭିଯୁକ୍ତ ଭଡା ରହୁଥିବା କଳିଙ୍ଗନଗରସ୍ଥିତ ଘରକୁ ଯାଞ୍ଚ କରିବା ପରେ ସମସ୍ତ ସାମଗ୍ରୀ ସହ କିଛି କାଗଜପତ୍ର ପୋଲିସ ଜବତ କରିଥିଲା। ଏ ନେଇ ଖଣ୍ଡଗିରି ଥାନାରେ ପୋଲିସ ମାମଲା (ନଂ.୬୪୧/୨୦) ରୁଜୁ କରାଯାଇ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଅଭିଯୁକ୍ତ ମୁନାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ରଙ୍କ ମଧ୍ୟରେ ଆନନ୍ଦମୟ ପରିବେଶ ସୃଷ୍ଟି ହେବ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବନ୍ଧୁଙ୍କ ଅନୁରୋଧରେ ନୂତନ ସ୍ଥାନ ଭ୍ରମଣ ସୁଯୋଗ ମିଳିବ। ଆକସ୍ମିକ ଭାବରେ ଆତ୍ମୀୟଙ୍କ ନିକଟରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ବୃଷ** ଅନ୍ୟମାନଙ୍କ କାନକୁ ମଧୁର ଲାଗିଲା ଭଳି କଥା କହି କାମ ହାସଲ କରିବେ। ବହୁ ବିଳମ୍ବରେ ହାତକୁ ନେଇଥିବା କାମଗୁଡିକ ଠିକ୍ ଭାବେ ସମ୍ପନ୍ନ ହେବ। ଫେରନ୍ତା ବାଟରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ, କିନ୍ତୁ ପ୍ରକାଶ୍ୟରେ କିଛି କହି ପାରିବେ ନାହିଁ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ସ୍ନାୟବିକ ଦୁର୍ବଳତାଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଅର୍ଥ ସମ୍ବନ୍ଧିତ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି। ପରିବାରର ବରାଦ କ୍ରମେ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ** ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ଯାତ୍ରା ସମୟରେ ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପର କଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। କୌଣସି ସମସ୍ୟାରେ ମନ ଭାରାକ୍ରାନ୍ତ ରହିଥିବାରୁ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ।

**ସିଂହ** ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗର ଅଭାବ ମାନସିକ ସ୍ଥିରତାକୁ କ୍ଷୁଣ୍ଣ କରିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ସକାଳ ସମୟରେ ବ୍ୟବସାୟିକ କାରବାର, ବନ୍ଧୁଙ୍କ ସହ ଆଲୋଚନା ହେତୁ ଶୁଭଫଳ ପାଇପାରନ୍ତି। ଜଣେ ପଡୋଶିନୀ ଆର୍ଥିକ ସାହାଯ୍ୟ କରିବେ।

**କନ୍ୟା** ଆପଣଙ୍କ ଅଭାବୀ ପରିସ୍ଥିତିକୁ ହୃଦୟଙ୍ଗମ କରି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଗବେଷଣା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ। ସଭାସମିତିରେ ରୋକ୍‌ଠୋକ୍ କଥା ଓ କାର୍ଯ୍ୟକଳାପ ପାଇଁ ପରିବାର ମଧ୍ୟରେ ସମାଲୋଚିତ ହୋଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଅଫିସ୍ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କଥାଟି ଭୁଲିଯିବେ। ଅସୁସ୍ଥ ବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହେବ। ପ୍ରକାଶନ, ଗବେଷଣା, ଚୁକ୍ତିପତ୍ର, ଆଲୋଚନା ତଥା ଲେଖାପଢାରୁ ଶୁଭଫଳ ପାଇବେ।

**ବିଛା** ବିଭିନ୍ନ ଅପ୍ରକାଶ୍ୟ ଘଟଣାକୁ କେନ୍ଦ୍ରକରି ଅଧିକାଂଶ ସମୟ ମନ ବିଚଳିତ ରହିବ। ଅନ୍ୟମାନଙ୍କ ମିଥ୍ୟାଳାପ କାରଣରୁ ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କ ହୋଇପାରେ। ପାରିବାରିକ ସମସ୍ୟା ବଢିବ। ମନ କଥା ମନରେ ରହିଯିବ ସିନା ଅଯଥା ରାଗି ଅନ୍ୟମାନଙ୍କ ସହ ଥିବା ସମ୍ପର୍କକୁ ଖରାପ କରନ୍ତୁ ନାହିଁ।

**ଧନୁ** ଆକସ୍ମିକ ସୃଷ୍ଟି ହୋଇଥିବା ପରିସ୍ଥିତି ଆପଣଙ୍କୁ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବାକୁ ବାଧ କରିବ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ନେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର** ଆଜି ଦିନରେ ଆପଣ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ବାଣିଜ୍ୟ, ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳ ହେବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଏଣୁ ସତର୍କ ରହିବା ଭଲ ହେବ।

**କୁମ୍ଭ** ସ୍ୱାସ୍ଥ୍ୟ ଠିକ୍ ରହିଲେ ମଧ୍ୟ ସମସ୍ୟାଜନିତ ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହେବେ। ଇଚ୍ଛା ନ ଥିଲେ ମଧ୍ୟ ବ୍ୟର୍ଥ ଭ୍ରମଣ ଓ ଅଯଥା ଖର୍ଚ୍ଚାନ୍ତ ଦୁଶ୍ଚିନ୍ତାର କାରଣ ହେବ। ପରିବାରରେ ସାଧାରଣ ଭୁଲ୍ ବୁଝାମଣାକୁ ଦୂରେଇନେଲେ ଉପକୃତ ହେବେ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇପାରେ।

**ମୀନ** ସମସ୍ୟା ସମାଧାନ କରିବା ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପ୍ରିୟ ବନ୍ଧୁଟି ସହ ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ସକାଳୁ ସକାଳୁ ଆଶା କରୁଥିବା କୌଣସି ଖବର ସହକର୍ମୀଙ୍କ ନିକଟରୁ ପାଇ ଖୁସୀ ହୋଇଯିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ।

ଆଜି କାର୍ତ୍ତିକ ଶୁକ୍ଳ ତୃତୀୟା ମଙ୍ଗଳବାର, ନଭେମ୍ବର ୧୭ ତାରିଖ, ଲାଲା ଲାଜପତ୍ ରାୟଙ୍କ ତିରୋଧାନ ଦିବସ (୧୭।୧୧।୧୯୨୮), ରାଶି ନକ୍ଷତ୍ର-ଦିବା ଘ.୧୨.୨୨ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ତା'ପରେ ମୂଳା/ଧନୁ, ମକର ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୦୦ମି. ଗତେ ଘ.୦୬.୪୪ମି. ମଧ୍ୟେ, ଘ.୦୭.୨୮ମି. ଗତେ ଘ.୧୧.୦୯ମି. ମଧ୍ୟେ ଅମୃତ ବେଳା। ସନ୍ଧ୍ୟା ଘ.୦୫.୦୨ମି. ଗତେ ଘ.୦୭.୩୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୨.୧୭ମି. ଗତେ ଘ.୦୩.୪୦ମି. ମଧ୍ୟେ ରାହୁକାଳ।

## ନଦୀକୂଳରେ ହେବନି ଛଟ୍ ପୂଜା

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଆସନ୍ତା ୨୦ ଏବଂ ୨୧ ତାରିଖରେ ଛଟ୍ ପର୍ବ ପାଳିତ ହେବ। ଚଳିତବର୍ଷ ଏହି ଛଟ୍‌ପୂଜାକୁ ରାଜ୍ୟରେ ବାରଣ କରାଯାଇଛି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିହାରର ପ୍ରମୁଖ ପର୍ବ ଛଟ୍ ପୂଜା। ଓଡ଼ିଶାରେ ଅନେକ ବିହାରୀ ସମ୍ପ୍ରଦାୟର ଲୋକମାନେ ନଦୀକୂଳରେ ଛଟ୍ ପୂଜା କରିଥାଆନ୍ତି। ପୂଜା ପାଇଁ ଗାଧୋଇବା ନିମନ୍ତେ ନଦୀକୂଳରେ ବହୁ ଲୋକଙ୍କ ସମାଗମ ହୋଇଥାଏ। ଏହାଦ୍ୱାରା ସଂକ୍ରମଣ

**କୋଭିଡ୍-୧୯ କଟକଣା**
**ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ**



ବ୍ୟାପିବାର ଆଶଙ୍କା ରହିଛି। ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ନିଜ ଘରେ ରହି ଛଟ୍‌ପୂଜା କରିବାକୁ ପରାମର୍ଶ ଦିଆଯାଇଛି। ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଏବଂ ବିପର୍ଯ୍ୟୟ ପରିଚାଳନା ନିୟମ-୨୦୧୦ ଅନୁଯାୟୀ ଛଟ୍ ପୂଜା ଉପରେ କଟକଣା ଲଗାଯାଇଛି। ଯଦି କୌଣସି ବ୍ୟକ୍ତି ନିର୍ଦ୍ଦେଶନାମା ଉଲ୍ଲଂଘନ କରିବେ, ତାଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଦରେ ପିନ୍ଧିଲି ସୁନା ମଲକି**
**ହାତରେ ପିନ୍ଧିଲି ବିଦ**
**ନାକରେ ପିନ୍ଧିଲି ସୁନା ନାକଚଣା**
**ମୋତେ ମାଡୁନାହିଁ ନିଦ।**

ସୁନା ଏକ ମୂଲ୍ୟବାନ ଧାତୁ। ଯାହାର ଯେତେ ସୁନା, ତାହାର ସୁନା ଚୋରି ହଜି ଯିବା ନେଇ ମନରେ ସେତେ ଭୟ। ସାଧାରଣତଃ ଅଳଙ୍କାର ପ୍ରତି ମହିଳାଙ୍କ ମନରେ ଅହେତୁକ ଦୁର୍ବଳତା ଭାବ ରହିଥାଏ। ଅନ୍ୟ ଆଗରେ ନିଜର ବଡ଼ପଣିଆ ଦେଖେଇ ହେବା ନେଇ ଅଳଙ୍କାର ଧାରଣ କରିଥିବା ମହିଳା ଚୋରି ହୋଇଯିବା ଭୟରେ ଭୀତତ୍ରସ୍ତ ହୋଇପଡିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବେଶି ତେଲ ଲୁଗାରେ ଯାଏ**
**ବେଶି ତେଲ ହଗାରେ ଯାଏ।**

ଦେହରେ ବେଶି ତେଲ ମାଖି ହେଲେ ତାହା ପିନ୍ଧିଥିବା ବେଶ ପୋଷାକ ବା ବସନରେ ଲାଗିଯାଏ। ସେହିପରି ଖାଦ୍ୟରେ ତେଲର ମାତ୍ରା ଅଧିକ ହେଲେ ପେଟ ବା ସ୍ୱାସ୍ଥ୍ୟ ଖରାପ ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds Everyday
0674-2580101, 2549302

automobile
**HIRE**

ବଡ଼ବିଲ୍ ମାଇନ୍‌ସ୍ ପାଇଁ ଲିଜ୍‌ରେ ହାଇୱା ଆବଶ୍ୟକ। ଯୋଗାଯୋଗ: **A-102, Balianta Chowk, Hanspal, Bhubaneswar-01, 8249638057, 9337731351.** D-18876

real estate
**SALE**

ଭୁବନେଶ୍ୱର AMRI Hospital ପଛପଟେ yellowzone plot ନେଇ ଘର କରନ୍ତୁ। 7894216209. D-70106

Sundarpada କୁହା ମୌଜାରେ (Bhubaneswar) ଘରବାରି ପ୍ଲଟ୍ ୨୦୦୦ବର୍ଗଫୁଟକୁ ୧୯,୦୦,୦୦୦/- କିଣି ଆଜି ଘର କରନ୍ତୁ ଓ Alkaline water machine ମାଗଣାରେ ପାଆନ୍ତୁ। 9938016295. D-70105

**ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖରେ NHରୁ 100 ମିଟର ଦୂରତାରେ 6500sqft. ସ୍ଥିତିବାନ୍ ପ୍ଲଟ୍ Rs. 1100/sqft. re ବିକ୍ରିହେବ। 9439617047, 9778997744.** D-18866

2BHK Simplex 28,00,000/- finishing Hanspal, Gharabari boundary plot Bhingarpur- 9668194157. D-69644

ଭୁବନେଶ୍ୱର ସୁନ୍ଦରପଦା Xavier University/ Adityabirla ପଛପଟେ ସୁଲଭ ମୂଲ୍ୟରେ ପ୍ଲଟ ମିଳୁଛି। 8917543041. D-69198

**ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166.** D-70101

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft Road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948 D-18856

**Plot sale near AIIMS Hospital, Bhubaneswar with 30' Road. 8456850883.** D-69199

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

**Saivihar fully developed, ready for housing residential gharabari boundary plot, 30'road, electricity near Sai Temple BJEM-2 Rangabazar Sqft.450/- 9438400633.** D-70103

to-let

Ground floor, glaze tile, water supply for family use at Niladri Vihar, Bhubaneswar. Contact- 9861985702. D-18939

healthcare

Newly open full body massage SPA in Bhubaneswar. Contact: 7205058838. D-70019

Rejuvenate and Ayurvedic full body massage by smart therapist. 9348123330. D-70020

Newly open Spa Centre smart therapist full body massage: 8114970372. D-59971

Swarna SPA newly open positively health benefits with expert therapist. 9556978408. D-70017

Get refreshment body massage by expert therapist contact for 7205084157. D-70018

Refreshing your mind & body with best therapy at Lotus Spa. 8018234866 D-69581

business

ସିଲେଇ ଶିଖିବା ପାଇଁ ଝିଅପିଲା ଯୋଗାଯୋଗ କରନ୍ତୁ। ମାଗଣା ରହିବା ଓ ଖାଇବା ସୁବିଧା ଅଛି। 7064223315. D-69645

**LOST**

I Saroj Kumar Swain, while travelling from Bhubaneswar to Rourkela on 2nd December by Train, I missing my B.Tech Certificates. If somebody got this, kindly contact: 8249905199. D-18885

ତୃତୀୟ ଜନ୍ମବାର୍ଷିକ



ସିଦ୍ଧାର୍ଥଶଙ୍କର ଦାଶ (ସିନ୍ଧୁ)
ଗ୍ରାମ- କେନ୍ଦୁପାଲି, ପୋ-ଗୋଡଭଗା, ଜି- ବରଗଡ
ବର୍ତ୍ତମାନ ଠିକଣା- ଗ୍ରା/ପୋ- ଡକରା, ଭାୟା- ଧମା, ଜି- ସମ୍ବଲପୁର
ମାଁ ବହଲମୁଣ୍ଡିଏନ, ଦୁର୍ଗାଦେବୀ ଏବଂ ବଡଲୋକଙ୍କର ଆଶୀର୍ବାଦ ସଦାସର୍ବଦା ରହିଥାଉ। ଏତିକି ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୁଭେଚ୍ଛା ସହ- ଦାଦା, ମାମା, ବାପା, ମାଆ, ବାବୁ ବାପା, ବିରେନ ପିଉସା, ମିନି ଝିଅ, ପ୍ରଶାନ୍ତ ପିଉସା, ବେବି ଝିଅ, ଶୁଭମ ଦାଦା, ଆକାଂକ୍ଷା ନାନୀ, ଆଲିଶା ନାନି, ଆଭିୟନ୍ତ ଦାଦା, ସ୍ନେହର ସିଦ୍ଧି ନାନି ଓ ଦାଶ ପରିବାର ବର୍ଗ।
ଧ-୧୮୮୮୦


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପୋଲ ତଳୁ ମୃତଦେହ ଉଦ୍ଧାର

ଟିକିରି,୧୬।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ଥାନା ଅଧୀନ ହରିଜନ ସାହି ନିକଟ ମୁଖ୍ୟରାସ୍ତା ପୋଲ ତଳୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ କାଶୀପୁର ଜାମୁଗୁଡ଼ା ସାହିର ସୀତା ମାଝି(୫୮)। ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ସେ ୧୬ ବର୍ଷ ଜେଲ୍‌ରେ ରହିବା ପରେ ୨୦୧୩ ରେ ଘରକୁ ଫେରିଥିଲେ। କିନ୍ତୁ ପରିବାର ବୋଲି କେହି ନ ଥିବାରୁ ସାହିରେ ରହୁଥିବା କେତେଜଣ ସମ୍ପର୍କୀୟଙ୍କ ଘରେ ସେ ରହୁଥିଲେ। କାଶୀପୁରରେ ସେ ଖଲାସିଭାବେ କାମ କରୁଥିଲେ। ରବିବାର ସେ ନିଶାସକ୍ତ ଅବସ୍ଥାରେ ବୁଲୁଥିଲେ। ସୋମବାର ସକାଳେ ତାଙ୍କ ମୃତଦେହ ପୋଲ ତଳେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ କାଶୀପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଥାନାଧିକାରୀ ଅରୁଣ କୁମାର ନାୟକ ସୂଚନା ଦେଇଛନ୍ତି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ନିଶା ଯୋଗୁ ଗୋଡ଼ ଖସି ପୋଲ ତଳେ ପଡ଼ିଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି।

### ନନ୍ଦାହାଣ୍ଡିରେ ଭାଲୁ ଆତଙ୍କ

ନନ୍ଦାହାଣ୍ଡି, ୧୬।୧୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବୈରାଗୀଗୁଡା ଗ୍ରାମସ୍ଥିତ ମକା କିଆରିରେ ଥିବା ଏକ ଗାତ ଭିତରେ ୨ଛୁଆ ସହ ମା' ଭାଲୁ ରହିଛି। ଏହାକୁ ନେଇ ଗାଁରେ ଭୟର ବାତାବରଣ ଦେଖାଦେଇଛି।ପ୍ରକାଶଯୋଗ୍ୟ, କିଛି ଦିନ ହେବ ମାଈ ଭାଲୁଟିଏ ବୈରାଗୀଗୁଡା ଗ୍ରାମ ଦେଇ ଯିବାଆସିବା କରୁଥିବା ଲୋକେ ଦେଖୁଥିଲେ। ସୋମବାର ଗାଁ ନିକଟ ମକା କିଆରିରେ ଶ୍ରମିକମାନେ କାମ କରୁଥିବାବେଳେ ସେଠାରେ ଥିବା ଗୋଟିଏ ଗାତରୁ ଛୁଆ ଭାଲୁଙ୍କ କାନ୍ଦ ସ୍ୱର ଶୁଭିଥିଲା। ମାଈ ଭାଲୁଟି ସେଠାରେ ଛୁଆ ଦେଇଥିବା ଜାଣିପାରି ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭାଲୁକୁ ଉଦ୍ଧାର କରି ଜଙ୍ଗଲରେ ଛାଡିବା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଜାତୀୟ ପ୍ରେସ୍ ଦିବସ

ଚନ୍ଦାହାଣ୍ଡି, ୧୬।୧୧(ଡି.ଏନ୍.ଏ.) ଚନ୍ଦାହାଣ୍ଡିରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି। ପ୍ରେସ କ୍ଲବ ସଭାପତି ଦିଲାପ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଧର୍ମରାଜ ମାଝି ମୁଖ୍ୟଅତିଥି, ତହସିଲଦାର ହୃଦାନନ୍ଦ ସିଂ ମାଝି ମୁଖ୍ୟବକ୍ତା, ଡାକ୍ତର ମନୀଷ କୁମାର ପୁରୋହିତ, ଗୋବିନ୍ଦ କୁମାର ଜୈନ, ବିଇଓ ଭଜନଲାଲ ମାଝି, ବିଶିକେଶନ ପାଢ଼ୀ, ସାମାଜିକ କର୍ମୀ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଖବରଦାତା ବାସୁଦେବ ସୁନା ମଞ୍ଚ ପରିଚାଳନା କରିଥିଲେ। ନିରପେକ୍ଷ ଖବର ପରିବେଷଣ କରିବାକୁ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଖବରଦାତା ମକୁନ୍ଦ ବେଶ୍ରା, ସଂଗ୍ରାମ କେଶରୀ ସାହୁ, ହିମାଂଶୁ ରଞ୍ଜନ ଦାସ, ଦିବ୍ୟରଞ୍ଜନ ମହାପାତ୍ର, ଶ୍ୟାମସୁନ୍ଦର ସୁନାନୀ, ମୁନା ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ବିବାଦକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

■ ଉଭୟ ପକ୍ଷରୁ ୧୦ ଆହତ
■ ଆହତଙ୍କ ମଧ୍ୟରୁ ୩ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର

ପାପଡାହାଣ୍ଡି,୧୬।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତ ମହୁଲି ଗ୍ରାମରେ ଠାକୁରାଣୀଙ୍କ ଜମିରେ ଚାଷ କାମକୁ ନେଇ ସୋମବାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଉଭୟ ପକ୍ଷରୁ ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶ ଯେ, ଠାକୁରାଣୀଙ୍କ ୪ ଏକର ୩୮ ସେଣ୍ଟ ଚାଷ ଜମି ରହିଛି। ଦୀର୍ଘ ଦିନ ହେଲା ଗ୍ରାମବାସୀ ଏହାକୁ ଚାଷ କରି ଆସୁଥିଲେ। ଏହାକୁ ଠାକୁରାଣୀଙ୍କ ପୂଜାରୀ ଆସାଡୁ ଯାନୀଙ୍କ ସମେତ ପୂଜାରୀ ସାହିବାସୀ ପ୍ରତିବାଦ କରୁଥିଲେ। ଗତ ବର୍ଷ ପୂଜାରୀ ଆସାଡୁ ଯାନୀ ଏ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଉଭୟ ପକ୍ଷଙ୍କୁ ଜମିରେ ଚାଷ କରିବାକୁ ମନା କରାଯାଇଥିଲା। ଗ୍ରାମବାସୀ କିନ୍ତୁ ଚଳିତବର୍ଷ ପୁଣି ଥରେ ଜମିକୁ ଚାଷ କରିଥିଲେ। ଜମିରେ ଫସଲ କାଟିବାକୁ ପ୍ରତାପ ଭତରା, ପଦ୍ମନ ନାୟକ, ଲକି ଭତରା ପ୍ରମୁଖ ଯାଇଥିଲେ। ପୂଜାରୀ ସାହିର ଦେବରାଜ ଯାନୀ, ମୋତାଇ ଯାନୀ, ଡାଇମତି ଯାନୀ, ଆସାଡୁ ଯାନୀ, ପୁରୁଷୋତ୍ତମ ଯାନୀ, ପୀତାମ୍ବର ଯାନୀ, ବଳଦେବ ଯାନୀ ପ୍ରମୁଖ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏହାପରେ ଉଭୟ ପକ୍ଷ ହାତାହାତି ହୋଇଥିଲେ। ଏଥିରେ ସମସ୍ତେ ଆହତ ହୋଇଥିଲେ। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରତାପ ଭତରା, ପଦ୍ମନ ନାୟକ, ଲକି ଭତରାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ତୁମ୍ବର୍ଲା ଫାଣ୍ଡିରେ ଉଭୟ ପକ୍ଷରୁ ଏତଲା ଦିଆଯାଇଛି।


ଆହତମାନେ।

# 'ଖବରଦାତାମାନେ ଦେଶର ଦର୍ପଣ'

ତେନ୍ତୁଲିଖୁଣ୍ଟି, ୧୬।୧୧(ଡି.ଏନ୍.ଏ.)

ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ସୋମବାର ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। ସମାଜକୁ ପରିବର୍ତ୍ତନ କରିବା ଦିଗରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଖବରଦାତାମାନେ ସବୁବେଳେ ନିରେପେକ୍ଷ ଖବର ପରିବେଷଣ କରିବା ଜରୁରୀ ବୋଲି ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ।

ତେନ୍ତୁଲିଖୁଣ୍ଟି ଦୁର୍ଗା ମଣ୍ଡପରେ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମ ବରିଷ୍ଠ ଖବରଦାତା ସୁଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ (ଏକ୍ସ କ୍ୟାଡର ) ମହାସଚିବ ହାନେସ ପାତ୍ର ବାଘ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖବରଦାତାମାନେ ଦେଶର ଦର୍ପଣ ବୋଲି କହିଥିଲେ। କରୋନା ଭଳି ପ୍ରତିକୂଳ ସମୟରେ ସେମାନେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସେବା ଯୋଗାଉ ଥିଲେ ବୋଲି ମୁଖ୍ୟ ଅତିଥି କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବରିଷ୍ଠ ଖବରଦାତା ଗଦାଧର ତ୍ରିପାଠୀ ଓ ତାରିଣୀ ପାଢୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଗୋପାଳ କୃଷ୍ଣ ନାୟକ, ସୁଶାନ୍ତ ଶତପଥୀ, ଗୋପାଳ କୃଷ୍ଣ ନାୟକ, ଚିଦାନନ୍ଦ ସାହୁ, ପ୍ରୀତିଶ ବିଷୋୟୀ, ଏଲ୍. ସନ୍ତୋଷ, ଜାନକୀ କାନ୍ତ ବିଷୋୟୀ, ଦିଲୀପ ସୁନା, ଖଗେଶ୍ୱର ମହାକୁଡ, ବାରିଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଯୋଗ ମିଳିନି, ଆଦାୟ ହେଉଛି ବିଦ୍ୟୁତ୍ ବିଲ୍

ଉମରକୋଟ, ୧୬।୧୧(ସ୍ୱ.ପ୍ର.)

ଆଦିବାସୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେ ସବୁ ସେମାନଙ୍କ ନିକଟରେ ଠିକ୍‌ଭାବେ ଉପଲବ୍ଧ ହେଉନି। ଏ ସବୁରେ ଅନିୟମିତତା ହେଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦର ୱାର୍ଡ ନଂ-୧୧ ଚଢ଼େଇଗୁଡାରେ। ସୌଭାଗ୍ୟ ଯୋଜନାରେ ହିତାଧିକାରୀଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆ ନ ଯାଇ ସେମାନଙ୍କ ନାଁରେ ବିଲ୍ କଟାଯାଉଥିବା ଅଭିଯୋଗ ହୋଇଛି।

ଚଢେଇଗୁଡ଼ା ଗାଁର ୨୫ ପରିବାରକୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ମିଳିଛି। ସେମାନଙ୍କ ଘରେ ଲାଗିବା ପାଇଁ ମିଟର ଆସିଛି। କିନ୍ତୁ ସେଗୁଡାକୁ ଏଯାଏ ଲଗା ଯାଇ ନାହିଁ। ଏବେବି ମଧ୍ୟ ସେମାନଙ୍କ ଘର ଅନ୍ଧାରରେ। କିନ୍ତୁ ସେମାନଙ୍କ ନିକଟକୁ ବିଦ୍ୟୁତ୍ ବିଲ୍ ଯାଉଛି। ବିଭାଗୀୟ କର୍ମଚାରୀ ଜୋରଜବରଦସ୍ତି ଲୋକଙ୍କଠାରୁ ବିଲ୍ ଆଦାୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ତେ ମଜୁରିଆ ଶ୍ରେଣୀର ଲୋକ ହୋଇଥିବାରୁ ଟଙ୍କା ବାନ୍ଧିବା କଷ୍ଟକର ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନାହିଁ। ଏହାର ତଦନ୍ତ କରାଯିବ। ସତ୍ୟାସତ୍ୟ ଥିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ


ଅତିଥିମାନେ ଆମ ଶୌଚାଳୟର ଉଦ୍‌ଘାଟନ କରୁଛନ୍ତି।

ଗୁଣପୁର,୧୬।୧୧(ଡି.ଏନ୍.ଏ.)-

ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ପକ୍ଷରୁ ସୋମବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଏବଂ ସମ୍ମାନିତ ଅତିଥି ରୂପେ ଉପଜିଲାପାଳ ସୋନାଲ୍ ଜେନା ଯୋଗଦେଇ ଉନ୍ନୟନ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ କରିଥିଲେ। ପ୍ରଥମେ ହାଉସିଂ ବୋର୍ଡ କଲୋନିଠାରେ ଆମ ଶୌଚାଳୟର ଉଦଘାଟନ କରାଯାଇଥିଲା। ପରେ ସେଫାଳି ପାହାଡ଼ ପାଦଦେଶରେ ବିଧାୟକ ପାଣ୍ଠିରୁ ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସେହିପରି ମୋତିଲାଲ୍ ନଗରଠାରେ ନବ ନିର୍ମିତ ମାଇକ୍ରୋ ଆକ୍ଟିଭିଟି ସେଣ୍ଟର ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ଜିଲାପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ଏବଂ ପୌର ପରିଷଦର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅଧିକାରୀ ଅନୁପସ୍ଥିତ ନେଇ ଅସନ୍ତୋଷ

## ପଞ୍ଚାୟତ ସମିତି ବୈଠକ

କୁନ୍ଦୁରା,୧୬।୧୧(ଡି.ଏନ.ଏ.)

ଦୀର୍ଘ ୧୦ ମାସ ପରେ ସୋମବାର କୁନ୍ଦୁରା ପଞ୍ଚାୟତ ସମିତି ବୈଠକ ବସିଥିଲା। ଏଥିରେ ଅଧକ୍ଷ ସୁରେନ୍ଦ୍ର ପରଜା ସଭାପତିତ୍ୱ କରିଥିଲେ। ହସ୍ତତନ୍ତ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଡିଓ ସ୍ନେହପ୍ରଭା ମାଝି, ତହସିଲଦାର ଆୟୁବ ମଣ୍ଡଳ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀମିନରବାଲିଆ, ଜିଲା ପରିଷଦ ସଭ୍ୟ ଧନୀରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କେତେକ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ଏମ୍‌ପି ଅସନ୍ତୋଷ ପ୍ରକାଶ କରିଥିଲେ। ରାସ୍ତା,ବିଦ୍ୟାଳୟ, ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡିକ ଶେଷ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାହୀଯନ୍ତ୍ରୀ ସୋମନାଥ ତ୍ରିପାଠୀ ପାଣ୍ଡିପାଣିଠାରୁ କୁନ୍ଦୁରା ସଦର ମହକୁମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଲାଗି ଟେଣ୍ଡର ସରିଥିବା ସୂଚନା ଦେଇଥିଲେ। ସେହିପରି ଜୟପୁରଠାରୁ କୁନ୍ଦୁରା ଓ କୁନ୍ଦୁରାଠାରୁ ନୂଆଗାଁ ପର୍ଯ୍ୟନ୍ତ ରାସ୍ତାର ସୌନ୍ଦର୍ଯ୍ୟକରଣ କରିବାକୁ ଏମ୍‌ପି ମାଝି ପ୍ରସ୍ତାବ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ୍ ବିଭାଗ ଓ ଉଦ୍ୟାନ ବିଭାଗ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ଏମ୍‌ପି ଓ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତିଳୋତ୍ତମା ଗରଡ଼ା, ଲିମା ସରପଞ୍ଚ ଧନପତି ଗରଡା ପ୍ରମୁଖ ଉପସ୍ଥିତ ଥିଲେ।


ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ପ୍ରତିନିଧିମାନେ ।


**MUNICIPAL OFFICE, JEYPORE**
Ph. No. 06854-321098, Fax No. 06854-230104, E-mail: jeyporem.hud@nic.in
L. NO. 4064/JM-TCN NO. 03/2020-21 Dt. 13.11.2020
Bid documents consisting of specification, the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app**.

| | |
|---|---|
| Bid documents including Schedule of Quantity available for Online bidding | https://tendersorissa.gov.in/nicgep/app. |
| No of Works | 01 |
| Estimated Cost | As per DTCN |
| Date & time of Bidding | From 16.11.2020 at 11.00 hours to 26.11.2020 upto 16.00 hours |
| Last date & time for receipt of bids in portal | 26.11.2020 upto 16.00 hours |
| Offline Documents received through Speed Post/ Registered Post | 26.11.2020 at 16.00 hours to 01.12.2020 upto 11.00 hours (Working days only) |
| Bids received online shall be opened on | 01.12.2020 at 11.00 hours onwards |
| Offline documents shall be opened in presence of the Participate Bidders | 01.12.2020 at 11.00 hours onwards |

Sd./- Executive Officer, Jeypore Municipality

**PARADIP PORT TRUST**
**e-TENDER CALL NOTICE (e-TCN)**
No.:MD/ACCTS-WK-R-16/2020/1219 Dtd.: 12.11.2020, Name of the work: "Providing Assistance for Berthing / Un-berthing of Vessels and other Marine Operations at Paradip Port Trust for a period of 03 Years". Estimated Cost: ₹ 4,03,95,000/-. Last date & time of submission of tender through on-line bidding is 1500 hrs. on Dt. 15.12.2020. For further details, please log on to the website https://eprocure.gov.in/ eprocure/app
Dy. Conservator
PPT/PR/296/20-21 Dt. 13.11.2020

**PARADIP PORT TRUST**
Administrative Department
**e-TENDER CALL NOTICE**
Name of the work: "**Installation of a high power digital Xerox machine in the Administrative Building (Main Gate) for a period of two years**". Estimated cost put to tender ₹ 18,34,164/-. The last date & time of submission of Bid is **19.11.2020** upto 1700 Hrs. For details please refer our Website : **www.paradipport.gov.in./https:// eprocure.gov.in/eprocure/app.**
Asst. Secretary (Admn.)
PPT/PR/301/20-21 Dated:13.11.2020

**OFFICE OF THE BHAWANIPATNA MUNICIPALITY**
**(TENDER CALL NOTICE)**
No. 3089/BPM Dtd. 13.11.2020
1. The sealed tenders are invited from the intending Manufacturer supply of authorized dealer for supply of utensil and kitchen appliances for New Aahar Center, DHH, Bhawanipatna of Kalahandi District.
2. Tender papers required for the tender can be obtained from the Office of the Bhawanipatna Municipality, Kalahandi on payment of Rs.2000/- (Rupees two thousand) only (Non-refundable) in Cash towards cost of tender paper on any working day from the date of this Notice till 26.11.2020 5.00 P.M. during office hour.
3. The tender papers can also be downloaded from the website **http:/www.kalahandi.nic.in**. In case of tender papers used downloading from the website the tender shall accompany Bank Draft of Rs.2000/- (Rupees two thousand) only in favour of **"Executive Officer, Bhawanipatna Municipality, Kalahandi"** payable at SBI Main Branch, Bhawanipatna.
4. The tender shall reach the Bhawanipatna Municipality Office, Kalahandi by Registered Post/Courier Service/ Speed Post only on or before 26.11.2020 at 5 P.M. The tender received beyond the date and time mentioned above shall not be taken into consideration.
5. Tender paper must be accompanied with the money receipt/DD towards cost of tender papers and other relevant documents as mentioned in the tender paper. Failure to comply the instruction specified there on or non-submission of any of the documents specified, the bid shall summarily be rejected.
6. The sealed tenders will be opened on 27.11.2020 at 11 A.M. by the undersigned in this Office in presence of the tenderers or their authorized agents and members of the district level purchase committee consituted for the purpose.
7. The undersigned reserves the right to cancel or reject any or all the tenders without assigning any reason thereof.
8. The details of this tender is available in the Notice Board/ District website **http:/www.kalahandi.nic.in**.

Sd./- Executive Officer
Bhawanipatna Municipality

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o . DY. GENERAL MANAGER (ELECT.), EHT (O&M) Division, Balasore
CIN: U40102OR2004SGC007553
No. CAD-765 **NOTICE INVITING TENDER – 03/2020-21**
Sealed tenders in duplicate are invited from intending Bidders having valid Civil license(C or D) with PAN, GST for
**(1) Construction of concrete slabs to be placed on open cable trench inside switchyard at 220/132/33KV Grid-Sub-Station, Balasore .**
**(2) Construction of Safety wall at 132/33KV Grid Sub-Station, Somanathpur**.
Cost of Tender Paper is Rs 2240/-, EMD@1% of the quoted price including GST for each tender is to be submitted in shape of DD drawn in favour of **DGM, EHT (O&M) Division, OPTCL, Balasore** payable at Balasore without which the tender shall be rejected. Sale of tender documents from **Dt.18.11.2020 to Dt. 01.12.2020**.The tenders shall be received up to 1 P.M. on **Dt.02.12.2020** and will be opened at 3.00P.M on same date. For details please visit our website **www.optcl.co.in**. Corrigendum if any will be published in the website only.
OIPR-04011/11/0035/2021 FIPR-25/2020-21 Sd/- DGM (Elect.)

**CHIEF DISTRICT MEDICAL & PUBLIC HEALTH OFFICER, MALKANGIRI**
No. 10985/XIVP(D&C) Dated Malkangiri the 16th Nov. 2020
**TENDER CALL NOTICE**
No.E-360: Sealed tenders are invited from reputed Manufacturers/ Importer/authorised distributor/DGS&D rate contract holders for supply & installation equipment for supply of Logistic under Bio-Medical Waste Management System for Malkangiri District. The tender papers in details along with the term and condition of tender are available **THROUGH DISTRICT WEBSITE www. malkangiri.nic.in**. Bidders can download the tender papers from the website and such bidders have to enclose a non-refundable State Bank of India Demand Draft of Rs.5000/- (Rupees five thousand) only in favour of Chief District Medical & Public Health Officer, Malkangiri payable at SBI, Malkangiri with BID document and subscribe the BID document that it has been downloaded from the website. The sealed tender should reach to the undersigned on or before **02.12.2020 upto 05.00 P.M. through Regd. Post/Speed Post** only.
The technical bid of the tender will be opened **03.12.2020 at 11.00 A.M.** in the presence of tenderer or their authorized representative by the Chairman of Purchase Committee at the O/o. CDM&PHO, Malkangiri.
Sd./- S.R. Pattnaik
Chief District Medical & Public Health Officer, Malkangiri
OIPR-10082/11/0015/2021

**ZILLA SWASTHYA SAMITI, ANGUL**
**APPOINTMENT**
No. 2838 Date: 16.11.2020
Eligible & aspirant canddiates are hereby informed to visit/log on to the District website i.e. **www.angul.nic.in** for application form, eligible criteria, selection process etc. and apply/appear for the following category of posts:

| Sl. No. | Post | No. of Vacancies | Monthly Consolidated Remuneration in Rs./- | Mode of Selection | Last Date of Submission of Applications |
|---|---|---|---|---|---|
| 1 | M.O. RBSK (Ayurvedic: Male - 01 / Female - 02) Homeopathic: Male - 03 / Female - 02) | 08 | 23,020 + P.I. | Open | 03.12.2020 |
| 2 | Case Registry Assistant | 01 | 09,724 + P.I. | Open | 03.12.2020 |
| 3 | Psychiatric Nurse | 01 | 16,775 + P.I. | Open | 03.12.2020 |
| 4 | Psychiatric Social Worker | 01 | 27,228 + P.I. | Open | 03.12.2020 |
| 5 | Clinical Psychologist | 01 | 27,228 + P.I. | In House | 03.12.2020 |
| 6 | STLS (Senior Tuberculosis Laboratory Supervisor) | 01 (ST) | 19,206 + P.I. | Open | 03.12.2020 |
| 7 | M.O. - MBBS (DEIC) | 01 | 55,566 + P.I. | Walk-in-Interview | 02.12.2020 |
| 8 | Paediatrician (DEIC) | 01 | 69,458 + P.I. | Walk-in-Interview | |
| 9 | Optometrist (DEIC) | 01 | 14,099 + P.I. | Walk-in-Interview | 03.12.2020 |
| 10 | Dental Technician (DEIC) | 01 | 12,140 + P.I. | Walk-in-Interview | |
| 11 | Social Worker (RBSK / NTCP) | 01 | 17,613 + P.I. | Walk-in-Interview | 08.12.2020 |
| 12 | DPC - District Programme Coordinator - NTEP | 01 | 27,228 + P.I. | In House | 03.12.2020 |

The applications received after last date shall not be accepted and the candidates have to submit their applications through Regd./Speed Post only to the Office of the undersigned. Candidates for Walk-in-Interview to register their names on exact date of interview between 9.30 A.M. to 11.00 A.M. in District Training Unit, DHH, Angul failing which their candidature shall not be, whereas they have to appear on exact date of Walk-in-Interview with completely filled up application form and original as well as photocopies of certificates as per requisite documents and others as mentioned in the district website. The above posts are purely contractual and co-terminus in nature with the project period. The candidates are informed to visit the district website in a periodical manner to get up-to-date information of the selection process and no fresh documents during the objection invitation period shall be entertained. The exact vacancies are subject to change and the undersigned is not responsible for any postal delay or transport dely. The typographical error (if any) may be exempted and no personal communication regarding the above recruitment shall be entertained. Interested in-house candidates are to apply in the prescribed application from with NOC & certificate for last uninterrupted service in the same post under the society from their concerned appointing authority/employees with other relevant documents as mentioned in the district website. Application shall not be submitted through e-mail.
Sd./- Chief District Medical & Public Health Officer cum-District Mission Director, Angul

“ ଭ୍ରାତୃତ୍ୱ ହେଲା ରକ୍ତର ସମ୍ବନ୍ଧ- ଦେଶର ସମ୍ବନ୍ଧ- ଧର୍ମର ସମ୍ବନ୍ଧ କିମ୍ବା ମାନବୀୟ ସମ୍ବନ୍ଧ। ଯେତେବେଳେ ସ୍ୱାର୍ଥ ହୁଙ୍କାର ଦେଇ ଉଠିବ, ସେତେବେଳେ ଏ ଭ୍ରାତୃତ୍ୱର କ'ଣ ହେବ ? କେବଳ ଭଗବାନଙ୍କ ବିଶ୍ୱବ୍ୟାପୀ ଏକତ୍ୱ ଛାଞ୍ଚରେ ହୃଦୟକୁ, ମନକୁ, ଦେହକୁ ଢାଳିପାରିଲେ ଯାଇ ଗଭୀର ନିଃସ୍ୱାର୍ଥ ଅପ୍ରତିହତ ପ୍ରେମ ପାଇହେବ। -ଶ୍ରୀଅରବିନ୍ଦ

# ମୁଣ୍ଡ ପିଟିବା

ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଆଧାରରେ କୌଣସି ଏକ ସ୍ଥାନର ପ୍ରଦୂଷଣକୁ ମପା ଯାଇଥାଏ। ଶୂନରୁ ୫୦ ଯାଏ 'ଉତ୍ତମ', ୫୧ରୁ ୧୦୦ 'ସନ୍ତୋଷଜନକ', ୧୦୧ରୁ ୨୦୦ 'ମଧ୍ୟମ', ୨୦୧ରୁ ୩୦୦ 'ଖରାପ' ୩୦୧ରୁ ୪୦୦ 'ଅତ୍ୟନ୍ତ ଖରାପ' ଏବଂ ୪୦୧ରୁ ୫୦୦ 'ଅସମ୍ଭାଳ' ଭଳି ବାୟୁ ପ୍ରଦୂଷଣକୁ ବର୍ଗୀକରଣ କରାଯାଇଛି। ସେହି ଦୃଷ୍ଟିରୁ ଦେଖିଲେ ଭାରତର ରାଜଧାନୀ ଦିଲ୍ଲୀ ଅସମ୍ଭାଳ ସ୍ତରରେ ପହଞ୍ଚିଛି। ୧୫ ନଭେମ୍ବରରେ ଏହା ୪୬୯ ସ୍ତରରେ ରହିଥିଲା। ଏଥିରୁ ଅନୁମାନଯୋଗ୍ୟ ଯେ ସେଠାକାର ବାସିନ୍ଦା କେଉଁଭଳି ଅବସ୍ଥାରେ ବଞ୍ଚୁଥିବେ। ଚଳିତ ବର୍ଷ ଦୀପାବଳି ସମୟରେ ଆତସବାଜି ଉପରେ ପ୍ରତିବନ୍ଧକ ଲଗାଯାଇଥିବା ସତ୍ତ୍ୱେ କାଁଭାଁ ବାଣ ଫୁଟିବାରୁ ଦିଲ୍ଲୀ ଓ ଏହାର ଆଖପାଖ ବାୟୁମଣ୍ଡଳ ପ୍ରଦୂଷିତ ହୋଇଯାଇଛି। ନଭେମ୍ବର ଆସିଲେ ଭାରତରେ ବିଶେଷକରି ବାୟୁ ପ୍ରଦୂଷଣ ପ୍ରସଙ୍ଗ ଜୋରଦାର ଉଠେ। ଏହାର ଦୁଇ ମାସ ପରେ ଅର୍ଥାତ୍ ଫେବୃୟାରୀ ଆଡ଼କୁ ଏହି କଥା ଯେମିତି କାହାର ମନେପଡ଼େ ନାହିଁ। ଦେଖିବାକୁ ଗଲେ ଦୀପାଳବି ବର୍ଷକୁ ଥରେ ଆସେ। ତାହାଠାରୁ କାହିଁ କେତେ ଗୁଣରେ ପଞ୍ଜାବ, ହରିୟାଣା ଆଦି ଦିଲ୍ଲୀ ନିକଟବର୍ତ୍ତୀ ଅଞ୍ଚଳରୁ ଖେତରେ ନଡ଼ାକୁ ପୋଡ଼ି ଦିଆଯିବା ପରେ ବାହାରୁଥିବା ଧୂଆଁ ଦ୍ୱାରା ସମଗ୍ର ବାୟୁମଣ୍ଡଳ ଆଚ୍ଛାଦିତ ହୋଇଯାଏ। ଏହି ଶୀତ ଦିନେ ସେହି ଧୂଆଁ ସହ କାକର ମିଶିଗଲେ ପ୍ରାତଃ ସମୟରେ ଲୋକେ ୧୦ ମିଟର ଭିତରେ ଦେଖିପାରି ନ ଥାଆନ୍ତି। କେତେକେ ନଡ଼ା ଧୂଆଁକୁ ଋତୁକାଳୀନ କହି ଏଡ଼ାଇ ଦେଉଛନ୍ତି। କିନ୍ତୁ ଏହାର କୁପ୍ରଭାବ ଲୋକଙ୍କ ଶ୍ୱାସପ୍ରକ୍ରିୟା ଉପରେ ଯଥେଷ୍ଟ ପଡୁଛି। ଏଥିସହିତ ଗ୍ରାମାଞ୍ଚଳରୁ ସହର ଯାଏ ଅନେକ ସ୍ଥାନରେ ରନ୍ଧନ ଗ୍ୟାସ୍ ସମସ୍ତଙ୍କୁ ଉପଲବ୍ଧ ହେଉ ନ ଥିବାରୁ ଗୋବର ଘଷି ଜାଳି ଲୋକେ ରୋଷେଇ କରିଥାଆନ୍ତି। ସବୁଠାରୁ ସାଂଘାତିକ ବିପଦ ସୃଷ୍ଟି କରୁଛି କୋଇଲା ପ୍ଲାଣ୍ଟଗୁଡ଼ିକ। ସେଥିରୁ ନିର୍ଗତ ବାଷ୍ପ ଓ ଗୁଣ୍ଡ ବାୟୁମଣ୍ଡଳକୁ ଅତ୍ୟଧିକ ଖରାପ କରିଦେଉଛି। ଏଭଳି ଶିଳ୍ପ ଓଡ଼ିଶାଠାରୁ ଆରମ୍ଭ କରି ଦେଶର ବିଭିନ୍ନ ପ୍ରାନ୍ତରେ ରହିଛି। କେବଳ ବିକାଶର ଦ୍ୱାହି ଦିଆଯାଇ ସେଗୁଡ଼ିକୁ ଚାଲୁ ରଖାଯାଉଥିବାରୁ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ପୁଣି ଗାଡ଼ିମୋଟରରୁ ନିର୍ଗତ ଧୂଆଁ ପ୍ରଦୂଷଣ ମାତ୍ରାକୁ ଢେର ବୃଦ୍ଧି କରିଚାଲିଛି। ଏ ବିଷୟ ସମସ୍ତେ ହୃଦୟଙ୍ଗମ କରୁଥିଲେ ମଧ୍ୟ ବ୍ୟକ୍ତିଗତ ସ୍ତରରେ ଲୋକେ ସଚେତନ ହେଉନାହାନ୍ତି।

କୃଷିପ୍ରଧାନ ଦେଶ ଭାରତରେ ଯେବେଠାରୁ ଶିଳ୍ପକୁ ବହୁଳ ମାତ୍ରାରେ ଗୁରୁତ୍ୱ ଦିଆଗଲା ସେବେଠାରୁ ପ୍ରଦୂଷଣ ବଢ଼ିଚାଲିଛି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିଳ୍ପ ଦରକାର। କିନ୍ତୁ ଜନବସତିଠାରୁ ଦୂରରେ ତଥା ଅନୁପଯୁକ୍ତ ଜମିରେ ସେଗୁଡ଼ିକ ସ୍ଥାପନ ହେବା ଦରକାର। କିନ୍ତୁ ଯୋଗାଯୋଗ ଓ ଗମନାଗମନକୁ ଆଳ ଦେଖାଇ ଶିଳ୍ପଗୁଡ଼ିକୁ ସହର ନିକଟରେ ପ୍ରତିଷ୍ଠା କରାଯାଉଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ପଡୁଛି। ବିଶେଷକରି କୋଇଲାଚାଳିତ ଓ ରାସାୟନିକ କାରଖାନାରୁ ବହୁ ପରିମାଣର ଦୂଷିତ ଗ୍ୟାସ୍ ନିର୍ଗତ ହୋଇଥାଏ। ଏଠାରେ ଭୋପାଳ ଗ୍ୟାସ୍ ବିସ୍ଫୋରଣ କଥା ମନେପକାଇ ଦିଆଯାଇପାରେ। ବିସ୍ଫୋରଣ ଯୋଗୁ ସେଠାରେ ହଜାର ହଜାର ଲୋକଙ୍କ ପ୍ରାଣହାନି ଘଟିଥିଲା। କିନ୍ତୁ ତା'ଠାରୁ ଆହୁରି ମାରାତ୍ମକ ହୋଇଗଲାଣି ସେହିଭଳି କାରଖାନାଗୁଡ଼ିକୁ ସହର ମଧ୍ୟରେ ସ୍ଥାପନ କରିବା ଲାଗି ଅନୁମତି ଦିଆଯିବା। ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି କେନ୍ଦ୍ର ଯାଏ ବାହାବା ନିଆଯାଉଛି କିଏ କେତେ ଶିଳ୍ପ ସ୍ଥାପନ ଲାଗି ବୁଝାମଣାପତ୍ରରେ ସ୍ୱାକ୍ଷର କରୁଛନ୍ତି। କେହି କେବେ ପ୍ରଶ୍ନ କରୁନାହାନ୍ତି ଯେ ବଡ଼ ଓ ବିପଦପୂର୍ଣ୍ଣ କାରଖାନାଗୁଡ଼ିକୁ ଜନଗହଳି ଅଞ୍ଚଳରେ ସ୍ଥାପନ କରାଗଲେ କେତେ କ୍ଷତି ସହିବାକୁ ପଡ଼ିବ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ଆଧାରିତ ଶିଳ୍ପ ଗଢ଼ାଗଲେ ତାହାର କୁପ୍ରଭାବ ଲୋକଙ୍କ ଉପରେ ସେଭଳି ପଡ଼ି ନ ଥାଏ।

ଗୋଟେ ସମୟ ଥିଲା ପାଶ୍ଚାତ୍ୟ ଅର୍ଥନୀତି ସହ ପ୍ରତିଦ୍ୱନ୍ଦ୍ୱିତା କରିବା ସକାଶେ ଭାରତରେ ଶିଳ୍ପକୁ ଅଗ୍ରାଧିକାର ଦିଆଯାଇଥିଲା। ତାହାଦ୍ୱାରା ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ସହ ଅନେକାଂଶରେ ଆର୍ଥିକ ଦୃଷ୍ଟିରୁ ଲାଭ ମିଳିଛି। କିନ୍ତୁ ଏବେ ସମୟ ଆସିଲାଣି ପରିବେଶକୁ ଯଥାସମ୍ଭବ ପ୍ରଦୂଷଣମୁକ୍ତ ରଖି ବଞ୍ଚିବାକୁ ହେବ। ଶିଳ୍ପରେ ପୁଞ୍ଜି ନିବେଶଠାରୁ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ପାଇଁ ମୌଳିକ ଭିତ୍ତିଭୂମି ବା ସାମାଜିକ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ଅଧିକ ଗୁରୁତ୍ୱ ବହନ କଲାଣି। ତାହା ହେଲେ ଯାଇ ପରିବେଶକୁ ନିର୍ମଳ ରଖିବା ଦିଗରେ ଏକ ପାଦ ଆଗକୁ ଯାଇପାରିବା। ନ ହେଲେ କେବଳ ମୁଣ୍ଡ ପିଟିବା ସାର ହେବ।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ନଭେମ୍ବର ୧୯୯୫**

- ଚାଇନାର ୟାଙ୍ଗ୍‌ଜେ ନଦୀରେ ନୌକା ଦୁର୍ଘଟଣା ଘଟି ୭୦ ଲୋକଙ୍କ ପ୍ରାଣହାନି।
- ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ରୋଇଡେ-ଓଙ୍କୁ ୩୦୦ ନିୟୁତ ଡଲାର ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗରେ ଗିରଫ କରାଯାଇଛି।
- ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ କାର୍ଯ୍ୟ କରୁଥିବା ବିଶିଷ୍ଟ ସମାଜସେବୀ କୈଳାସ ସତ୍ୟାର୍ଥୀଙ୍କୁ ସମ୍ମାନଜନକ ରବର୍ଟ ଏଫ୍ କେନେଡି ମାନବାଧିକାର ପୁରସ୍କାର ପ୍ରଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | | 2 | | | | | 7 | | | D | | | |
| | | | | | 0 | 6 | | | | | | 8 | 9 | 3 |
| 5 | | | B | | | | C | 9 | 2 | | 7 | | | 0 |
| | E | | 1 | 6 | 3 | B | | | 0 | | | | 2 | |
| D | | | | A | 8 | | 0 | | | | | 4 | | |
| | C | E | | 2 | | 4 | | 3 | | 1 | | | D | |
| | | | C | | | A | | B | | 3 | | | | 8 |
| | 8 | 4 | | | D | | | | | | | | A | |
| A | 0 | D | 7 | 1 | | C | | 5 | | 6 | 9 | | | B |
| 3 | | | | | 5 | | | | | | | | | 7 |
| | | 8 | 5 | | 7 | 9 | | | | | 4 | D | 3 | 6 |
| | | | | | 9 | | 5 | | | | | | | |
| E | | 5 | | | B | 0 | | | | | | | | |
| | | 6 | | 4 | | 1 | | | 3 | | | | | A |
| 0 | | | 8 | | | D | B | | | | 5 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | B | 6 | 1 | D | A | 4 | 9 | 3 | 2 | E | 8 | 0 | 5 |
| 1 | 6 | 5 | E | 4 | B | 0 | 7 | 2 | 8 | 9 | C | 3 | D | A |
| D | 8 | E | A | 2 | 5 | 3 | 6 | C | 4 | 0 | 7 | 1 | 9 | B |
| 0 | 4 | A | 7 | 9 | 3 | D | B | 8 | 1 | 5 | 6 | E | C | 2 |
| 3 | 2 | 9 | C | 8 | 0 | E | 5 | 1 | D | B | A | 4 | 7 | 6 |
| 6 | 5 | 8 | 0 | B | 1 | 4 | D | E | 9 | 7 | 2 | C | A | 3 |
| E | 0 | 4 | 5 | 7 | 2 | 9 | 3 | A | 6 | C | D | B | 8 | 1 |
| 2 | 9 | 3 | D | C | 6 | B | 8 | 5 | A | E | 1 | 7 | 4 | 0 |
| C | A | 7 | 8 | E | 4 | 1 | 2 | 0 | 5 | 3 | B | D | 6 | 9 |
| B | D | 1 | 3 | A | 9 | 6 | C | 7 | 0 | 4 | 8 | 5 | 2 | E |
| 4 | E | 0 | B | D | C | 7 | 1 | 3 | 2 | 6 | 9 | A | 5 | 8 |
| 5 | 1 | 2 | 4 | 3 | 7 | 8 | 9 | D | B | A | 0 | 6 | E | C |
| 8 | B | D | 2 | 0 | E | C | A | 6 | 7 | 1 | 5 | 9 | 3 | 4 |
| 9 | 7 | 6 | 1 | 5 | A | 2 | E | 4 | C | 8 | 3 | 0 | B | D |
| A | 3 | C | 9 | 6 | 8 | 5 | 0 | B | E | D | 4 | 2 | 1 | 7 |

ଗତକାଲିର ଉତ୍ତର

# ରାଜା ସିନା ପୂଜା ପାଏ



ରଞ୍ଜନ କୁମାର ଦାସ

ବହୁ କାଳ ତଳେ କବି ଯଦୁମଣି ପ୍ରସଙ୍ଗକ୍ରମେ କହିଥିଲେ ରାଜା ସିନା ପୂଜା ପାଏ ଆପଣା ଦେଶରେ, କବି ପୂଜା ପାଉଥାଏ ଦେଶ ବିଦେଶରେ। ସଂସ୍କୃତରେ ମଧ୍ୟ କଥିତ ଅଛି ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ ସର୍ବତ୍ର ପୂଜ୍ୟତେ। ଅର୍ଥାତ୍ ରାଜା କେବଳ ତାଙ୍କ କ୍ଷମତା ବା ଶକ୍ତି ଯୋଗୁ ବାଧ୍ୟବାଧକତାରେ ତାଙ୍କ ପ୍ରଜାଙ୍କ ଦ୍ୱାରା ପୂଜିତ ହୋଇଥାନ୍ତି। ବେଳେବେଳେ ପ୍ରଜାମାନେ ତାଙ୍କୁ ସନ୍ତୁଷ୍ଟ ରଖିବାକୁ ଲୋକ ଦେଖାଣିଆ ଭାବେ ଭକ୍ତି କରୁଛନ୍ତି ବା ଭଲ ପାଉଛନ୍ତି ବୋଲି ଦେଖାଇବାକୁ ଚେଷ୍ଟା କରିଥାନ୍ତି। ହୁଏତ ସେତେବେଳେ ସେମାନଙ୍କ ମନ ଭିତରେ ପ୍ରକୃତ ଭଲ ପାଇବା ବା ଭକ୍ତିଭାବ ନ ଥାଏ। କେବଳ ନିଜ ଆନୁଗତ୍ୟ ପ୍ରକାଶ କରିବାକୁ ପ୍ରଜାମାନେ ରାଜାଙ୍କ କଥାରେ ବାହା ବାହା କରନ୍ତି, ତାଳି ମାରନ୍ତି, ତାଙ୍କ ପାଦଛୁଇଁ ମୁଣ୍ଡିଆ ମାରନ୍ତି। ଅନ୍ୟଥା ତାଙ୍କ ମୁଣ୍ଡକାଟ ହେବାର ଭୟ ଥାଏ, ନିର୍ବାସନର ଆଶଙ୍କା ଥାଏ ବା ଧନସମ୍ପଦ ଛଡ଼ାଇ ନିଆଯିବାର ସମ୍ଭାବନା ଥାଏ। ତେଣୁ ସେ ଭକ୍ତି ବା ଭଲ ପାଇବା ପ୍ରକାରାନ୍ତରେ ଭୟ ଭକ୍ତି। ସେଥିରେ ପ୍ରେମ ଅପେକ୍ଷା ଭୟଭାବର ମାତ୍ରା ବେଶି ଥାଏ।

ଅପରପକ୍ଷରେ କବି ହୁଅନ୍ତୁ, କଳାକାର ହୁଅନ୍ତୁ, ସଜ୍ଜନ ହୁଅନ୍ତୁ ବା ସାଧୁସନ୍ଥ ହୁଅନ୍ତୁ, ସେମାନେ ଦେଶ, କାଳ, ପାତ୍ରର ଉର୍ଦ୍ଧ୍ୱରେ ଥାଇ ସର୍ବତ୍ର ଭଲ ପାଇବା ସାଉଁଟି ଥାଆନ୍ତି। ଲୋକେ ତାଙ୍କୁ ଯେଉଁଠି ଦେଖନ୍ତି ତାଙ୍କ ଚାରିପଟେ ଘେରି ଯାଆନ୍ତି। ତାଙ୍କ ସହ ସେଲ୍‌ଫି ନେବା ପାଇଁ ଲାଗିଯାଏ ଲାଇନ। ତାଙ୍କର ପଦେ କଥା ଶୁଣିବା ପାଇଁ ଲୋକେ ହୋଇଯାଆନ୍ତି ଦିୱାନା। ପାକିସ୍ତାନର ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ତାଙ୍କ ଦେଶରେ କେବଳ କରତାଳି ପାଇ ପାରନ୍ତି, ମାତ୍ର ଭାରତ ଆସିଲେ ତାଙ୍କୁ କରତାଳି ଦେବ କିଏ, ତାଙ୍କ ସହ ଫଟୋ ଉଠାଇବାକୁ କିଏ ବା ବ୍ୟଗ୍ର ହେବ? ମାତ୍ର ଯଦି ସେଇ ପାକିସ୍ତାନରୁ ରାହତ ଫତେ ଅଲ୍ଲୀ ଖାଁ, ଅଲ୍ଲୀ ଜାଫର, ଆତିଫ୍ ଅସଲାମ, ଫାୱଦ ଖାଁ ବା ନୁସରତ ଫତେ ଅଲ୍ଲୀ ଖାଁ ଆସନ୍ତି ତେବେ ତାଙ୍କ ପ୍ରୋଗ୍ରାମ ଦେଖିବାକୁ କେତେ ଲୋକ ଏକାଠି ହୁଅନ୍ତି ଏଠି ! ସେତେବେଳେ ଭାରତୀୟ କଳାପ୍ରେମୀ ଲୋକଙ୍କ ମନରେ ଭାରତ ପାକିସ୍ତାନ ଭିତରର ବୈରଭାବ ଆଉ ନ ଥାଏ। ହୁଏତ ଆମର ଜଣେ ପ୍ରତିଷ୍ଠିତ ନେତା ପାକିସ୍ତାନ ଗଲେ ସେଠି ହାଏ ହାଏ ଧ୍ୱନି ପଡ଼ିପାରେ। ମାତ୍ର ସଲମାନ ଖାଁ, କି ଅମିର ଖାଁ ଯଦି ପାକିସ୍ତାନ ଯାଆନ୍ତି ସେ ହାଏ ହାଏ, ଓଏ ଓଏରେ ପରିଣତ ହୋଇଯାଇପାରେ।


ତେଣୁ ଏକଥା ନିଃସନ୍ଦେହରେ କୁହାଯାଇ ପାରେ ଯେ କଳାର କ୍ଷେତ୍ର ସବୁବେଳେ ପ୍ରେମର କ୍ଷେତ୍ର, ଘୃଣାର କ୍ଷେତ୍ର ନୁହେଁ। ଯେଉଁମାନେ କଳାରେ ଥାଆନ୍ତି ସେମାନେ ପ୍ରେମ ବାଣ୍ଟନ୍ତି, ପ୍ରେମ ସାଉଁଣ୍ଟନ୍ତି। ଘୃଣା ସହ ସେମାନଙ୍କର ଲେନ୍‌ଦେନ୍ ନ ଥାଏ। ଯେଉଁଠି କ୍ଷମତା ପାଇଁ ଯୁଦ୍ଧ ଥାଏ, ଯେଉଁଠି ଶକ୍ତି ପ୍ରଦର୍ଶନର ଆବଶ୍ୟକତା ଥାଏ ସେଠି ଘୃଣା ଆପେ ଆପେ ପଶିଯାଏ। ସେଠିକି ଆପେ ଆପେ ନାରକୀୟ ଚିନ୍ତାଧାରା, ଅସୂୟା, ଅସହନୀୟତା, ପରଶ୍ରୀକାତରତା, ଅସହିଷ୍ଣୁତା ତିରସ୍କାର, ତିତିକ୍ଷା, ନିନ୍ଦାଗାନ ସବୁ ଆସିଯାଏ। ସେଠିକି ଆସିଯାଏ ବିରୋଧୀଙ୍କୁ ଦମନ କରିବାର ପ୍ରବୃତ୍ତି, ହିଂସା, ଦ୍ୱେଷ, ହତ୍ୟା, ଅତ୍ୟାଚାର, ବର୍ବରତାର ବିଚାରଧାରା।

ମାତ୍ର ଚିନ୍ତା କରାଯାଉ ଏପରି ଏକ ବିଶ୍ୱର ଦୃଶ୍ୟପଟ ଯେଉଁ ରାଜା ନିଜେ ଜଣେ କବି ହୋଇଥିବେ, ଦାର୍ଶନିକ ହୋଇଥିବେ, ଚିତ୍ରକର ହୋଇଥିବେ, ପ୍ରବଚକ ହୋଇଥିବେ, ସାଧୁ ହୋଇଥିବେ, ସନ୍ଥ ହୋଇଥିବେ, ନମ୍ର ଓ ବିନୟୀ ହୋଇଥିବେ, ପ୍ରଜାପାଳକ ହୋଇଥିବେ, ପ୍ରଜାନୁରଞ୍ଜକ ହୋଇଥିବେ। ଏକଥା ଆଜିକୁ ଅନେକ ବର୍ଷ ତଳେ ଚିନ୍ତା କରିଥିଲେ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ। ରାଜନୀତି ବିଜ୍ଞାନର ଅଗ୍ରଚିନ୍ତକ ପ୍ଲାଟୋ ପରିକଳ୍ପନା କରିଥିଲେ ଏପରି ଏକ ଆଦର୍ଶ ରାଜ୍ୟର ; ଯେଉଁଠି ରାଜା ଜଣେ ଦାର୍ଶନିକ ହେଇଥିବେ। ତାଙ୍କର ନିଜସ୍ୱ ପରିବାର ନ ଥିବ। ପରିବାର ଥିଲେ ସିନା ସେ ପରିବାରର ଅଭିବୃଦ୍ଧି କଥା ଚିନ୍ତା କରିବେ। ଆପଣା ପରର ବାଛ ବିଚାର କରିବେ। ଏଭଳି ଜଣେ ଋଷିପ୍ରତିମ ସନ୍ନ୍ୟାସୀ ରାଜା ସାରା ରାଜ୍ୟକୁ ନିଜ ପରିବାର ବୋଲି ଭାବିବେ। ମୁଁ ବା ମୋ ପରିବାର କେମିତି ଖୁସିରେ ରହିବେ ଚିନ୍ତା ନ କରି ସେ ଚିନ୍ତା କରିବେ ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟ, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍। ତାଙ୍କର ଆପଣା ପର ଭେଦଭାବ ନ ଥିବ। ସମସ୍ତଙ୍କୁ ଖୁସି ହେବାର ଦେଖି ସେ ନିଜେ ଖୁସି ହେଉଥିବେ। ତାଙ୍କର ସବୁ ଭାବନା,ଚେତନା ସମର୍ପିତ ହୋଇଥିବ ଲୋକମାନଙ୍କ ମଙ୍ଗଳ ପାଇଁ। ସେ ନମ୍ର ଓ ବିନୟୀ ହୋଇଥିବେ। ପ୍ରଜାମାନେ ତାଙ୍କ ପାଖରେ ପହଞ୍ଚି ପାରୁଥିବେ, ତାଙ୍କୁ ନିଜ ଭଲମନ୍ଦ କହି ଆଶ୍ୱସ୍ତି ଅନୁଭବ କରି ପାରୁଥିବେ। ପ୍ରଜାମାନଙ୍କ ମନରେ ବିଶ୍ୱାସ ରହୁଥିବ ଯେ, ହଁ, ମୁଁ ରାଜାଙ୍କ ପାଖରେ ଥରେ ମୋ ଦୁଃଖଟି ଜଣେଇ ଦେଲେ ତେଣିକି ସେ ନିଶ୍ଚୟ କିଛି ନା କିଛି ମୋ ପାଇଁ ଚିନ୍ତା କରିବେ, ମୋ ଦୁଃଖ ଦୂର କରିବେ। ଏଇ ବିଶ୍ୱାସ ଟିକକ ହିଁ ତ ସଂସାରକୁ ଚଳେଇଚି। ଆମେ କ'ଣ ଜାଣୁ ସତରେ ଭଗବାନ କୋଉଠି ଅଛନ୍ତି, ସେ କେମିତି ଦିଶନ୍ତି, କ'ଣ କରନ୍ତି। ମାତ୍ର ଆମ ମନର ଦୁଃଖ ଟିକକ ତାଙ୍କୁ ଜଣେଇଦେଇ ଆଶ୍ୱସ୍ତ ହଉ ଯେ ଭଗବାନ ଥରେ ମୋ ଦୁଃଖ ଜାଣିଲେ ତେଣିକି ଆଉ ଚିନ୍ତା ନାହିଁ। ସେ ତା'ର ବାଟ ବାହାର କରିବେ। ଈଶ୍ୱର ହୁଅନ୍ତୁ, ରାଜା ହୁଅନ୍ତୁ ବା ଶାସକ ହୁଅନ୍ତୁ ତାଙ୍କ ଉପରେ ସେଇ ପ୍ରକାର ଆସ୍ଥା ଥରେ ଆସିଗଲେ ସେ ପ୍ରଜାଙ୍କ ଦୃଷ୍ଟିରେ ପିତା-ପ୍ରତିମ ଓ ଈଶ୍ୱର-ପ୍ରତିମ ମନେ ହୁଅନ୍ତି। ବାପା ଥିଲା ପୁଅ ଯେମିତି ସଂସାରକୁ ଡରେନା ସେମିତି ଭଲ ରାଜା ବା ଶାସକର ରାଜ୍ୟରେ ପ୍ରଜା ଡରେନା, ଭୟ କରେନା, ଭ୍ରୂକ୍ଷେପ କରେନା। ସେ ଜାଣେ ଯେ ମୋ ରାଜାର ଗୋଟେ ହୃଦୟ ଅଛି। ସେ ନିଶ୍ଚେ ବୁଝିବ ମୋ କଥା। ତାକୁ ନ କହିଲେ ବି ସେ କୋଉଠୁ ନା କୋଉଠୁ ଜାଣିପାରିବ ମୋ ଦୁଃଖ ଓ ତା'ର ନିଦାନର ବ୍ୟବସ୍ଥା କରିବ।

ଉତ୍ତୁଙ୍ଗ ମହଲ ଗଢ଼ିବା, କୋଠାବାଡ଼ି ତୋଳିବା, ରାସ୍ତାଘାଟ ଚଉଡ଼ା କରିବା, କୂଅ ପୋଖରୀ ଖୋଳିବା ରାଜାଙ୍କୁ ପ୍ରଜାଙ୍କର ଯେତିକି ନିକଟତର କରାଏ, ତାଠୁ ବେଶି ନିକଟତର କରାଏ ରାଜାଙ୍କର ବିନୟୀ ଭାବ, ପ୍ରଜାଙ୍କ ସହ ଏକାତ୍ମ ହେବାର ସଂକଳ୍ପ ଓ ପ୍ରଜାଙ୍କର ଭଲମନ୍ଦ ଚିନ୍ତା କରୁଥିବାର ପ୍ରତ୍ୟୟ। ସେଥିପାଇଁ କୁହାଯାଏ ଆପଣ ଜଣେ ଲୋକଙ୍କୁ ଯଦି କିଛି ଆର୍ଥିକ ବା ଭୌତିକ ସାହାଯ୍ୟ କରିଥିବେ ସେ ଟଙ୍କା କିମ୍ବା ପଦାର୍ଥ ଦିନେ ନା ଦିନେ ସରିଯିବ, ମାତ୍ର ଆପଣ ଦିନେ ତାକୁ ଅସୁବିଧା ବେଳେ ସାହାଯ୍ୟ କରିଥିଲେ ଏ ଅନୁଭବ ଟିକକ ନିଶ୍ଚୟ ତା' ମନଭିତରେ କାଳକାଳକୁ ରହିଯିବ। ପ୍ରଜାଙ୍କଠାରୁ କର ଆଦାୟ କରି କେହି ରାଜା କେବେ ମହାନ୍ ହୋଇନାହିଁ, ବରଂ ପ୍ରଜାଙ୍କୁ ସେ କେତେ ଅମୃତ ଅନୁଭବ ଦେଇଛନ୍ତି ତାରି ଭିତରେ ତାଙ୍କ ଅମରତ୍ୱର ଗାଥା ରଚିତ ହୁଏ। ଯେଉଁ ରାଜା ବା ଶାସକ ଏଇ କଥାଟିକୁ ଯେତେ ଧ୍ୟେୟ କରି କାର୍ଯ୍ୟକରିଛନ୍ତି ସେ ଜନମାନସରେ ସେତେ ଆଦୃତ ହୋଇଛନ୍ତି। ରାଜ୍ୟର ରାଜା ପଦରୁ ଉନ୍ନୀତ ହେଇ ହୃଦୟର ରାଜା ପଦରେ ଅଧିଷ୍ଠିତ ହୋଇଛନ୍ତି। ଯେଉଁଠି ଥରେ ଅଧିଷ୍ଠିତ ହେଲେ ଆଉ ସିଂହାସନ ଅବରୋହଣର ସମ୍ଭାବନା ନ ଥାଏ। ସେଇଭଳି ରାଜାମାନେ ରାଜା ହେଇ ଋଷିଙ୍କ ଭଳି ଚଳିଥାନ୍ତି। ଋଷି ହୋଇ ମଧ୍ୟ ରାଜାଙ୍କ ଭଳି ପ୍ରଜାପାଳନ କରିଥାନ୍ତି। ସେମାନେ ରାଜର୍ଷି। କେବେ ସେମାନେ ଅସ୍ତ୍ର ଧରିଛନ୍ତି ତ କେବେ ଶାସ୍ତ୍ର। କେବେ ସ୍ୱତ୍ୱ ପାଇଁ ଲଢ଼ିଥାନ୍ତି ତ କେବେ ତତ୍ତ୍ୱ ପାଇଁ। ସେମାନେ ଅମରତ୍ୱ ପାଇଛନ୍ତି, ଅବିନଶ୍ୱର ଈଶ୍ୱର ଭଳି କାଳେକାଳେ ଯୁଗେଯୁଗେ ପୂଜିତ ହୋଇଛନ୍ତି।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ-୯୪୩୭୨୮୬୫୧୨

# ଆସ ମଙ୍ଗଳରେ ଘର କରିବା



ଇଂ. ମାୟାଧର ସ୍ୱାଇଁ

ଅନେକ ବର୍ଷ ପୂର୍ବେ ବିଜ୍ଞାନ ଉପନ୍ୟାସଗୁଡ଼ିକରେ ପୃଥିବୀ ବାହାରେ ବିଭିନ୍ନ ଗ୍ରହରେ ବସବାସ କରିବାର କଳ୍ପନା କରାଯାଇଥିଲା। ବିଶେଷ ଭାବେ ଆମର ପଡ଼ୋଶୀ ଲୋହିତ ଗ୍ରହ ମଙ୍ଗଳ ଏହାର କେନ୍ଦ୍ରବିନ୍ଦୁ ଥିଲା। ଏପରି କି ସେଠାରେ ପୃଥିବୀଠାରୁ ଅଧିକ ବିକଶିତ ପ୍ରାଣୀ ଥିବାର ପୂର୍ବାନୁମାନ କରାଯାଇଥିଲା। କିନ୍ତୁ ଆଜି ଆମେ ମହାକାଶ ଯୁଗରେ ପହଞ୍ଚିଛେ। ମଙ୍ଗଳ ଓ ଅନ୍ୟ ଗ୍ରହ ପାଖକୁ ମହାକାଶ ଯାନ ପଠାଇ ସେଗୁଡ଼ିକ ସମ୍ବନ୍ଧରେ ଅନେକ ତଥ୍ୟ ସଂଗ୍ରହ କରାଯାଇଛି। ମଙ୍ଗଳ ପୃଷ୍ଠାକୁ ରୋବୋଟ ପଠାଯାଇ ସେଠାରେ ବିଭିନ୍ନ ପରୀକ୍ଷା କରାଯାଇଛି। ସେଠାରେ ଜୀବଜଗତ ନ ଥିବାର ସ୍ପଷ୍ଟ ହୋଇଛି। ଗତ ଅଗଷ୍ଟରେ ନାସା ସେଠାକୁ ଗୋଟିଏ ହେଲିକପ୍ଟର ପଠାଇଛି। ମଙ୍ଗଳକୁ ମହାକାଶଚାରୀ ପଠାଇବା ପାଇଁ ଯୋଜନା ହୋଇଛି।

ପୃଥିବୀର ଏକମାତ୍ର ବେସରକାରୀ ମହାକାଶ ସଂସ୍ଥା ଭାବେ ଯୁକ୍ତରାଷ୍ଟ୍ର ଆମେରିକାର 'ସ୍ପେସ୍‌ଏକ୍ସ' ମହାକାଶକୁ ରକେଟ ସାହାଯ୍ୟରେ ନିଜର ମହାକାଶ ଯାନ ପଠାଇଛି। ଏହାର ମହାକାଶ ଯାନ ଡ୍ରାଗନରେ ଆମେରିକାର ଦୁଇଜଣ ମହାକାଶଚାରୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାଇଛନ୍ତି। ଏହାର ମାଲିକ ହେଉଛନ୍ତି ଏଲନ ମସ୍କ। ସେ ମଙ୍ଗଳ ଗ୍ରହରେ ଏକ ବସତି ସ୍ଥାପନ କରିବା ପାଇଁ ଯୋଜନା କରିଛନ୍ତି। ଅନ୍ୟ କେତେକ ବେସରକାରୀ ସଂସ୍ଥା ମଧ୍ୟ ମଙ୍ଗଳରେ ଘର କରି ଲୋକମାନଙ୍କୁ ରଖିବା ପାଇଁ ଚିନ୍ତା କରୁଛନ୍ତି। ଏପରି କି କେତେକ ସଂସ୍ଥା ମଙ୍ଗଳରେ ଜମି ବିକ୍ରୟ କରିବା ଆରମ୍ଭ କଲେଣି ଏବଂ କେତେକ ଲୋକ ଅଧିକ ମୂଲ୍ୟ ଦେଇ ଏହା କଣିଲେଣି। 'ଅନ୍ତର୍ଜାତୀୟ ମନୁଷ୍ୟ ଗ୍ରାହିକ ଅଭିଯାନ ସଂଘ' ନାମରେ ଏକ ସଂସ୍ଥା ଏହି କିଣାବିକାର ଦଲିଲ ରେଜିଷ୍ଟ୍ରେସନ କରୁଛି। ଅବଶ୍ୟ ଏହି ସଂସ୍ଥା ଆଇନସମ୍ମତ ନୁହେଁ। ତଥାପି ମଙ୍ଗଳରେ ଜମି କିଣିବା ପାଇଁ ଲୋକଙ୍କର ଆଗ୍ରହ ରହୁଛି। ନିକଟରେ ପଶ୍ଚିମବଙ୍ଗର ଜଣେ ଯୁବକ ମଙ୍ଗଳରେ ଜାଗା କିଣି ଏହାର ଦଲିଲକୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ମଙ୍ଗଳ ବ୍ୟତୀତ ଚନ୍ଦ୍ରରେ ମଧ୍ୟ ଜାଗା ପାଇଁ କେତେକ ଲୋକ ଆଗ୍ରହୀ। ମଙ୍ଗଳ ତୁଳନାରେ ଚନ୍ଦ୍ର ଆମର ନିକଟରେ ଅଛି। ଏଠାକୁ ଗୋଟିଏ ଦିନରେ ଯାଇ ହେଉଥିବା ବେଳେ ମଙ୍ଗଳକୁ ଯିବା ପାଇଁ ନଅ ମାସରୁ ଅଧିକ ସମୟ ଲାଗେ। ଚନ୍ଦ୍ରରେ ୧୯୬୯ରେ ପ୍ରଥମେ ମନୁଷ୍ୟର ପାଦ ପଡ଼ିଛି। ସେଠାରେ କେତେକ ଦୁର୍ମୂଲ୍ୟ ଖଣିଜ ଥିବାର ଜଣାପଡ଼ିଛି। ଏହା ବ୍ୟତୀତ ମଙ୍ଗଳ ଓ ବୃହସ୍ପତି ଗ୍ରହ କକ୍ଷ ମଧ୍ୟରେ ଥିବା ଗ୍ରହାଣୁ ପୁଞ୍ଜର ଅନେକ ଗ୍ରହାଣୁରେ ମୂଲ୍ୟବାନ ଖଣିଜ ପଦାର୍ଥ ଥିବାର ଜଣାପଡ଼ିଛି। ଏହି ଖଣିଜ ଉତ୍ତୋଳନ କରି ପୃଥିବୀକୁ ଆଣିବା ପାଇଁ ଚିନ୍ତା କରାଯାଉଛି।

ପ୍ରଶ୍ନ ଉଠୁଛି ଯେ ଚନ୍ଦ୍ର, ମଙ୍ଗଳ କିମ୍ବା ଗ୍ରହାଣୁଗୁଡ଼ିକୁ କିଏ ଅଧିକାର କରିପାରିବ ? ଷୋଡ଼ଶ ଶତାବ୍ଦୀରେ ସ୍ପେନ, ଇଂଲଣ୍ଡ, ପର୍ତ୍ତୁଗାଲ, ଫ୍ରାନ୍ସ ଆଦି ୟୁରୋପୀୟ ଦେଶ ଜଳଯାତ୍ରାରେ ଯାଇ ଉତ୍ତର ଓ ଦକ୍ଷିଣ ଆମେରିକା(ନୂତନ ପୃଥିବୀ)ସମେତ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଓ ଅନେକ ଦ୍ୱୀପ ଆବିଷ୍କାର କରିଥିଲେ। ଯେଉଁ ଦେଶର ଅଭିଯାନକାରୀ ଯେଉଁ ଦେଶ ଆବିଷ୍କାର କଲେ, ତାହା ତାଙ୍କ ଅଧୀନକୁ ଆସିଗଲା। ଏପରି କି ସେଠାକାର ସ୍ଥାନୀୟ ଅଧିବାସୀଙ୍କୁ ହତ୍ୟା କରାଗଲା ଓ ଅନେକଙ୍କୁ ସେମାନଙ୍କ ଜାଗାରୁ ବାହାର କରି ଦିଆଗଲା। ସେମାନଙ୍କୁ ଚାକର ଭାବେ ରଖାଗଲା। ଏଥିଯୋଗୁ ପ୍ରାଚୀନ ମାୟା ସଭ୍ୟତାକୁ ଧ୍ୱଂସ କରିଦିଆଗଲା। ଯଦି ଏହି ନିୟମ ରହେ, ତାହା ହେଲେ ଯେଉଁ ଦେଶ ଚନ୍ଦ୍ର, ମଙ୍ଗଳ ଓ କୌଣସି ଗ୍ରହାଣୁର ଯେଉଁ ଅଞ୍ଚଳରେ ନିଜର ମହାକାଶଚାରୀଙ୍କୁ ଅବତରଣ କରାଇବ, ତାହା ସେହି ଦେଶର ଅଧିକାରଭୁକ୍ତ ହୋଇଯିବ। କିନ୍ତୁ ଏକବିଂଶ ଶତାବ୍ଦୀରେ ଏହା ସମ୍ଭବ ନୁହେଁ।

୧୯୬୭ରେ ବାହ୍ୟ ମହାକାଶ ଚୁକ୍ତି ପ୍ରସ୍ତୁତ ହୋଇଛି। ୧୧୦ଟି ଦେଶ ଏହାକୁ ସ୍ୱୀକୃତି ଦେଇଛନ୍ତି ଏବଂ ଅନ୍ୟ ୮୯ଟି ଦେଶ ଏଥିରେ ସ୍ୱାକ୍ଷର କରିଥିଲେ ସୁଦ୍ଧା ସ୍ୱୀକୃତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନାହିଁ। ଏହା ୧୯୬୭ ଅକ୍ଟୋବର ୧୦ରୁ କାର୍ଯ୍ୟ କରୁଛି। ଏହି ଚୁକ୍ତି ଅନୁଯାୟୀ କୌଣସି ଦେଶ ପୃଥିବୀ ବାହାରେ କୌଣସି ଜ୍ୟୋତିର୍ବିଦ୍ୟୀୟ ପିଣ୍ଡରେ କିମ୍ବା ଏହାର କକ୍ଷରେ ଆଣବିକ, ଜୈବିକ ଓ ରାସାୟନିକ ଅସ୍ତ୍ର ରଖିପାରିବ ନାହିଁ ଏବଂ ମହାକାଶ କେବଳ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ବ୍ୟବହାର ହେବ। ଏଥିରେ ଦର୍ଶାଯାଇଛି ଯେ, ମହାକାଶକୁ କୌଣସି ଦେଶର ନାଗରିକ ଯାଇପାରିବେ, କିନ୍ତୁ ଏହାକୁ ପ୍ରଦୂଷିତ କିମ୍ବା କ୍ଷତି କରିପାରିବେ ନାହିଁ।

ଏହି ଚୁକ୍ତିରେ ସମ୍ପତ୍ତି ଅଧିକାର ବିଷୟରେ ଉଲ୍ଲେଖ ନାହିଁ। ସେତେବେଳେ କେହି ଚିନ୍ତା କରି ନ ଥିଲେ ଯେ ପୃଥିବୀ ଲୋକ ଯାଇ ବାହ୍ୟଜଗତରେ ବସତି ସ୍ଥାପନ କରିବେ। ୧୯୮୪ରେ 'ଚନ୍ଦ୍ର ଚୁକ୍ତି' ନାମରେ ଅନ୍ୟ ଗୋଟିଏ ରାଜିନାମା ହୋଇଛି ଓ ଏଥିରେ ୧୮ଟି ଦେଶ ସ୍ୱାକ୍ଷର କରିଛନ୍ତି।

ଯୁକ୍ତରାଷ୍ଟ୍ର ଆମେରିକା ଆର୍ଟେମିସ୍ କାର୍ଯ୍ୟକ୍ରମରେ ୨୦୨୪ ସୁଦ୍ଧା ପୁନଶ୍ଚ ଚନ୍ଦ୍ରକୁ ମହାକାଶଚାରୀ ପଠାଇବା ପାଇଁ ଯୋଜନା କରିଛି। ଏଥିରେ ଜଣେ ପୁରୁଷ ଓ ଜଣେ ମହିଳା ମହାକାଶଚାରୀ ଭାଗ ନେବେ। କେତେକ ବେସରକାରୀ ସଂସ୍ଥା ସମେତ ଅନେକ ଦେଶ ମହାକାଶ ଅଭିଯାନ କାର୍ଯ୍ୟକ୍ରମ କରୁଥିବାରୁ ଏହି ଅଭିଯାନଗୁଡିକୁ ଓ ବାହ୍ୟମହାକାଶ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଏହି ବର୍ଷ କେତୋଟି ନିୟମ ଥିବା ଆର୍ଟେମିସ୍ ରାଜିନାମା ପ୍ରକାଶ ପାଇଛି। ପୃଥିବୀର ସମସ୍ତ ଦେଶ ପାଇଁ ମହାକାଶରେ ଅଭିଯାନ, ବିଜ୍ଞାନ ଗବେଷଣା ଓ ବ୍ୟବସାୟିକ କାର୍ଯ୍ୟ ପାଇଁ ସମାନ ସୁବିଧା ଦେବା ହେଉଛି ଏହାର ଲକ୍ଷ୍ୟ। ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, କାନାଡା, ଇରାନ, ଜାପାନ, ଇଂଲଣ୍ଡ, ଲକ୍ସମବର୍ଗ ଓ ସଂଯୁକ୍ତ ଆରବ ରାଷ୍ଟ୍ର ସ୍ୱାକ୍ଷର କରିଛନ୍ତି। ମହାକାଶକୁ ବିବାଦମୁକ୍ତ କରିବା ଏବଂ ଶାନ୍ତିପୂର୍ଣ୍ଣ ମହାକାଶ ଅଭିଯାନ ପାଇଁ ଅନ୍ତର୍ଜାତୀୟ ସହଯୋଗ ସ୍ଥାପନ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଏହାର ଅନ୍ୟ ଉଦ୍ଦେଶ୍ୟଗୁଡିକ ହେଉଛି ମହାକାଶ ବିଜ୍ଞାନ ତଥ୍ୟକୁ ସମସ୍ତଙ୍କ ପାଇଁ ପ୍ରକାଶ କରିବା, ମହାକାଶ ଐତିହ୍ୟ ସଂରକ୍ଷଣ (ଉଦାହରଣ ସ୍ୱରୂପ, ମନୁଷ୍ୟର ପ୍ରଥମ ଚନ୍ଦ୍ର ପଦାର୍ପଣସ୍ଥଳ), ମହାକାଶ ସମ୍ପଦକୁ ୧୯୬୭ର ବାହ୍ୟ ମହାକାଶଚୁକ୍ତି ଅନୁଯାୟୀ ଆହରଣ କରିବା ଏବଂ ମହାକାଶକୁ ପ୍ରଦୂଷଣମୁକ୍ତ ରଖିବା।

ଏହି ରାଜିନାମାରେ ଯୁକ୍ତରାଷ୍ଟ୍ର ଆମେରିକାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିବାରୁ ଅନ୍ୟ ପ୍ରମୁଖ ମହାକାଶ ଶକ୍ତି ରାଷ୍ଟ୍ରଗୁଡିକ ଯଥା: ରୁଷିଆ, ଚାଇନା, ଭାରତ, ଫ୍ରାନ୍ସ, ଜର୍ମାନୀ ଏଥିରେ ସ୍ୱାକ୍ଷର କରିନାହାନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ଏହି ରାଜିନାମା ମଧ୍ୟ ବାହ୍ୟ ଗ୍ରହ ଓ ଉପଗ୍ରହରେ ଜମି ଅଧିକାର ସମ୍ବନ୍ଧରେ ନୀରବ ଅଛି। ଏଣୁ ମଙ୍ଗଳରେ ଘର କରିବା ଆଶା କେତେକ ଲୋକଙ୍କର ବଢ଼ିଯାଇଛି। ଦେଖାଯାଉ ଏହା କେବେ ସଫଳ ହେଉଛି।

୭୦, ଲକ୍ଷ୍ମୀବିହାର ଫେଜ-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ଅରୁଣାଚଳପ୍ରଦେଶର ଆଇଏଏସ୍ ଅଧିକାରୀ ଦେବାଂଶ ଯାଦବ ପ୍ରଶାସନିକ କାର୍ଯ୍ୟ ବ୍ୟସ୍ତତା ମଧ୍ୟରୁ ସମୟ ବାହାର କରି ଗରିବ ଛାତ୍ରଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରୁଛନ୍ତି। ଛାଙ୍ଗଲାଙ୍ଗର ଡେପୁଟି କମିଶନର ଭାବେ ଦାୟିତ୍ୱ ତୁଲାଉଥିବା ଦେବାଂଶ ଲୋକମାନଙ୍କ ଅନୁଦାନରେ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ୮୦%ରୁ ଅଧିକ ନମ୍ବର ରଖୁଥିବା ୩ଜଣ ଛାତ୍ରଙ୍କୁ ଉଚ୍ଚଶିକ୍ଷା ଦେବାରେ ସଫଳ ହୋଇଛନ୍ତି। ଏହି ଛାତ୍ରମାନଙ୍କ ମଧ୍ୟରେ ଜଣେ ୮୯.୪ % ନମ୍ବର ରଖିଛନ୍ତି। ଏଭଳି ପିଲାମାନଙ୍କୁ ଆର୍ଥିକ ସହାୟତା ଦେବା ଲାଗି ଅନୁରୋଧ କରାଯିବା ପରେ ଦେଶର ବିଭିନ୍ନ ଅଞ୍ଚଳରୁ ଏହା ଆସିବାରେ ଲାଗିଛି। ପ୍ରଥମ ସପ୍ତାହରେ ଲୋକମାନଙ୍କଠାରୁ ୩ ଲକ୍ଷ ଟଙ୍କା ମିଳିଛି ବୋଲି କହନ୍ତି ଦେବାଂଶ। ପରେ ଅଧିକରୁ ଅଧିକ ଆର୍ଥିକ ସାହାଯ୍ୟ ଆସୁଛି। ଅକ୍ଟୋବର ୨୬ରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ଏବେ ଯେଉଁ ଅର୍ଥ ମିଳିଛି ସେଥିରୁ ହଷ୍ଟେଲରେ ରହିବା, ଟ୍ୟୁସନ ଫି,ଯିବା ଆସିବା ଓ ଖାଇବା ଖର୍ଚ୍ଚ ବାବଦରେ ସେମାନଙ୍କୁ ପ୍ରଦାନ କରାଯିବ ବୋଲି କହନ୍ତି ଦେବାଂଶ। ଏହି ଛାତ୍ରମାନେ ଉଚ୍ଚଶିକ୍ଷା ଲାଗି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢ଼ିବାର ସୁଯୋଗ ପାଇପାରିଛନ୍ତି। କେବଳ ଏମାନେ ନୁହନ୍ତି ଆହୁରି ଅଧିକ ପିଲାଙ୍କୁ ସାହାଯ୍ୟ କରିବା ଲାଗି ସେ ଯୋଜନା କରିଛନ୍ତି। ଦେବାଂଶ କହନ୍ତି, ଲୋକମାନେ ଯେଉଁ ଅର୍ଥ ଦାନ କରୁଛନ୍ତି ତାହାର ରେକର୍ଡ ରଖାଯିବା ସହ ତାହାକୁ ସୋସିଆଲ ମିଡିଆରେ ବି ଶେୟାର କରାଯିବ। ଏହି ପିଲାମାନଙ୍କର ବ୍ୟାଙ୍କ୍ ଆକାଉଣ୍ଟରେ ଖୁବ୍ ଶୀଘ୍ର ଟଙ୍କା ଜମା କରାଯିବ। ଏହା ମଧ୍ୟ ଦାନ ଦେଇଥିବା ଲୋକମାନଙ୍କୁ ଜଣାଇ ଦିଆଯିବ।

## ଚିରନ୍ତନୀ

କେତେ ମଧୁ ମିଳନର ଦେଖିଲଇଁ ସ୍ୱପନ
କେତେ ବୃତ ମଞ୍ଜରୀ ତୋଳିଲି
ବିଚ୍ଛେଦ-ଧାରେ ଯେତେ ବହିଯାଏ ରୁଧିର
ଅନ୍ତର ତଳେ ତାହା ବୋଳିଲି
ବିରହର ଦୋଳି ଚଢ଼ି ମିଳନର ମଳୟେ
କେବଳ ଜୀବନଯାକ ଦୋଳିଲି।

-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚନ୍ଦକାରୁ ଲୋପ ପାଇବେ ପଶୁପକ୍ଷୀ

ମହାଶୟ,

ରାଜ୍ୟର ଉପକୂଳ ଅଞ୍ଚଳରେ ପରିବେଶ ଭାରସାମ୍ୟ ରକ୍ଷାରେ ଚନ୍ଦକା ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ଜଙ୍ଗଲ ଦିନକୁ ଦିନ ସଂକୁଚିତ ହୋଇଚାଲିଛି। ଏଠାରେ ଥିବା ଜୀବଜନ୍ତୁଙ୍କ ସଂଖ୍ୟା ମଧ୍ୟ ଲୋପ ପାଇବାରେ ଲାଗିଛି। ଭୁବନେଶ୍ୱରର ଉତ୍ତର ପଶ୍ଚିମ କୋଣରେ ଏହି ଜଙ୍ଗଲ ଅବସ୍ଥିତ। ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ ଖୋର୍ଦ୍ଧା ପାର୍ବତ୍ୟାଞ୍ଚଳର ଜୈବିକ କ୍ଷେତ୍ରକୁ ଲାଗିକରି ଚନ୍ଦକା ଅଭୟାରଣ୍ୟ ୧୭୫.୭୯ ବର୍ଗ କିଲୋମିଟର ବ୍ୟାପିଛି। ଖୋର୍ଦ୍ଧା ଓ କଟକ ଜିଲାର ଜଙ୍ଗଲ ଜମି ଓ ଛୋଟବଡ ପାହାଡ଼କୁ ନେଇ ଏହା ଗଠିତ। ଏହା ଡିସେମ୍ବର ୧୯୮୨ରେ ହାତୀ ଅଭୟାରଣ୍ୟର ମାନ୍ୟତା ପାଇଥିଲା। ଚନ୍ଦକା ଜଙ୍ଗଲରେ ଥିବା ଉଦ୍ଭିଦ ଜଗତ ୬ଟି ଭାଗରେ ବିଭକ୍ତ । ମାଧ୍ୟମିକ ଆର୍ଦ୍ର ଅର୍ଦ୍ଧ-ଚିରହରିତ୍ ଅରଣ୍ୟ, ଆର୍ଦ୍ର କାଙ୍ଗଡା ଅରଣ୍ୟ, ଉପକୂଳିଆ ଶାଳ ଅରଣ୍ୟ, ସମସ୍ୟାବହୁଳ କଣ୍ଟକପୂର୍ଣ୍ଣ ବାଉଁଶ ଜଙ୍ଗଲ ଓ ଇଉପଟୋରିଅମ ଗୁଳ୍ମ। ବୃକ୍ଷମାନଙ୍କ ମଧ୍ୟରେ କୋଚିଲା, କାଇଁଚ, ବେଲ, କାଙ୍ଗଡା, ଗିରଙ୍ଗା, ସୁନାରି, ଶାଳ, କୁମ୍ଭି, ଜାମୁ, କରଞ୍ଜ ଓ ବେତ ଇତ୍ୟାଦି ଦେଖିବାକୁ ମିଳେ। ଔଷଧୀୟ ଗଛର ଭଣ୍ଡାର ତଥା ଜୀବନ ଜୀବିକାର ଆଧାର ଏହି ଜଙ୍ଗଲ ଆଜି ବିଲୁପ୍ତି ମାର୍ଗରେ । ଜଙ୍ଗଲ କାଟି ମନୁଷ୍ୟ ସେଠାରେ ଘର କରୁଛି, ଫଳରେ ଅନେକ ପ୍ରକାର ବନ୍ୟ ପ୍ରାଣୀ ବିଲୁପ୍ତ ହୋଇଯାଉଛନ୍ତି। ପରିବେଶର ଭାରସାମ୍ୟ ରକ୍ଷା ପାଇଁ ଚନ୍ଦକା ଜଙ୍ଗଲର ସୁରକ୍ଷା ଜରୁରୀ।

-ଦୀପ୍ତିମୟୀ ନାୟକ, ସାମ୍ବାଦିକତା ଛାତ୍ରୀ

### ଭିଟାମିନ୍ 'ସି' ବଟିକା ମିଳୁନାହିଁ

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ଆବଶ୍ୟକ। ଏଥିପାଇଁ ଭିଟାମିନ୍ 'ସି' ବଟିକା ଖାଇବାକୁ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ମାତ୍ର ବଜାରରେ ଏହା ମିଳୁନାହିଁ। ଏହାଛଡା ସରକାରୀ ଡାକ୍ତରଖାନାମାନଙ୍କରେ ଗତ କିଛି ମାସ ହେବ ନିରାମୟ ଯୋଜନାରେ ଭିଟାମିନ୍ 'ସି' ବଟିକା ମଧ୍ୟ ମିଳୁନାହିଁ। ଜଣାପଡିଛି ଯେ, କେବଳ କରୋନା ଆକ୍ରାନ୍ତଙ୍କ ପାଇଁ ଏହା ସେଠାରେ ଉପଲବ୍ଧ ହେଉଛି । ସରକାର କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ଓ ଜନସଚେତନତା ସୃଷ୍ଟି ପାଇଁ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି । ମାତ୍ର ସାଧାରଣ ଲୋକ ଭିଟାମିନ୍ 'ସି' ବଟିକା ନ ପାଇବା ଦୁର୍ଭାଗ୍ୟଜନକ। ଏଣୁ ସରକାରୀ ଡାକ୍ତରଖାନାରେ ଏହା ଉପଲବ୍ଧ କରାଇବା ସହ ଘରେ ଘରେ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଭିଟାମିନ୍ 'ସି' ବଟିକା ବଣ୍ଟନ କରାଯାଉ।

-ଅକ୍ଷୟ କୁମାର ମହାନ୍ତି, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମହାପ୍ରଭୁଙ୍କ ଆଭୂଷଣ ପାଇଁ ଓଡ଼ିଆ ଭକ୍ତ ଦେବେ ସୁନା

ପୁରୀ ଅଫିସ,୧୬।୧୧

ମହାପ୍ରଭୁଙ୍କୁ ଦାନ ଦେବାକୁ ଦାତାଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। ଶ୍ରୀମନ୍ଦିରର ୩ଟି କବାଟ ରୁପା ଛାଉଣି ପାଇଁ ଆବଶ୍ୟକ ରୁପା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବାକୁ ଜଣେ ଭକ୍ତ ଆଗେଇ ଆସିଥିବାବେଳେ ଏବେ ଆଉ ଜଣେ ଭକ୍ତ ମହାପ୍ରଭୁଙ୍କ ଆଭୂଷଣ ପ୍ରଦାନ ଲାଗି ଇଚ୍ଛା ପ୍ରକାଶ କରିଛନ୍ତି। ଶ୍ରୀମସ୍ତକରେ ଶୋଭାମଣ୍ଡିତ କରୁଥିବା ଚନ୍ଦ୍ର, ସୂର୍ଯ୍ୟ ଏବଂ ଅବକାଶ ସମୟରେ ବ୍ୟବହାର ହେଉଥିବା ସୁବର୍ଣ୍ଣ ପାତିଆ ସମ୍ପୃକ୍ତ ଦାତା ତଥା ଓଡ଼ିଆ ଭକ୍ତଙ୍କ ଦାନ ସୁନାରେ ତିଆରି କରାଯିବ। ସୋମବାର ଏହି ଆଭୂଷଣର ମାପଚୁପ ହୋଇଥିବାବେଳେ ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହାକୁ ଅନୁମୋଦନ କରାଯିବ।

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ତାଙ୍କର କେତେକ ରୀତି, ନୀତି, ବେଶ ଓ ଭୋଗ ଇତ୍ୟାଦିରେ ରାଜକୀୟ ଠାଣି ପରିଲକ୍ଷିତ ହୋଇଥାଏ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁନାବେଶ ବା ରାଜବେଶ ବର୍ଷକୁ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଚାରିଥର ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ଏବଂ ଥରେ ରଥ ଉପରେ ସୁନାବେଶ କରାଯାଇଥାଏ। ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ଦାରୁବିଗ୍ରହ ଝଲସିଥାନ୍ତି। ତେବେ ପୁରୁଣା ହୋଇଯାଇଥିବା ଚନ୍ଦ୍ର, ସୂର୍ଯ୍ୟ ଓ ପାତିଆ ନୂତନ ଭାବେ ତିଆରି କରାଯିବ। ଓଡ଼ିଶାର ଜଣେ ଜଗନ୍ନାଥପ୍ରେମୀ ଭକ୍ତ ଏହି ଆଭୂଷଣର ସମସ୍ତ ଖର୍ଚ୍ଚ ବହନ କରିବେ। ଏଥିରେ ପ୍ରାୟ ୩୦୦ରୁ ୪୦୦ ଗ୍ରାମ୍ ସୁନା ଲାଗିବ ବୋଲି ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି। ସୋମବାର ପରିଚାଳନା କମିଟି ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦାତାଙ୍କ ପକ୍ଷରୁ ଆସିଥିବା କାରିଗର ପୁରୁଣା ଚନ୍ଦ୍ର, ସୂର୍ଯ୍ୟର ମାପଚୁପ ନେଇଛନ୍ତି। ପୁରୁଣା ତଥା ପାରମ୍ପରିକ ଢାଞ୍ଚାରେ ନୂଆ ଅଳଙ୍କାର ତିଆରି କରାଯିବ। ତେବେ ମଙ୍ଗଳବାର ପରିଚାଳନା କମିଟି ବୈଠକରେ ଏହାକୁ ଅନୁମୋଦନ ମିଳିବା ପରେ ମାସକ ମଧ୍ୟରେ ଏହି ନୂତନ ଅଳଙ୍କାର ନିର୍ମାଣ କରାଯିବ ବୋଲି ତିଆଡ଼ି ସୂଚନା ଦେଇଛନ୍ତି। ସୂଚନାଥାଉ କି, ପୂର୍ବରୁ ରାଜ୍ୟ ବାହାରର ଜଣେ ଭକ୍ତ ଠାକୁରଙ୍କର ଶ୍ରୀମୁଖ ପଦ୍ମ, ଝୋବାକଣ୍ଠି ଓ ତଡ଼ଗୀ ତିଆରି ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛନ୍ତି। ଏଥିପାଇଁ ପ୍ରକ୍ରିୟା ଜାରିରହିଛି।

**ଚନ୍ଦ୍ର, ସୂର୍ଯ୍ୟ ଓ ପାତିଆ ନିର୍ମାଣ କରାଯିବ**



# ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଲାଗି ଚିଠି ଲେଖିଲେ ବିଧାୟକ



ଶିଳାଖଣ୍ଡ ମିଳିଥିବା ସ୍ଥାନରେ ବିଧାୟକ ମୁକେଶ ମହାଲିଙ୍ଗ।

**ସୁକତେଲ ନଦୀଶଯ୍ୟାରୁ ବିରଳ ପଥର ଉଦ୍ଧାର ଘଟଣା**

ଲୋଇସିଂହା,୧୬।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୋପାଳପୁର-ଛେଳବାହାଲ ଗାଁ ନିକଟ ସୁକ୍ତେଲ ନଦୀଶଯ୍ୟାରେ ବିରଳ ଶିଳାଖଣ୍ଡ ମିଳିବା ପରେ ଏହାର ସୁରକ୍ଷା, ସଂଗ୍ରହ ଓ ସର୍ବେକ୍ଷଣ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ଏ ନେଇ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଷ୍ଣୁପଦ ସେଠୀ, ସମ୍ବଲପୁର ଓ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଭାଇସ୍ ଚ୍ୟାନ୍ସେଲରଙ୍କୁ ପୃଥକ୍ ଭାବେ ଚିଠି ଲେଖି ପ୍ରତ୍ନତାତ୍ତ୍ୱିକ ଅନୁଧ୍ୟାନ ଓ ସର୍ବେକ୍ଷଣ କରିବାକୁ ଦାବି କରିଛନ୍ତି।

ଗୋପାଳପୁର-ଛେଳବାହାଲ ସୁକ୍ତେଲ ନଦୀ ଦକ୍ଷିଣ ପାର୍ଶ୍ୱରେ ଥିବା ବାଲି ମୁହାଣରେ ଗତ ୪ ତାରିଖରେ ୨ରୁ ଅଢେଇ ଫୁଟ ଉଚ୍ଚତାର କେତୋଟି ବିରଳ ଶିଳାଖଣ୍ଡ (ପ୍ରସ୍ତର) ଆବିଷ୍କୃତ ହୋଇଥିଲା। ସୂକ୍ଷ୍ମ କାରୁକାର୍ଯ୍ୟରେ ଭରି ରହିଥିଲା ଏହି ଶିଳାଖଣ୍ଡ। ଖ୍ରୀଷ୍ଟାବ୍ଦ ଅଷ୍ଟମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ପାଟଣା ରାଜବଂଶ ଦ୍ୱାରା ଅନେକ ଶୈବ ଓ ଶକ୍ତିପୀଠ ପାଟଣା ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିଲା। ନଦୀଗର୍ଭରେ କୌଣସି କାରଣରୁ ଶୈବ କିମ୍ବା ଶକ୍ତି ପୀଠ ପୋତି ହୋଇଥିବା ସ୍ଥାନୀୟ ଲୋକେ ଅନୁମାନ କରିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଗତ ୧୧ ତାରିଖରେ ପ୍ରଥମେ ସୁକ୍ତେଲ ନଦୀଶଯ୍ୟାରେ ବିରଳ ଶିଳାଖଣ୍ଡ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସେତେବେଳେ ହାତଗଣତି ପଥର ଆବିଷ୍କୃତ ହୋଇଥିଲା। ଏବେ ଲୋକମାନେ ଆସି ସେହିସ୍ଥାନର ବାଲି ଖନନ କରି ୫୦ଖଣ୍ଡ ଶିଳାଖଣ୍ଡ ଉଦ୍ଧାର କଲେଣି। ଗତ ଶୁକ୍ରବାର ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ କ୍ଷେତ୍ର ପରିଦର୍ଶନ କରି ପ୍ରତ୍ନତତ୍ତ୍ୱ ବିଭାଗର ସର୍ବେକ୍ଷଣ ଲାଗି ବିଧାୟକଙ୍କ ହସ୍ତକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହା ପରଦିନ ବିଧାୟକ ମହାଲିଙ୍ଗ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଜନସାଧାରଣଙ୍କ ଉତ୍କଣ୍ଠା ଓ ଧରିତ୍ରୀରେ ପ୍ରକାଶିତ ଖବରକୁ ସଂଲଗ୍ନ କରି ମହାଲିଙ୍ଗ ବିଭାଗୀୟ ସଚିବ, ସମ୍ବଲପୁର ଏବଂ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଭାଇସ୍ ଚ୍ୟାନ୍ସେଲରଙ୍କୁ ପତ୍ର ଲେଖି ଶୀଘ୍ର ଅନୁଧ୍ୟାନ ଓ ସର୍ବେକ୍ଷଣ କରି ଏହାର ରହସ୍ୟ ଉନ୍ମୋଚନ କରିବାକୁ ଅନୁରୋଧ କରିଛନ୍ତି।

**ସଂକ୍ଷେପରେ**

## ଚୌଦ୍ୱାର ଜେଲର ଆଜୀବନ କଏଦୀଙ୍କ ମୃତ୍ୟୁ

ଚୌଦ୍ୱାର,୧୬।୧୧(ଡି.ଏନ୍.ଏ.): ଚୌଦ୍ୱାର ସର୍କଲ ଜେଲର ଜଣେ ଆଜୀବନ କଏଦୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ରତ୍ନଗିରି ପର୍ବତପାଣସୁଆଁ ଗ୍ରାମର କୃପାସିନ୍ଧୁ ଦାସ(୯୦)। ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସେ ଯାଜପୁର ଜେଲରେ ସଜା କାଟୁଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ୨୦୧୦ରେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିବାରୁ ରବିବାର ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

## ପରଲୋକରେ ଧରଣୀଧର ପାଣିଗ୍ରାହୀ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)- ସାହିତ୍ୟିକ ଓ ଅର୍ଥନୀତି ବିଶାରଦ ଡ. ଧରଣୀଧର ପାଣିଗ୍ରାହୀଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ଜୀବନୀ ଓ ଭ୍ରମଣ ସାହିତ୍ୟ 'ଲୌହମାନବ ସର୍ଦ୍ଦାର ପଟେଲ' ପାଇଁ ପାଣିଗ୍ରାହୀ ୨୦୧୫ ମସିହା ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। 'ଅର୍ଥନୀତି ପ୍ରବେଶ', 'ଅର୍ଥନୀତି ପରିଚୟ', 'ମୁଦ୍ରାବ୍ୟାଙ୍କ ଓ ସରକାରୀ ବିତ୍ତ ବ୍ୟବସ୍ଥା', 'ସରକାରୀ ବିତ୍ତ', 'ଗ୍ରାମ୍ୟ ଶିଳ୍ପାୟନ', 'ଭାରତୀୟ ଅର୍ଥନୀତି', 'ରାଷ୍ଟ୍ରାୟତ୍ତ ଉଦ୍ୟୋଗ' ଓ 'ଅର୍ଥନୈତିକ ବିକାଶ' ଆଦି ସେ ଅର୍ଥନୀତି ସମ୍ବନ୍ଧୀୟ ବହୁ ପୁସ୍ତକ ରଚନା କରିଥିଲେ। ୧୯୩୬ ଜାନୁଆରୀ ୨ରେ ଢେଙ୍କାନାଳ ଜିଲା ହିନ୍ଦୋଳର ବେରୁଆଁପାଳରେ ଜନ୍ମିତ ଧରଣୀଧର ଅର୍ଥନୀତି, ସମାଜତତ୍ତ୍ୱ, ସଂସ୍କୃତି ସମ୍ପର୍କିତ ନାନା ପ୍ରବନ୍ଧ ଅନୁବାଦ ସହ ଅର୍ଥନୀତି ବିଷୟରେ ଉଭୟ ଇଂଲିଶ୍ ଓ ଓଡ଼ିଆ ଭାଷାରେ ଅନେକ ପୁସ୍ତକ ରଚନା କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ, ବିଜେବି ଓ ରାଜଧାନୀ କଲେଜରେ ଅଧାପନା କରିବା ସହ ଅର୍ଥନୀତିର ଜଣେ ସ୍ୱନାମଧନ୍ୟ ଅଧାପକ ଭାବେ ସେ ପରିଚିତ ଥିଲେ। ୧୯୯୪ରେ ଶିକ୍ଷକତାରୁ ଅବସର ପରେ ସେ 'ରାଜନୀତିଜ୍ଞଙ୍କ ଭାରତ ବର୍ଷ', 'ଅର୍ଥନୀତିକ ଭାରତ', 'ମହାଭାରତ ପରେ', 'ଆଞ୍ଜନେୟ' ପୁସ୍ତକ ସହ ଡ.କରଣ ସିଂହଙ୍କ ଆତ୍ମଜୀବନୀ, ସନ୍ଥ ବିଭୂତି, ମୃତ୍ୟୁ ପରେ, ଜୀବନ ଓ ମୃତ୍ୟୁ ଦର୍ଶନ ଭଳି ଅନୁବାଦ ପୁସ୍ତକ ରଚନା କରି ଭିନ୍ନ ପରିଚୟ ହାସଲ କରିଥିଲେ। ପାଣିଗ୍ରାହୀଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

# ପିଟିଶନ କମିଟିରେ ଶକ୍ତି ବିଭାଗର ଆଲୋଚନା

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ବିଧାନସଭା ପିଟିଶନ୍ କମିଟି ବୈଠକ ସଂଖ୍ୟା ୫୪ନଂ ପ୍ରକୋଷ୍ଠରେ ସୋମବାର ବଦ୍ରିନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହା କମିଟିର ପ୍ରଥମ ବୈଠକ ହୋଇଥିବା ବେଳେ ଏଥିରେ ଶକ୍ତି ବିଭାଗ ଉପରେ ଆଲୋଚନା ଆରମ୍ଭ ହୋଇଛି। ବିଭିନ୍ନ ବିଭାଗରୁ ଆସିଥିବା ପିଟିଶନ ଉପରେ ପରବର୍ତ୍ତୀ ସମୟରେ ଆଲୋଚନା ହେବ ବୋଲି ଜଣାପଡିଛି।

ମିଳିଥିବା ସୂଚନାନୁଯାୟୀ, ଶକ୍ତି ବିଭାଗର ଅନେକ ପିଟିଶନ ରହିଥିବା ବେଳେ ୩ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ରାଜନଗରର ଏକ ଜଙ୍ଗଲ ଅଞ୍ଚଳକୁ ବିଦ୍ୟୁତ୍ ସୁବିଧା ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ଶକ୍ତି ବିଭାଗ ସମ୍ପର୍କିତ ଅନ୍ୟ ବକେୟା ଥିବା ଆବେଦନ ପତ୍ର ଉପରେ ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା ହୋଇଛି। ବିଧାନସଭାର ବିଭାଗୀୟ ଷ୍ଟାଣ୍ଡିଂ କମିଟି-୫ ବୈଠକ ୫୫ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟି ତରଫରୁ ଭବିଷ୍ୟତରେ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଛି। ଏହି ଅବସରରେ କମିଟି ତରଫରୁ ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ପ୍ରଦୀପ ମହାରଥୀ, ବିଷ୍ଣୁ ଦାସ ଏବଂ ମଦନମୋହନ ଦତ୍ତଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରି ବୈଠକକୁ ବନ୍ଦ କରିଦିଆଯାଇଥିବା ଜଣାପଡିଛି।

**ବିଧାନସଭା ଷ୍ଟାଣ୍ଡିଂ କମିଟି-୫ ବୈଠକ**
- ୩ ନେତାଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ

# ୨୫ ଯାଏ ଶୀତ ବଢ଼ିବନି

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଆସନ୍ତା ୨୫ ତାରିଖ ଯାଏ ରାଜ୍ୟରେ ଶୀତ କମ ରହିବ। ସର୍ବନିମ୍ନ ତାପମାତ୍ରା ୧୩ରୁ ୧୪ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ସମୁଦ୍ର ଉପକୂଳ ଏବଂ ଓଡିଶା ନିକଟରେ ଏକ ଗୁରୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ସମୁଦ୍ର ଆର୍ଦ୍ର ବାୟୁ ପ୍ରବାହ ହେଉଛି। ରାଜ୍ୟ ଭିତରକୁ ଜଳୀୟକଣା ପ୍ରବେଶ କରୁଛି। ଏଥିଯୋଗୁ ଆକାଶ ମେଘାଚ୍ଛନ୍ନ ରହୁଛି। ଫଳରେ ଗତ ସପ୍ତାହେ ହେବ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧି ଘଟିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗୀବାଡିରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୫.୪, ସୋନପୁର ୧୫.୪, ଅନୁଗୋଳ ୧୫.୬, କେନ୍ଦୁଝର ୧୭.୮ ଏବଂ ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୧୭.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲା ବିପିୟୁଟି ଛାତ୍ର ସଙ୍ଗଠନ



ମନ୍ତ୍ରୀଙ୍କ ସହ ଛାତ୍ରସଂଗଠନର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

**ବଞ୍ଚିତ ଛାତ୍ରୀଛାତ୍ରଙ୍କ ପାଇଁ ଆଉଥରେ ପରୀକ୍ଷା ପ୍ରସଙ୍ଗ**

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ): ବିପିୟୁଟି ଶେଷବର୍ଷ ପରୀକ୍ଷାଫଳ ପ୍ରକାଶ ପାଇସାରିଛି। କିନ୍ତୁ ଅନେକ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ବୈଷୟିକ ସମସ୍ୟା ଯୋଗୁ ବହୁ ଛାତ୍ରୀଛାତ୍ର ଅନ୍‌ଲାଇନ୍ ପରୀକ୍ଷା ଦେଇପାରି ନାହାନ୍ତି। ତେଣୁ ସେମାନଙ୍କ ପାଇଁ ଆଉଥରେ ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନ୍ ପରୀକ୍ଷା କରିବା ପାଇଁ ବିପିୟୁଟି କର୍ତ୍ତୃପକ୍ଷ ରାଜି ହୋଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ତେଣୁ ଯଥାଶୀଘ୍ର ପରୀକ୍ଷା ଲାଗି ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଅଲ୍ ଓଡ଼ିଶା ବିପିୟୁଟି ଛାତ୍ର ସଙ୍ଗଠନ ଦାବି କରିଛି। ଏ ନେଇ ସଙ୍ଗଠନ କର୍ମକର୍ତ୍ତାମାନେ ସୋମବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପରୀକ୍ଷାଫଳ ବାହାରିବା ପରେ ଛାତ୍ରୀଛାତ୍ରମାନେ ଆଗାମୀ ପାଠପଢ଼ା ନିମନ୍ତେ ପ୍ରସ୍ତୁତ ହେବେ। ସେପଟେ ଓଜେଇଇର ମଧ୍ୟ କାଉନସିଲିଂ ଚାଲିଛି। ଅନେକ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଥିଲେ ମଧ୍ୟ ନାମ ଲେଖାଇ ପାରୁନାହାନ୍ତି। ତେଣୁ ଏଥିପ୍ରତି ଗୁରୁତ୍ୱ ଦେବାକୁ ସେମାନେ ନିବେଦନ କରିଛନ୍ତି। ସେହିପରି ଦ୍ୱିତୀୟ, ଚତୁର୍ଥ ଓ ଷଷ୍ଠ ସେମିଷ୍ଟରର ବ୍ୟାକ୍ ପେପର ପରୀକ୍ଷା କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି। ସେପଟେ ଆସନ୍ତା ୭ଦିନ ମଧ୍ୟରେ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନର ମେଣ୍ଟର ପବନ କୁମାର ସ୍ୱାଇଁ କହିଛନ୍ତି।

# ସରକାର ଶୀଘ୍ର ପଦକ୍ଷେପ ନିଅନ୍ତୁ: ଶଙ୍କରାଚାର୍ଯ୍ୟ

**ମନ୍ଦିର ଖୋଲାଯିବା ପ୍ରସଙ୍ଗ**



ପୁରୀ ଅଫିସ,୧୬।୧୧: ମନ୍ଦିର ଖୋଲାଯିବା ପ୍ରସଙ୍ଗରେ ସୋମବାର ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର, ସାକ୍ଷୀଗୋପାଳ ମନ୍ଦିର ସମେତ ରାଜ୍ୟର ବିଭିନ୍ନ ଦେବଦେବୀ ପୀଠର ସେବାୟତ ଏବଂ ପୂଜକଙ୍କ ଜୀବିକା ନିର୍ବାହ ପାଇଁ ଅନ୍ୟ କୌଣସି ବିକଳ୍ପ ନାହିଁ। ନିଶ୍ଚିତ ଭାବେ ସେମାନେ ଏବେ କଠିନ ସମୟ ଦେଇ ଗତି କରୁଛନ୍ତି। ରାଜ୍ୟ ସରକାର ଏ ଦିଗରେ ସହୃଦୟତାର ସହ ଚିନ୍ତା କରିବା ଦରକାର। ପୂଜକ ଓ ତାଙ୍କ ପରିବାର ସଦସ୍ୟମାନେ କିପରି ଚଳିବେ ସେଥିଲାଗି ସରକାର ତୁରନ୍ତ ପଦକ୍ଷେପ ନେବାକୁ ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ମହାମାରୀ କରୋନା ପାଇଁ ଦୀର୍ଘ ୮ମାସ ହେବ ରାଜ୍ୟର ବିଭିନ୍ନ ଧର୍ମପୀଠ ବନ୍ଦ ରହିଛି। ଭକ୍ତଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଥିବାରୁ ଏହାର ସିଧାସଳଖ ପ୍ରଭାବ ସେବାୟତ ଓ ପୂଜକଙ୍କ ଉପରେ ପଡ଼ିଛି। ସେମାନଙ୍କ ଚଳିବା କଷ୍ଟକର ହୋଇପଡ଼ିଛି। ଅନେକ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ତେଣୁ ରାଜ୍ୟର ଦେବଦେବୀ ପୀଠ ତୁରନ୍ତ ଖୋଲିବା ଦାବିରେ ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ବାରମ୍ବାର ସରକାରଙ୍କ ନିକଟରେ ଦାବି କରାଯାଉଛି। ଏପରି କି ବିଭିନ୍ନ ମନ୍ଦିର ସମ୍ମୁଖରେ ଘଣ୍ଟ ପିଟାଯାଉଛି। ହେଲେ କରୋନା ସଂକ୍ରମଣ ଭୟ ଥିବାରୁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି। ଏ ନେଇ ରବିବାର ସଂଘ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ଘଣ୍ଟ ପିଟାଯିବା ସହ କର୍ମକର୍ତ୍ତାମାନେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଗୁହାରି ଜଣାଇଥିଲେ।


**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No. 17/2, Nayapalli, Bhubaneswar - 12
Phone: (0674) 2390195, Fax: (0674) 2395844, E-mail: olicltd123@bsnl.com, olicltd@ymail.com
No. 8059/OLIC Dated: 10.11.2020
**NATIONAL COMPETITIVE BIDDING THROUGH e-Procurement**
No. CAD-754: The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial Bids for supply of Submersible Pump sets in conformity with Detailed Tender Call Notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity required in Nos. | Estimated Cost in (Rs. in lakhs) | EMD to be Deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-13 (E) 2020-21 | Submersible Pump set to deliver 3.50 LPS at 40 Mtr. Head | 2802 | 573.906 | 5.739 | 10,000/- + GST 5% on reverse charge basis |

1. Period of Completion : 60 days from the date of issue of purchase order.
2. Date & time of availability of bid document in the portal: From Dt.17.11.2020 to Dt.14.12.2020.
3. Last date/time for receipt of bids in the portal : Dt.14.12.2020 upto 17.00 hrs.
4. Last date of seeking clarification : Dt.26.11.2020 upto 17.00 hrs.
5. Name and address of the Officer Inviting Bid : M.D., OLIC, Plot No. N-17/2, Nayapalli, P.B. No. 155, Bhubaneswar - 751 012
6. Further details can be seen from the e-procurement portal https://tendersodisha.gov.in.

Any Addendum/Corrigendum/Cancellation of tender will be available in the said website. Authority reserves the right to reject any or all the tenders without assigning any reason thereof.
Sd./- Managing Director
OIPR-32135/11/0009/2021



**ବାରିପଦା ପୌର ପରିଷଦ**
ବାରିପଦା, ମୟୂରଭଞ୍ଜ – ୭୫୭୦୦୧
Tel.: 06792-252703, Website: www.baripadamuunicipality.in
e-mail: baripadam.hud@nic.in
ପତ୍ର ସଂଖ୍ୟା ୬୯୧୬/ଟ୍ୟାକ୍ସ ତା୧୩।୧୧।୨୦୨୦ରିଖ
**ନିଲାମ ଇସ୍ତାହାର**
No. C-202: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌର ପରିଷଦର ପତ୍ର ସଂଖ୍ୟା ୬୪୯୧/ଟ୍ୟାକ୍ସ ତା୨୧।୧୦।୨୦୨୦ରିଖ ମତେ ବାରିପଦା ପୌର ପରିଷଦର ୧୨ ଗୋଟି ସୈରାତର ଜଉମୁଦ ଦିଆ ନିବିଦା (Sealed Quotation) ଆହ୍ୱାନ କରାଯାଇଥିଲା। ତନ୍ମଧ୍ୟରୁ କେବଳ ଗୋଟିଏ ସୈରାତ **"ଷ୍ଟେସନ ବଜାର ମାର୍କେଟ, ୱାର୍ଡ଼ ନଂ. ୧୩ ଓ ୨୦"** ଉପଯୁକ୍ତ ନିୟମାବଳୀ ଅନୁଯାୟୀ ଚୟନ ହୋଇଅଛି। ତେଣୁ ଅବଶିଷ୍ଟ ୧୧ ଗୋଟି ସୈରାତ ଗୁଡ଼ିକୁ ପୁନର୍ବାର ଜଉମୁଦ ଦିଆ ନିବିଦା (Sealed Quotation) ଆହ୍ୱାନ କରିବା ପାଇଁ ସ୍ଥିରୀକୃତ ହୋଇଅଛି। ପୂର୍ବ ନିର୍ଦ୍ଧାରିତ ନିୟମାବଳୀ ବଳବତ୍ତର ରହିବ। ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୨୦।୧୧।୨୦୨୦ରିଖ ଦିବା ୩ ଘଟିକା ସୁଦ୍ଧା ସେଥିରେ ଆବେଦନ କରୁଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବ ନାହିଁ। ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହାହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ ନୁହନ୍ତି। ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ। ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା ୨୩।୧୧।୨୦୨୦ରିଖ ଦିବା ୪ ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ।
ସବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବସାଇଟ୍ **www.baripadamunicipality.in**ରେ ଓ କାର୍ଯ୍ୟାଳୟ ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ।
ସ୍ୱା./– କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାରିପଦା ପୌର ପରିଷଦ
OIPR-13078/11/0010/2021



**OFFICE OF THE EXECUTIVE ENGINEER, RWSS DIVISION, RAIRANGPUR**
**INVITATION FOR BIDS**
E-mail: eerwss_rai@nic.in, eerwss.rai@gmail.com
**e-PROCUREMENT NOTICE**
**IDENTIFICATION No. 41 RWSS/RRPUR-2020-2021 / Dated: 12.11.2020**
No. O-559: The Executive Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in Online mode for the following works from the eligible experineced contractors in similar nature of work, registered with State Govt. & Contractor of equivalent Grade/class registered with Central Govt./Railways.
1. Nature of Work : a) Retrofitting of 40 LPCD PWS Scheme to 70 LPCD to Village **Ghantiadar, Kendujiani, Champajhar, Pondupani, Sanbhundu, Sandalima, Gitilata, Badanarini, Mohiskudar & Dhalpur (JJM)** under RWS&S Division, Rairangpur.
2. No. of Work : 10 (Ten) Nos.
3. Period of Completion : 04 (Four) months to 06 (Six) months
4. Cost of Tender : Rs.6000.00
5. Estimated Cost : Rs.17.21 lakhs to Rs.47.62 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 9 hours of 18.11.2020 to 17.30 hours of 02.12.2020.
8. Receipt of bid cost, bid security, documents : Online only
9. Date & time of opening of Technical bid : Dt.03.12.2020 at 11.00 hours onwards
10. Other Documents : (As mentioned in DTCN)
11. The bidders have to participate in Online bidding only. Further details can be seen from the website **https://www.tendersodisha.gov.in.**
12. Any addendum/corrigendum/cancellation of tender can also be seen in the said website.
13. Concession of 10% will be considered to ST/SC contractors upto B Class only on submission of an affidavit over the general category contractors failing which such concession will not be extended to him/her.

Sd./- 12.11.20
Executive Engineer
RWSS Division, Rairangpur
OIPR-25010/11/0016/2021



**Government of Odisha "e" Procurement Notice**
E-mail ID: rw_sonepur@yahoo.co.in
No. 3682 Dated: 11.11.2020
**Bid Identification No. TENDER ONLINE SNPR-03 of 20-21**
1. Name of the Work : Road works as per DTCN available in the website: **www.tendersodisha.gov.in**
2. Total No. of Work : 02 (Two) Nos.
3. Estimated Cost : Varies from Rs.90.84 lakhs to Rs.92.96 lakhs
4. Period of Completion : 04 (Four) Calendar Months
5. Period and time of availability of bid document in the portal for bidding : 18.11.20 at 11.00 A.M. to 01.12.20 upto 5.00 P.M.
6. Date and time of opening of tender : 02.12.20 at 11.00 A.M. (Technical Bid) & (Financial Bid will be intimated later on)
7. Name and address of the Officer Inviting Bid : E.E.R.W. Divn., Sonepur
(1) Other details can be seen from detailed notice inviting tenders, available in website: **www.tendersodishagov.in.**
(2) Corrigendum if any shall only be published in the website: **www.tenderodisha.gov.in.**

Executive Engineer, Rural Works Division, Sonepur
No. O-568 OIPR-25054/11/0003/2021



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No. 17/2, Nayapalli, Bhubaneswar - 12
Phone: (0674) 2390195, Fax: (0674) 2395844, E-mail: olicltd123@bsnl.com, olicltd@ymail.com
No. 8091/OLIC Dated: 10.11.2020
**NATIONAL COMPETITIVE BIDDING THROUGH e-Procurement**
No. CAD-758: The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial Bids for supply of Submersible Pump sets in conformity with Detailed Tender Call Notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity required in Nos. | Estimated Cost in (Rs. in lakhs) | EMD to be Deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-09 (E) 2020-21 | Submersible Pump set to deliver 2.5 LPS at 70 Mtr. Head | 578 | 141.468 | 1.415 | 10,000/- + GST 5% on reverse charge basis |

1. Period of Completion : 60 days from the date of issue of purchase order.
2. Date & time of availability of bid document in the portal: From Dt.17.11.2020 to Dt.14.12.2020.
3. Last date/time for receipt of bids in the portal : Dt.14.12.2020 upto 17.00 hrs.
4. Last date of seeking clarification : Dt.26.11.2020 upto 17.00 hrs.
5. Name and address of the Officer Inviting Bid : M.D., OLIC, Plot No. N-17/2, Nayapalli, P.B. No. 155, Bhubaneswar - 751 012
6. Further details can be seen from the e-procurement portal https://tendersodisha.gov.in.

Any Addendum/Corrigendum/Cancellation of tender will be available in the said website. Authority reserves the right to reject any or all the tenders without assigning any reason thereof.
Sd./- Managing Director
OIPR-32135/11/0013/2021



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No. 17/2, Nayapalli, Bhubaneswar - 12
Phone: (0674) 2390195, Fax: (0674) 2395844, E-mail: olicltd123@bsnl.com, olicltd@ymail.com
No. 8019/OLIC Dated: 10.11.2020
**NATIONAL COMPETITIVE BIDDING THROUGH e-Procurement**
No. CAD-749: The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial Bids for supply of Submersible Pump sets in conformity with Detailed Tender Call Notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity required in Nos. | Estimated Cost in (Rs. in lakhs) | EMD to be Deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-02 (E) 2020-21 | Submersible Pump set to deliver 1.75 LPS at 30 Mtr. Head | 579 | 107.809 | 1.078 | 10,000/- + GST 5% on reverse charge basis |

1. Period of Completion : 60 days from the date of issue of purchase order.
2. Date & time of availability of bid document in the portal: From Dt.17.11.2020 to Dt.14.12.2020.
3. Last date/time for receipt of bids in the portal : Dt.14.12.2020 upto 17.00 hrs.
4. Last date of seeking clarification : Dt.26.11.2020 upto 17.00 hrs.
5. Name and address of the Officer Inviting Bid : M.D., OLIC, Plot No. N-17/2, Nayapalli, P.B. No. 155, Bhubaneswar - 751 012
6. Further details can be seen from the e-procurement portal https://tendersodisha.gov.in.

Any Addendum/Corrigendum/Cancellation of tender will be available in the said website. Authority reserves the right to reject any or all the tenders without assigning any reason thereof.
Sd./- Managing Director
OIPR-32135/11/0004/2021

ଧରିତ୍ରୀ
DHARITRI
ରାୟଗଡା, ମଙ୍ଗଳବାର, ୧୭ ନଭେମ୍ବର, ୨୦୨୦

## ମୋବାଇଲ ଫାଟି ଶିଶୁ କନ୍ୟା ଗୁରୁତର

କୋରାପୁଟ, (ଡି.ଏନ୍.ଏ.): କୋରାପୁଟ ଜିଲାର ଲକ୍ଷ୍ମୀପୁର ଅଞ୍ଚଳରେ ରବିବାର ମୋବାଇଲ ଫାଟି ଜଣେ ବର୍ଷକର ଶିଶୁକନ୍ୟା ଗୁରୁତର ହୋଇଛି। ପ୍ରଥମେ ଲକ୍ଷ୍ମୀପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ଅବସ୍ଥା ଗୁରୁତର ହେବାରୁ ତାକୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି । ଲକ୍ଷ୍ମୀପୁର ବ୍ଲକ ତଳ ବିଲଂସିଲ ଗ୍ରାମର ରୋହିତ ନାଚିକା ନିଜ ମୋବାଇଲ ରବିବାର ରାତିରେ ଚାର୍ଜରେ ବସାଇଥିଲେ । ମୋବାଇଲ ଫୁଲ ଚାର୍ଜ ହେବା ପରେ ଏହାକୁ ଖଟ ଉପରେ ରଖିଦେଇଥିଲେ । ମୋବାଇଲଟି ଫାଟିଯାଇଥିଲା। ସେହି ସମୟରେ ଖଟରେ ତାଙ୍କ ସ୍ତ୍ରୀ ଓ ବର୍ଷକର ଶିଶୁ କନ୍ୟା ବର୍ଷା ନାଚିକା ଶୋଇଥିଲେ। ମୋବାଇଲ ଫାଟି ଶିଶୁଟିର ମୁହଁ ପୋଡିଯିବାରୁ ସେ ଜୋରରେ କାନ୍ଦିଥିଲା।

## ସଂକ୍ଷେପରେ

### ଗଙ୍ଗା ପ୍ରସାଦ ହତ୍ୟା ମାମଲାରେ ହୋମଗାର୍ଡ ଗିରଫ

ପଟ୍ଟାଙ୍ଗୀ,୧୬।୧୧(ଡି.ଏନ.ଏ.)- କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ଗଣେଶ ମନ୍ଦିର ନିକଟରେ ଘଟିଥିବା ହତ୍ୟାକାଣ୍ଡ ଘଟଣା ନୂଆ ମୋଡ଼ ନେଇଛି। ମୃତ ଯୁବକଙ୍କ ପରିବାର ଲୋକଙ୍କ ଚାପରେ ପୋଲିସ ଶେଷରେ ହୋମଗାର୍ଡ ସୁନୀଲ ପାଢ଼ୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ୩ ବିଳମ୍ବିତ ରାତିରେ ଏହି ମନ୍ଦିର ନିକଟରୁ ସ୍ଥାନୀୟ ଅଞ୍ଚଳର ଏନ. ଲୋକେଶ୍ୱର ଚୌଧୁରୀଙ୍କ ମଝିଆ ପୁଅ ଗଙ୍ଗା ପ୍ରସାଦଙ୍କ ମୃତଦେହ ମିଳିବା ମିଳଇଥିଲା। ପରିବାର ଲୋକେ କୋରାପୁଟ ବିଧାୟକ ରଘୁରାମ ପଡାଲଙ୍କ ସହଯୋଗରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ କେ.ଙ୍କୁ ସାକ୍ଷାତ କରି ଗଙ୍ଗା ପ୍ରସାଦଙ୍କ ଘନିଷ୍ଠ ବନ୍ଧୁ ସୁନୀଲ ହତ୍ୟାକାଣ୍ଡ ସମ୍ପର୍କରେ ସବୁ ଜାଣିଥିଲେ ମଧ ପୋଲିସ ତାଙ୍କୁ ତଦନ୍ତ ପରିସରକୁ ନନେବା ସମ୍ପର୍କରେ ଅବଗତ କରାଇଥିଲେ। ପରିବାର ଲୋକଙ୍କଠାରୁ ସମସ୍ତ ଘଟଣା ଜାଣିବା ପରେ ଡିଆଇଜି ଅହମ୍ମଦ କେଙ୍କ ନିର୍ଦ୍ଦେଶ କ୍ରମେ ପଟ୍ଟାଙ୍ଗୀ ପୋଲିସ ସୁନୀଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ନିଶାସକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ଡାବୁଗାଁ, ୧୬।୧୧ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ହାଟପଦାର ମାନସ ନାୟକ(୩୦) ନିଶାଶକ୍ତ ଅବସ୍ଥାରେ ବରଗଛ ଉପରେ ଦୀର୍ଘ ଦେଢ ଘଣ୍ଟା ଧରି ବସି ରହିଥିଲେ। ତାଙ୍କୁ ଓହ୍ଲାଇବାକୁ ଚେଷ୍ଟା କରି ପୋଲିସ ଓ ଅଗ୍ନିଶମ ବାହିନୀକୁ ନାକେଦମ୍ ହେବାକୁ ପଡିଥିଲା। ମାନସ କିଛି ସମୟ ପରେ ନିଜ ଇଚ୍ଛାରେ ତଳକୁ ଓହ୍ଲାଇ ଥିଲେ। ପ୍ରକାଶଯେ, ସୋମବାର ସକାଳେ କୌଣସି କଥାକୁ ମାନସ ତାଙ୍କ ସ୍ତ୍ରୀଙ୍କ ସହ ଝଗଡା କରି ହାଟପଦା ନିକଟ ଏକ ବଡ଼ ବରଗଛ ଉପରେ ଚଢ଼ି ଯାଇଥିଲେ। ସେ ନିଶାଶକ୍ତ ଥିବାରୁ ସ୍ଥାନୀୟ ଲୋକେ ଡାବୁଗାଁ ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ସେମାନେ ଆସି ତାଙ୍କୁ ଓହ୍ଲାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଗଛ ଉପରକୁ ଆସିଲେ ତଳକୁ ଡେଇଁ ପଡିବେ ବୋଲି ମାନସ ଧମକ ଦେଇଥିଲେ। ଦୀର୍ଘ ଦେଢ଼ ଘଣ୍ଟା ପରେ ସେ ନିଜେ ଗଛ ତଳକୁ ଓହ୍ଲାଇ ଥିଲେ।

### ଉତ୍କଳ ସାମ୍ବାଦିକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ମାଲକାନଗିରି,୧୬।୧୧ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଉତ୍କଳ ସାମ୍ବାଦିକ ସଂଘର ନୂତନ କାର୍ଯ୍ୟାଳୟ ଗୃହ ଜାତୀୟ ପ୍ରେସ୍ ଦିବସ ଅବସରରେ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ନାଗରିକ ଶୁକ୍ରା ମାଢ଼ି ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ପୂର୍ବତନ ବିଧାୟକ ମାନସ ମାଡକାମି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ, ଅବକାରୀ ଇନ୍ସପେକ୍ଟର ପ୍ରଶାନ୍ତ ସାମନ୍ତରାୟ, ଅତିରିକ୍ତ ଚିକିତ୍ସାଧିକାରୀ ଶଶିଭୂଷଣ ମହାପାତ୍ର, ନେହେରୁ ଯୁବକେନ୍ଦ୍ରର ସନ୍ତୋଷ କୁମାର ପାତ୍ର, ଭିନ୍ନକ୍ଷମ ମହିଳା ସଶକ୍ତୀକରଣ ଅଧିକାରୀ ପଦ୍ମଲୋଚନ ଦାସ, ବୈଜ୍ଞାନିକ ନିଗମାନନ୍ଦ ବେହେରା, ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ,ଡିଆଇପିଆର୍‌ଓ ଦିଲୀପ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ପରେ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଅପରାହ୍ନରେ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ପୁରୁଣା ମେଡିକାଲ ଛକଠାରୁ ଡିଏନ୍‌କେ ଛକ, ବାଲିମେଳା ଛକ, ସୁଭାଷ ବୋଷ ଛକ ଦେଇ ସହର ପରିକ୍ରମା କରିଥିଲା। ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମହାନ୍ତି, ଉପ ସଭାପତି ପ୍ରଭାକର ସୁନା, ସମ୍ପାଦକ ସତ୍ୟନାରାୟଣ ଦାସ, କୋଷାଧକ୍ଷ ଶ୍ରୀନିବାସ ପାତ୍ର, ସନୁ ଅନୁଗୁ, କିଶୋର ପାତିକା ଉପସ୍ଥିତ ଥିଲେ।

### ଜାତୀୟ ପ୍ରେସ୍ ଦିବସ

ମୁନିଗୁଡା,୧୬।୧୧(ଡି.ଏନ୍.ଏ. ରାୟଗଡା ଜିଲାର ମୁନିଗୁଡା ପ୍ରେସ୍ କ୍ଲବ୍ ପକ୍ଷରୁ ମଧ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି । କ୍ଲବ୍‌ର ସଭାପତି ରାଜୀବ ଲୋଚନ ଦାସ ଓ ସଭ୍ୟ ନନ୍ଦ କିଶୋର ପଟ୍ଟନାୟକଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ସଭ୍ୟ ତଥା ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା ରାମଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ କ୍ଲବ୍‌ର ଉପଦେଷ୍ଟା ଗୌରାଙ୍ଗ ଚରଣ ରାଉତ ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

# ସରକାର ସମାଧାନ ନ କଲେ କଂଗ୍ରେସ କରିବ: ଏମ୍‌ପି

କୋରାପୁଟ,୧୬।୧୧(ସ୍ୱ.ପ୍ର.)

ଗତ କିଛିଦିନ ହେଲା କୋରାପୁଟ ଜିଲାର ନାରାୟଣପାଟଣା, ପଟ୍ଟାଙ୍ଗୀ ବ୍ଲକର ସୀମାନ୍ତ ଅଞ୍ଚଳରେ ଲୋକଙ୍କ ଚାଷଜମି ଅକ୍ତିଆର କରି ଆନ୍ଧ୍ରର ଚାଷୀ ଜୋର ଜବରଦସ୍ତ ଚାଷ କରୁଛନ୍ତି। ସୋମବାର ଏଥିନେଇ କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା ନିଜର ମତ ରଖି ଆନ୍ଧ୍ର- ଓଡ଼ିଶା ସୀମାନ୍ତ ବିବାଦର ସାମାଧାନ ନେଇ ରାଜ୍ୟ ସରକାର ଯଦି କିଛି ନ କରିବେ ତା'ହେଲେ କଂଗ୍ରେସ ସେଠାରେ ଯାଇ ସ୍ଥିତି ଅନୁଧ୍ୟାନ କରି ସମସ୍ୟାର ସମାଧାନ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ନାରାୟଣପାଟଣା ବ୍ଲକ ସୀମାନ୍ତର ଏକ ଗ୍ରାମ ଭିତରକୁ ୫୦୦ ମିଟର ପର୍ଯ୍ୟନ୍ତ ଆନ୍ଧ୍ର ପଶି ଆସିଥିଲା । ଏହାର କିଛିଦିନ ପରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ତଥା ପଟ୍ଟାଙ୍ଗୀ ବ୍ଲକ ସମ୍ବାଇ ପଞ୍ଚାୟତର ସୁନାବେଡା ଗ୍ରାମ ଉପରେ ଆନ୍ଧ୍ର ନଜର ପକାଇଛି। ସେଠାରେ ଏକ ବୋର୍ଡ ଲଗାଇବାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଏହାକୁ ପ୍ରବଳ ବିରୋଧ କରିଛନ୍ତି। ଆନ୍ଧ୍ରର ଏହି ବୋର୍ଡକୁ ନେଇ ସୀମାନ୍ତ ଗ୍ରାମବାସୀ ପ୍ରବଳ ବିରୋଧକରି ରାସ୍ତା ଉପରେ ପଥର ରଖି ପ୍ରତିବାଦ କରିଥିଲେ। ରବିବାର ଆନ୍ଧ୍ରର ଶତାଧିକ ଲୋକ ଓଡ଼ିଶା ସରକାରଙ୍କ ବିରୋଧରେ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନମାନ ଦେଇଥିଲେ । ଏପରିକି ଆନ୍ଧ୍ରର ରାଜସ୍ୱ ଅଧିକାରୀମାନେ ଏଠାକୁ ଆସି ଜମି ମାପଚୁପ କରିଥିବା ଅଭିଯୋଗ ହୋଇଥିଲା । ପରେ କୋରାପୁଟ ଜିଲା ପ୍ରଶାସନ ତତ୍ପରତା ଦେଖାଇଥିଲା। ଫଳରେ ଓଡ଼ିଶା ସୀମାରେ ଆନ୍ଧ୍ର ଲଗାଇଥିବା ବୋର୍ଡକୁ ପୂର୍ବ ସ୍ଥାନକୁ ଘୁଞ୍ଚାଇ ଦେଇଥିଲା। ଆନ୍ଧ୍ର ସୀମାବର୍ତ୍ତୀ ଗ୍ରାମବାସୀ ଓ ଡୁମୁରିଗୁଡା ସରପଞ୍ଚ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ନାପସନ୍ଦ କରି ତୀବ୍ର ବିରୋଧ କରିଥିଲେ । ଅନ୍ୟପକ୍ଷରେ ଏହି ସମସ୍ୟା ଉଭୟ ରାଜ୍ୟର ଜିଲାସ୍ତରୀୟ ଅଧିକାରୀ ଆଲୋଚନା କରି ସମାଧାନ କରିବେ। ଏକତରଫା ଆନ୍ଧ୍ର ସରକାରଙ୍କ ରାଜସ୍ୱ ଅଧିକାରୀ କରିଥିବା ମାପଚୁପର କୌଣସି ବୈଧତା ରହିବ ନାହିଁ ବୋଲି କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ତେବେ ବର୍ତ୍ତମାନ ସ୍ଥିତିକୁ ନଜରରେ ରଖି ଜିଲାପାଳ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଆନ୍ଧ୍ର ପକ୍ଷରୁ ଜିଲାର ସୀମାନ୍ତ ଅଞ୍ଚଳକୁ ହଡପ କରିବା ନେଇ ଯେଉଁ ଚକ୍ରାନ୍ତ କରାଯାଉଛି ତାହାକୁ ବରଦାସ୍ତ କରାଯିବ ନାହିଁ। ଓଡ଼ିଶାର ଇଞ୍ଚେ ଜମି ଛଡାଯିବ ନାହିଁ ବୋଲି ଏହି ଅବସରରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ରଘୁରାମ ପୋଡାଲ କହିଛନ୍ତି।

## କ୍ରୀଡ଼ାମନ୍ତ୍ରୀଙ୍କ ନିର୍ମାଣାଧୀନ ଷ୍ଟାଡିୟମ କାର୍ଯ୍ୟ ତଦାରଖ


କ୍ରୀଡ଼ାମନ୍ତ୍ରୀ ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି।

ଜୟପୁର,୧୬।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁରସ୍ଥିତ ଫୁଲବାଡ଼ଠାରେ ନିର୍ମାଣାଧୀନ ଥିବା କ୍ରୀଡ଼ା ଷ୍ଟାଡିୟମର କାର୍ଯ୍ୟ ତଦାରଖ କରିଛନ୍ତି କ୍ରୀଡ଼ା ତଥା ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା। ସୋମବାର ମନ୍ତ୍ରୀ ବେହେରା ତଦାରଖ ବେଳେ ଏହାର ନିର୍ମାଣରେ ବିଳମ୍ବକୁ ନେଇ ଠିକାସଂସ୍ଥା ଉପରେ ବିରକ୍ତି ପ୍ରକାଶ କରିଥିଲେ । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ସମୟ ବର୍ଷେ ହେଲା ଅତିକ୍ରାନ୍ତ କରିଯାଇଥିଲେ ସୁଦ୍ଧା କାର୍ଯ୍ୟ ଶେଷ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ଠିକାସଂସ୍ଥାକୁ ତାଗିଦ କରିଥିଲେ। ଏହି ଅବସରରେ ମାର୍ଚ୍ଚ ସୁଦ୍ଧା ୮୦ ଭାଗ କାର୍ଯ୍ୟ ଶେଷ କରିବାକୁ ଠିକାସଂସ୍ଥା ପ୍ରତିଶ୍ରୁତି ଦେଇଛି। କାରୋନା ଏବଂ ବୈଷୟିକ ନିର୍ମାଣକାରୀଙ୍କ ଅଭାବ ଯୋଗୁ କାର୍ଯ୍ୟରେ ବିଳମ୍ବ ଘଟିଥିବା ଠିକାସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଅଶ୍ୱିନୀ ମହାପାତ୍ର, ଅତିରିକ୍ତ ତହସିଲଦାର ନୀଳାମ୍ବର ମାଝି, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅନୁପ ପାତ୍ର, ଉପସଭାପତି ରବି ନାୟକ, ବାଲା ରାୟ, ଠିକାଦାର ସୁବାସ ପାଢ଼ୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ୧୮କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ବ୍ୟୟରେ ଏହି ଷ୍ଟାଡିୟମକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ମିଳିତ ଭାବେ ନିର୍ମାଣ କରାଯାଉଛି । ଏଥିରେ ୪ଶହ ମିଟର ଦୌଡ଼ ନିମନ୍ତେ ଟ୍ରାକ୍, ଫୁଟ୍‌ବଲ, ଟେନିସ, ସନ୍ତରଣ, ଇନ୍‌ଡୋର ଷ୍ଟାଡିୟମ ଏବଂ ରହିବା ପାଇଁ କମ୍ପ୍ଲେକ୍ସ ନିର୍ମାଣ କରାଯିବ ।

## ବାଇପାସ୍ ରାସ୍ତା ନିର୍ମାଣ ନେଇ ଗୁରୁତ୍ୱାରୋପ

କୋରାପୁଟ,୧୬/୧୧(ସ୍ୱ.ପ୍ର)


ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀମାନେ ।

କୋରାପୁଟ ଜିଲାର ଉନ୍ନୟନ ନେଇ କୋର୍ଡିନେଶନ ଓ ମନିଟରିଂ କମିଟି ( ଦିଶା )ର ବୈଠକ ସୋମବାର ସ୍ଥାନୀୟ ଡିଆରଡିଏ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ରାଜ୍ୟ ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ତଥା କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପୋଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ଜୟପୁର ବିଧାୟକଙ୍କ ପ୍ରତିନିଧି ଭଗବାନ ବାହିନୀପତିଙ୍କ ସମେତ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲାର ବିଭିନ୍ନ ବିକାଶ ନେଇ ହୋଇଥିବା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲାର ଜାତୀୟ ରାଜପଥର ଦୂରାବସ୍ଥା ଓ ତାର ମରାମତି ଏବଂ କୋରାପୁଟ ବାଇପାସ କାର୍ଯ୍ୟ ନେଇ ବୈଠକରେ ଆଲୋଚନା କରାଯାଇଥିଲା । ଜାତୀୟ ରାଜପଥର ମରାମତି ଲାଗି ବିଭାଗ ପକ୍ଷରୁ ୨୬ ଲକ୍ଷ ଟଙ୍କା ଆସିଥିବା ବିଭାଗୀୟ ନିର୍ବାହୀଯନ୍ତ୍ରୀ ସୂଚନା ଦେଇଥିଲେ । କୋରାପୁଟ ବାଇପାସ ନିର୍ମାଣରେ ରେଲୱେର କାର୍ଯ୍ୟ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ରେଲୱେର ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଅସହଯୋଗ ଯୋଗୁ ଏହା ବିଳମ୍ବ ହୋଉଥିବା ଅଭିଯୋଗ ହୋଇଥିଲା। ସେହିପରି କୋଟପାଡରେ ଥିବା ଜାତୀୟ ରାଜପଥ ବିଭାଗୀୟ ଡାକ ବଙ୍ଗଳାର ପୁନରୁଦ୍ଧାର କରିବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

## ୫ ଅଭିଯୁକ୍ତ ଗିରଫ

**ବାମୁଣୀରେ ପୋଲିସ ଗ୍ରାମବାସୀ ମୁହାଁମୁହିଁ ଘଟଣା**

ନବରଙ୍ଗପୁର,୧୬।୧୧(ବି.ପ୍ର.)

ବାମୁଣି ଗାଁ ମକା ପ୍ରୋସେସିଂ ୟୁନିଟ ନିର୍ମାଣଧିନ ପ୍ରକଳ୍ପକୁ ବିରୋଧ କରି ଗ୍ରାମବାସୀ ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ କୋଷାଗୁମୁଡା ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୂର୍ଣ୍ଣ ରନ୍ଧାରୀ, ସମାରୁ ନାୟକ, ଖଗପତି ଭତରା, ଉଷା ବିଷୋୟୀ ଓ ରାଜେଶ ଜାନୀ। ପ୍ରକାଶ ଯେ, ଏହି ପ୍ରକଳ୍ପ ବିରୋଧରେ ଅକ୍ଟୋବର ୨୦ରେ କେତେଜଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ନଭେମ୍ବର ୬ରେ ଏଠାରେ କମ୍ପାନୀ କରିବାକୁ ଆଉ ଏକ ଗୋଷ୍ଠୀ ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେଇଥିଲେ । ୧୨ ତାରିଖରେ କମ୍ପାନୀ ପକ୍ଷରୁ ପାଚେରି ଓ ବୋର୍‌ୱେଲ୍ କାମ ଚାଲିଥିବାବେଳେ ଶତାଧିକ ମହିଳା ପୁରୁଷ ଏହାକୁ ବିରୋଧ କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀ ସେମାନଙ୍କୁ ବୁଝାଇବାବେଳେ ଆନ୍ଦୋଳନକାରୀ ତାଙ୍କ ଉପରକୁ ଢେଲାପଥର ମାଡ କରିଥିଲେ। ପୋଲିସ ପକ୍ଷରୁ ମୃଦୁ ଲାଠି ଚାଳନା କରାଯାଇଥିଲା। ଏହି ଗଣ୍ଡଗୋଳରେ ୧୦ ଗ୍ରାମବାସୀଙ୍କ ସମେତ ପୋଲିସ କର୍ମଚାରୀ ଓ ପ୍ରଶାସନିକ ଅଧିକାରୀ ଆହତ ହୋଇଥିଲେ। ଏନେଇ କୋଡିଙ୍ଗା ତହସିଲଦାର ସହଦେବ କୁଜୁରା କୋଷାଗୁମୁଡା ଥାନାରେ ଏତଲା ଦେଇଥିଲେ। ଏନେଇ ୧୩୯/୨୦ରେ ମାମଲା ରୁଜୁ ହୋଇଥିଲା।

### ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

ବୈପାରିଗୁଡ଼ା,୧୬।୧୧ (ଡି.ଏନ୍.ଏ.):

ବୈପାରିଗୁଡ଼ାଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ବିଫଳ ହୋଇଛି। ସୋମବାର ସକାଳେ ବୈପାରିଗୁଡା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏଟିଏମ୍‌ର କିଛି ଅଂଶ ଭାଙ୍ଗି ତଳେ ପଡିଥିବା ଦେଖିବାକୁ ମିଳିଥିଲା । ସେଠାରେ ଥିବା ସିସି କ୍ୟାମେରା ଓ ଲାଇଟକୁ ମଧ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ତେବେ ସେମାନେ ଟଙ୍କା ଲୁଟ୍ କରିପାରିନାହାନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇନାହିଁ ।

## ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଡ୍ରାଫ୍ଟ ପ୍ରକାଶିତ


ଜିଲାପାଳ ଭୋଟର ତାଲିକା ସଂଶୋଧନ ଡ୍ରାଫ୍ଟ ପ୍ରଦର୍ଶନ କରୁଛନ୍ତି ।

ରାୟଗଡ଼ା ଅଫିସ,୧୬।୧୧

ରାୟଗଡ଼ା ଜିଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନିମନ୍ତେ ସୋମବାର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପ୍ରମୋଦ କୁମାର ବେହେରା ଡ୍ରାଫ୍ଟ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲାର ରାଜନୈତିକ ଦଳର ସଦସ୍ୟମାନଙ୍କ ବିଶେଷକରି ବିଜେଡି, କଂଗ୍ରେସ, ଭାଜପା, ବିଏସ୍‌ପିର ସଦସ୍ୟମାନେ ଉପସ୍ଥିତ ଥିଲେ। ଡ୍ରାଫ୍ଟରେ ପ୍ରକାଶିତ ତାଲିକା ଆନୁଯାୟୀ ନଭେମ୍ବର ୧୬ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ତୃଟି ସଂଶୋଧନ ନିମନ୍ତେ ଅଭିଯୋଗ ଦାଖଲ କରିବେ। ଏ ନେଇ ଦୁଇ ଶନିବାର ଓ ରବିବାର ବୁଥ୍ ସ୍ତରୀୟ ଅଧିକାରୀମାନେ ସତନ୍ତ୍ର ଅଭିଯାନ ଜରିଆରେ ଅଭିଯୋଗ ଗ୍ରହଣ କରିବେ। ସୂଚନାଯୋଗ୍ୟ, ଜିଲାରେ ୬୬୬୫୩୬ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୩୫୧୬୭୫ ମହିଳା ଏବଂ ୩୧୪୬୭୮ ପୁରୁଷ ଭୋଟର ରହିଛନ୍ତି। ସେହିପରି ୧୮୩ ଭୋଟର ତୃତୀୟ ଲିଙ୍ଗର ରହିଥିବା ଜଣାପଡ଼ିଛି। ଭୋଟର ତାଲିକା ସଂଶୋଧନ ନିମନ୍ତେ ଜିଲାର ୩ ନିର୍ବାଚନ ମଣ୍ଡଳୀରେ ୮୭୧ ଭୋଟ ଗ୍ରହଣ କେନ୍ଦ୍ର ପାଇଁ ୮୭୨ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ୮୫ ସୁପର୍‌ଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ସମସ୍ତ ବୁଥ୍‌ରୁ ଅଭିଯୋଗ ଗ୍ରହଣ କରିବା ପରେ ଉପଜିଲାପାଳ ତଥା ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସରମାନେ ଏହାର ଫାଇସଲା କରିବେ। ୨୦୨୧ ଜାନୁୟାରୀ ୧୫ରେ କମିଶନଙ୍କ ଅନୁମତିକ୍ରମେ ଚୁଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଡ୍ରାଫ୍ଟ ପ୍ରକାଶନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ନିର୍ବାଚନ ଅଧିକାରୀ ନାରାୟଣ ମିଶ୍ର ଉପସ୍ଥିତ ଥିଲେ।

## ଗଛରୁ ପଡି ଜଣେ ମୃତ

କାଲିମେଳା,୧୬।୧୧(ଡି.ଏନ.ଏ.)– ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ବଡିଗେଟା ପଞ୍ଚାୟତର କୁରୁବ ଗ୍ରାମର ଜଣେ ବ୍ୟକ୍ତି ଗଛରୁ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଉକ୍ତ ଗ୍ରାମର ଗଙ୍ଗା କୁଞ୍ଜାଙ୍କ ପୁଅ ମୁକା କୁଞ୍ଜା(୪୦)। ମୁକା ସୋମବାର ସକାଳ ୭ଟାରେ ଘର ନିକଟରେ ଥିବା ଏକ କୁସୁମ ଗଛରେ ଚଢିଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥରେ ମୁକାଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ କାଲିମେଳା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରଜୁ ହୋଇଛି।

## ସମାଜର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାୟଗଡ଼ା ଅଫିସ,୧୬।୧୧–

ରାୟଗଡ଼ା ଜିଲାରେ କାର୍ଯ୍ୟରତ ଖବରଦାତା ସାମ୍ମୁଖ୍ୟ ପକ୍ଷରୁ ସୋମବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମାଜର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି । ୬ଦଫା ଦାବି ନେଇ କାର୍ଯ୍ୟରତ ଖବରଦାତାମାନେ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ଥାନୀୟ ଠକ୍କର ବାପା ଆଶ୍ରମରେ ଆୟୋଜିତ ସଭାରେ ମନ୍ତ୍ରୀଙ୍କ ସମେତ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଆଇପିଆର୍‌ଓ ବସନ୍ତ ପ୍ରଧାନ, ଶିକ୍ଷାବିତ୍ ଦୁଷ୍ମନ୍ତ ମହାନ୍ତି ମଞ୍ଚାସୀନ ଥିଲେ।

## ବିଭିନ୍ନ ଯୋଜନାର ସମୀକ୍ଷା କଲେ କେନ୍ଦ୍ରୀୟ ଟିମ୍

ଦୁର୍ଗୀ,୧୬।୧୧

କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ ଜଣିଆ ମନିଟରିଂ ଟିମ୍ ସୋମବାର ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତ ଗସ୍ତ କରି ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଛନ୍ତି। ଜାତୀୟ ଜୀବିକା ମିଶନ(ଏନ୍‌ଏଲ୍‌ଏମ୍)ରୁ ଆସିଥିବା ଏହି ଟିମ୍‌ରେ ଦୁଇ ପ୍ରତିନିଧି ରାଜେଶ କୁମାର ଏବଂ ଶଙ୍କର ଶମ୍ଭୁ ରହିଥିଲେ। ଟିମ୍ ପ୍ରଥମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉନ୍ନୟନ କାର୍ଯ୍ୟ ନିମନ୍ତେ ଆସୁଥିବା ଅନୁଦାନ ରାଶିର ବିନିଯୋଗ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଧାନ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସିଏଫ୍‌ସି, ପିଏମ୍‌ଏୱାଇ, ଜାତୀୟ ପେନ୍‌ସନ ଆଦି ଯୋଜନା ବିଷୟରେ ଅନୁଧାନ କରିଥିଲେ। ପରେ ପ୍ରତିନିଧିମାନେ ହିତାଧିକାରୀଙ୍କ ପାଖକୁ ଯାଇ ସରକାରୀ ଅନୁଦାନ ପାଉଛନ୍ତି କି ନାହିଁ ବୁଝିଥିଲେ। ଦୁର୍ଗୀ ପଞ୍ଚାୟତରେ ହୋଇଥିବା ବିଭିନ୍ନ ପୋଖରୀ ପରିବା ଚାଷ ଦେଖି ଖୁସି ପ୍ରକାଶ କରିଥିଲେ।

## ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କୋରାପୁଟ,୧୬।୧୧(ସ୍ୱ.ପ୍ର.)

ଖବରଦାତାମାନେ ନିଷ୍ଠାପର ଓ ନିର୍ଭୀକଭାବେ ସତ୍ୟ ଖବର ପରିବେଷଣ କରି ଏକ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବା ଆବଶ୍ୟକ ବୋଲି ସୋମବାର ୱେବିନାରରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ଖବରଦାତାମାନଙ୍କୁ ସମାଜର ବିଭିନ୍ନ ସମସ୍ୟା ଉପରେ ନିର୍ଭୀକ ସତ୍ୟ ଖବର ପରିବେଷଣରେ ଜିଲାସ୍ତରୀୟ ଅଧିକାରୀମାନେ ସହଯୋଗ କରିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ କହିଥିଲେ ଖବରଦାତା ହେଉଛନ୍ତି ଜିଲା ପ୍ରଶାସନର ଏକ ପରିବାର ସଦୃଶ । ରାଜ୍ୟ ସରକାରଙ୍କ ପକ୍ଷରୁ ଖବରଦାତାଙ୍କୁ ବୀମା ସୁବିଧା ପ୍ରଦାନ କରାଯାଇଛି। ଖୁବ୍ ଶୀଘ୍ର ଜିଲାର ସମସ୍ତ ଖବରଦାତାଙ୍କୁ ରେଲୱେ ପାସ୍ ସୁବିଧା କରାଇବା ଲାଗି ସେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ସ୍ଥାନୀୟ ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପୋଡାଲ ଯୋଗଦେଇ ସମାଜର ସାମଗ୍ରିକ ବିକାଶରେ ଖବରଦାତାଙ୍କ ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ । ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଗଦେଇ ଜାତୀୟ ପ୍ରେସ୍ ଦିବସର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରେସ୍ କ୍ଲବ ସମ୍ପାଦକ ଅମିତାଭ ବେହେରା, ଖବରଦାତା ଡି. ଶଙ୍କର ରାଓ, ସିଏଚ ସାନ୍ତାକାର, ପ୍ରଶାନ୍ତ କୁମାର ସାମନ୍ତରାୟ, ବିଦ୍ୟା ଚୌଧୁରୀ, ପତିତପାବନ ସାହୁ, ଜିତେନ୍ଦ୍ର ମିଶ୍ର, ଘନଶ୍ୟାମ ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ପକ୍ଷରୁ ସୋମବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ୱେବିନାର ମାଧ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ. ଆରବ୍ରହ୍ମମ ଉଦ୍‌ଘାଟନ କରି ସମାଜରେ ଖବରକାଗଜର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ଗଣ ଯୋଗାଯୋଗ ବିଭାଗର ଭିଜିଟିଂ ପ୍ରଫେସର ଅକ୍ଷୟ ରାଉତ ଡିଜିଟାଇଜେସନ ଓ ଜଗତୀକରଣ ଯୁଗରେ ମୁଦ୍ରଣ ଗଣମାଧ୍ୟମ ପାଇଁ ଆହ୍ୱାନ ପାଲଟିଛି ବୋଲି କହିଥିଲେ।

## ଶିକ୍ଷା, ବିଦ୍ୟୁତ୍ ବିଭାଗ କାର୍ଯ୍ୟଶୈଳୀକୁ ନେଇ ଅସନ୍ତୋଷ

ନବରଙ୍ଗପୁର,୧୬।୧୧(ବି.ପ୍ର.)


ବୈଠକରେ ଜିଲାପାଳ, ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ।

**ଜିଲା ପରିଷଦ ବୈଠକ**

- ଶିକ୍ଷକ ବଦଳିରେ ବ୍ୟାପକ ଟଙ୍କା କାରବାର ଅଭିଯୋଗ
- ୩୦ ସୁଦ୍ଧା ସମସ୍ତ ଅଚଳ ଟ୍ରାନ୍ସଫର୍ମର ମରାମତି ନିର୍ଦ୍ଦେଶ

ନବରଙ୍ଗପୁର ସହରସ୍ଥିତ ମିଶନ ଶକ୍ତି ସଭାଗୃହରେ ସୋମବାର ଜିଲା ପରିଷଦର ଅଷ୍ଟମ ସାଧାରଣ ବୈଠକ ସଭାପତି ଭଗବତୀ ଭତରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଜିଲାପାଳ ଡ. ଅଜିତ କୁମାର ମିଶ୍ର, ରାଜ୍ୟସଭା ସଦସ୍ୟ ମୁନା ଖାଁ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ଜିଲା ପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିକାଶ କିପରି ହେବ, ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଜିଲାରେ ୨,୦୭୬ ସ୍କୁଲ ରହିଛି। ମଧ୍ୟାହ୍ନଭୋଜନ ଯୋଜନାରେ ୧, ୯୪,୩୫୨ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ଶିକ୍ଷକ ବଦଳିରେ ବ୍ୟାପକ ଟଙ୍କା କାରବାର କରାଯାଉଥିବା ନେଇ ଡାବୁଗାଁ ବିଧାୟକ ଅଭିଯୋଗ କରିଥିଲେ। ସେହିଭଳି ମଧ୍ୟାହ୍ନଭୋଜନ ଚାଉଳର ଚୋରା କାରବାର ନେଇ ଏମ୍‌ପି ପ୍ରତିନିଧି ଅଭିଯୋଗ କରିଥିଲେ। କିଛିଦିନ ତଳେ ଚନ୍ଦାହାଣ୍ଡି ଘାଟିରେ ଏକ ଚାଉଳ ବୋଝେଇ ଟ୍ରକ୍ ଓଲଟି ଥିଲା। ଉକ୍ତ ଚାଉଳ କେଉଁ ଅଞ୍ଚଳର ବୋଲି ସେ ପ୍ରଶ୍ନ କରିଥିଲେ। ଘଟଣାର ତଦନ୍ତ ଚାଲିଛି। ସ୍କୁଲକୁ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଇବା ପାଇଁ ନିୟୋଜିତ କରାଯାଇଥିବା ଟାନ୍ସପୋର୍ଟ ଏଜେନ୍ସିକୁ ୧୦ ଲକ୍ଷ ଟଙ୍କା ରିକଭରି ନୋଟିସ କରାଯାଇଛି ବୋଲି ଡିଇଓ ଚନ୍ଦ୍ରଶେଖର ପାଣିଗ୍ରାହୀ କହିଥିଲେ। ଚାରା ବଣ୍ଟନରେ ଘୋଟାଲା ହେଉଛି। ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥ ସମ୍ବନ୍ଧରେ ଲୋକପ୍ରତିନିଧିଙ୍କୁ ଜଣାଯାଉ ନ ଥିବା ଡାବୁଗାଁ ବିଧାୟକ ଅଭିଯୋଗ କରିଥିଲେ। ଜଙ୍ଗଲ ବିଭାଗରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଶିନ ସାହାଯ୍ୟରେ କାମ ହେଉଛି। ଏ ନେଇ ୨ ଜଣ ଫରେଷ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫ୍‌ଓ ମଗର ଧନଜୀ ରାଓସୋ କହିଥିଲେ। ବିଦ୍ୟୁତ୍ ବିଭାଗର ଆଉଟ୍ ସୋର୍ସିଂ ନିଯୁକ୍ତିରେ ଜିଲା ବାହାର ପିଲାଙ୍କୁ ନିଯୁକ୍ତି ମିଳିଛି। ଏଥିପାଇଁ ଅର୍ଥ କାରବାର ହୋଇଥିବା ଡାବୁଗାଁ ଓ ଉମରକୋଟ ବିଧାୟକ ଅଭିଯୋଗ କରିଥିଲେ। ବ୍ଲକ ସମିତି ବୈଠକରେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀମାନେ ଯୋଗ ଦେଉନାହାନ୍ତି। ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ କରା ନ ଯାଇ ହିତାଧିକାରୀଙ୍କୁ ବିଲ୍ ମିଳୁଛି ବୋଲି ବିଧାୟକ ଅଭିଯୋଗ କରିଥିଲେ। ଅଚଳ ପଡିଥିବା ୨୪ଟି ଟ୍ରାନ୍ସଫର୍ମରକୁ ୩୦ ତାରିଖ ସୁଦ୍ଧା ତିଆରି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବେକାର ଯୁବତୀଯୁବକଙ୍କ ପାଇଁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ କରାଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। କୃଷି ବିଭାଗ କର୍ମଚାରୀଙ୍କୁ ୬ ମାସର ଦରମା ଦିଆ ଯାଇ ନାହିଁ। ଜିଲାର ୬୨୫ ହେକ୍ଟର ଜମିରେ ଚକଡା ପୋକ ଲାଗିଥିବାବେଳେ ବିଭାଗ ପକ୍ଷରୁ ଦିଆଯାଇଥିବା କୀଟନାଶକ ଔଷଧ କାମ କରି ନ ଥିବା ଏମ୍‌ପି ପ୍ରତିନିଧି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**'ଭୋକାଲ ଫର୍ ଲୋକାଲ' ଲାଗି ମୋଦିଙ୍କ ଆହ୍ୱାନ**

ସ୍ଥାନୀୟ ଅର୍ଥ ବ୍ୟବସ୍ଥାର ବିକାଶ ଲାଗି ଯୋଗଦାନ ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି। ଦିପାଳିରେ ଲୋକମାନେ ସ୍ଥାନୀୟ ସାମଗ୍ରୀକୁ ବ୍ୟବହାର କରିଥିବାରୁ ଏହାକୁ ନେଇ ମୋଦି ଖୁସି ବ୍ୟକ୍ତ କରିଛନ୍ତି। 'ଭୋକାଲ ଫର୍ ଲୋକାଲ' ବାର୍ତ୍ତାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଛନ୍ତି।

## ସଂକ୍ଷେପରେ

### ପାଇକାରୀ ମୁଦ୍ରାସ୍ଫୀତି ୧.୪୮%

ନୂଆଦିଲ୍ଲୀ,୧୬।୧୧: ଲଗାତର ତୃତୀୟ ମାସ ଲାଗି ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ଅକ୍ଟୋବରରେ ଏହା ୧.୪୮% ପ୍ରତିଶତ ରହିଛି। ଏହା ସେପ୍ଟେମ୍ବରରେ ୧.୩୨% ରହିଥିଲା। ଅକ୍ଟୋବର ପାଇକାରୀ ମୁଦ୍ରାସ୍ଫୀତି ୮ ମାସର ସର୍ବୋଚ୍ଚ ସ୍ତର ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ସୂଚନା ରହିଛି। ଗୋଟିଏ ବର୍ଷ ତଳେ ଅକ୍ଟୋବର ମାସରେ ପାଇକାରୀ ମୁଦ୍ରାସ୍ଫୀତି ୦% ସ୍ତରରେ ରହିଥିଲା। ମାନୁଫାକଚର ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ଅକ୍ଟୋବରରେ ୨.୧୨% ସ୍ତରରେ ରହିଛି ଏହା ସେପ୍ଟେମ୍ବରରେ ୧.୬୧% ରହିଥିଲା। ଅକ୍ଟୋବରରେ ଖାଦ୍ୟ ବର୍ଗରେ ମୁଦ୍ରାସ୍ଫୀତି ୬.୩୭% ରହିଛି ଏହା ସେପ୍ଟେମ୍ବରରେ ୮.୧୭% ରହିଥିଲା। ପନିପରିବା ଏବଂ ଆଳୁ ଦର ଏହି ସମୟ ଅବଧିରେ ୨୫.୨୩% ଏବଂ ୧୦୭.୭୦% ଉଚ୍ଚରେ ରହିଛି ଅଣ ଖାଦ୍ୟ ସାମଗ୍ରୀ ଏବଂ ମିନେରାଲ୍ସ କ୍ଷେତ୍ରରେ ମୁଦ୍ରାସ୍ଫୀତି ଯଥାକ୍ରମେ ୨.୮୫% ଏବଂ ୯.୧୧% ଉଚ୍ଚରେ ରହିଛି। ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୭.୬୧% ସ୍ତରରେ ରହିଛି।

### ବନ୍ଦ ହେଲା ବିପିସିଏଲ୍ ପ୍ରାରମ୍ଭିକ ବିଡ୍

ନୂଆଦିଲ୍ଲୀ,୧୬।୧୧: ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍)ର ଘରୋଇକରଣ ଲାଗି ପ୍ରାରମ୍ଭିକ ବିଡ୍ ସୋମବାର ବନ୍ଦ ହୋଇଛି। ବ୍ରିଟେନର ବିପି, ଫ୍ରାନ୍ସର ଟୋଟାଲ, ସାଉଦି ଆରବର ଆରାମକୋ ଏବଂ ରିଲାଏନ୍ସ ଭଳି ବଡ଼ କମ୍ପାନୀ ଏହି ବିଡ୍‌ରେ ସାମିଲ ହୋଇ ନାହାନ୍ତି ବିପିସିଏଲ୍‌ରେ ରହିଥିବା ସମ୍ପୂର୍ଣ୍ଣ ୫୩% ଅଂଶଧନକୁ ବିକ୍ରି କରିବା ଲାଗି ସରକାର ଯୋଜନା ରଖିଛନ୍ତି। କମ୍ପାନୀର ଅଂଶଧନ ବିକ୍ରି ପ୍ରକ୍ରିୟାକୁ ସରକାର ପୂର୍ବରୁ ୪ଥର ବଢ଼ାଇଛନ୍ତି ବିପିସିଏଲ୍ ଲାଗି ବିଡ୍ ନେଇ ରିଲାଏନ୍ସ ନାମ ଜୋର୍‌ଦାର ଚର୍ଚ୍ଚାରେ ରହିଥିଲା। ଶେଷ ଖବର ସୁଦ୍ଧା ରିଲାଏନ୍ସ ମଧ୍ୟ ଏହି ବିଡ୍‌ରେ ସାମିଲ ହୋଇ ନ ଥିବା ଜଣାପଡିଛି। ପ୍ରାୟ ୪ ବିଡ୍ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବା ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି।

# ନୂଆ ପ୍ୟାକେଜରେ ବିତ୍ତୀୟ ପ୍ରଭାବ ଅସ୍ପଷ୍ଟ

- ଅଭିବୃଦ୍ଧି ଦିଗରେ ସହାୟକ ହେବ: ଫିଚ୍
- ବିତ୍ତୀୟ ନିଅଣ୍ଟ ୭.୮% ଛୁଇଁବ

ନୂଆଦିଲ୍ଲୀ,୧୬।୧୧

କରୋନା ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଟେକ୍ନିକାଲ ମାନ୍ଦାବସ୍ଥା ଦେଇ ଗତି କରୁଛି। ବଜାରର ସ୍ଥିତିକୁ ସୁଧାରିବା ଲାଗି ସରକାର ପୂର୍ବରୁ ୨ ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ନିକଟରେ ଭାରତ ସରକାର ଘୋଷଣା କରିଥିବା ଆତ୍ମନିର୍ଭର ପ୍ୟାକେଜ ୩.୦ ଅର୍ଥ ବ୍ୟବସ୍ଥାକୁ ଛିଡ଼ା କରିବା ଦିଗରେ ସହାୟକ ହେବ ବୋଲି ରେଟିଂ ଏଜେନ୍ସି ଫିଚ୍ ଏକ ନୂଆ ରିପୋର୍ଟରେ କହିଛି। ମାତ୍ର ରାଜକୋଷ ବା ବିତ୍ତୀୟ କ୍ଷେତ୍ରରେ ଏହାର ପ୍ରଭାବ କେତେ ପଡ଼ିବ ସେ ନେଇ ବର୍ତ୍ତମାନ ସୁଦ୍ଧା କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ୨.୬୫ ଲକ୍ଷ ଟଙ୍କା ମୂଲ୍ୟର ଏକ ନୂଆ ପ୍ୟାକେଜ ସରକାର ଘୋଷଣା କରିଛନ୍ତି। ଦେଶର ସଙ୍ଗଠିତ କ୍ଷେତ୍ରରେ ରୋଜଗାର ସୃଷ୍ଟି, ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଯୋଜନା, ସବ୍‌ସିଡି ଏବଂ ଗ୍ରାମାଞ୍ଚଳରେ ରୋଜଗାର ସୃଷ୍ଟି ଲାଗି ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ପ୍ରୋତ୍ସାହିତ କରିବା ଉପରେ ସରକାର ଏଭଳି ଯୋଜନା ହାତକୁ ନେଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ଭାରତର ବିତ୍ତୀୟ ନିଅଣ୍ଟ (ସରକାରଙ୍କ ଆୟ ଏବଂ ବ୍ୟୟ ମଧ୍ୟରେ ପାର୍ଥକ୍ୟ) ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୭.୮% ଛୁଇଁବା ନେଇ ଆକଳନ କରାଯାଇଥିବା ଫିଚ୍ ସଲ୍ୟୁସନ ଏହାର ରିପୋର୍ଟରେ ପ୍ରକାଶ କରିଛି। ରିପୋର୍ଟରେ କୁହାଯାଇଛି ଯେ, ନୂଆ ପ୍ୟାକେଜରେ ରହିଥିବା ପ୍ରସ୍ତାବ ଅର୍ଥ ବ୍ୟବସ୍ଥା ଲାଗି ଲାଭକାରୀ ସାବ୍ୟସ୍ତ ହେବ। ମୋତିଲାଲ ଓସ୍ୱାଲ ପକ୍ଷରୁ ଜାରି ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ, ନୂଆ ପ୍ୟାକେଜର ବାସ୍ତବ ରାଜକୋଷୀୟ ପ୍ରଭାବ ୧.୧ ଲକ୍ଷ କୋଟି ଟଙ୍କା ରହିପାରେ। ଏହା ମୋଟ ଜିଡିପିର ପ୍ରାୟ ୦.୫%। ପୂର୍ବରୁ ଘୋଷଣା କରାଯାଇଥିବା ୨ ପ୍ୟାକେଜର ପ୍ରଭାବ ଜିଡିପିର ୮.୭% ବା ପ୍ରାୟ ୧୭.୭ ଲକ୍ଷ କୋଟି ଟଙ୍କା ହେବ।



# କିଆ ମୋଟର୍ସ ପକ୍ଷରୁ ଦୀପାବଳି ଅଫର

ଭୁବନେଶ୍ୱର,୧୬।୧୧

କିଆ ମୋଟର୍ସ କର୍ପୋରେଶନର ସମ୍ପୂର୍ଣ୍ଣ ଅଂଶୀଦାର କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ପବିତ୍ର ଦୀପାବଳି ଅବସରରେ ଗ୍ରାହକଙ୍କ ପାଇଁ ନୂଆ ଅଫର ପ୍ରଦାନ କରାଯାଉଛି। ଏହି ଅଫର ଜରିଆରେ ଗ୍ରାହକଙ୍କ ସୁରକ୍ଷା ପାଇଁ କଣ୍ଟାକ୍ଟଲେସ ଏବଂ ପେପରଲେସ ଭଳି ସେଲସ ପ୍ରଣାଳୀ ଗୁଡିକ ଉପରେ କମ୍ପାନୀ ପକ୍ଷରୁ ବେଶ ଗୁରୁତ୍ୱ ଦିଆଯାଉଛି। ଏହା ସହିତ ଆଡଭାନ୍ସଡ ପିକ୍ ଆଣ୍ଡ ଡ୍ରପ୍ ତଥା ମାଇଁ କନଭିଏନ୍ସ ସେବା ଆରମ୍ଭ କରାଯାଇଛି। ଏ ସମ୍ପର୍କରେ କିଆ ମୋଟର୍ସ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ସେଲସ ଅଧିକାରୀ ତାଏ-ଜିନ ପାର୍କ କହିଥିଲେ ଯେ ସାମ୍ପ୍ରତିକ ସଙ୍କଟ ସମୟରେ ଗ୍ରାହକଙ୍କ ସୁରକ୍ଷା ଆମ ପାଇଁ ସର୍ବୋପରି। ସେହିଭଳି ଭାରତର ପ୍ରଥମ ଓରିଜିନାଲ ଇକ୍ୟୁପମେଣ୍ଟ ମାନୁଫାକଚର(ଓଇଏମ)ଭାବେ ଆମେ ସମ୍ପୂର୍ଣ୍ଣ କଣ୍ଟାକ୍ଟଲେସ ଓ ପେପରଲେସ ପ୍ରଣାଳୀର ପ୍ରଚଳନ କରିଛୁ। ଚଳିତ ଦୀପାବଳୀ ଅବସରରେ ଆମେ ଏଭଳି ଏକ ଉପହାର ଗ୍ରାହକଙ୍କ ପାଇଁ ନେଇ ଆସିଛୁ। ମାଇଁ କନଭିଏନ୍ସ ସେବା ଦ୍ୱାରା ଗ୍ରାହକ ବେଶ ଉପକୃତ ହୋଇପାରିବେ। ଫଳରେ ଗ୍ରାହକ ସୁରକ୍ଷାକୁ ଅଧିକ ସୁନିଶ୍ଚିତ କରାଯାଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ।

# ୨୬%ରୁ କମ୍ ରହିବ ଡିଜିଟାଲ ମିଡିଆରେ ବିଦେଶୀ ନିବେଶ




ନୂଆଦିଲ୍ଲୀ,୧୬।୧୧

ଡିଜିଟାଲ ମିଡିଆକୁ ନିୟନ୍ତ୍ରଣ କରିବା ଲାଗି ସରକାର ପ୍ରଥମ ପଦକ୍ଷେପ ନେଇଛନ୍ତି। ଯେଉଁ ଡିଜିଟାଲ ମିଡିଆ କମ୍ପାନୀଗୁଡ଼ିକରେ ବିଦେଶୀ ନିବେଶ ୨୬%ରୁ ଅଧିକ ରହିଛି ସେହି କମ୍ପାନୀ ସେମାନଙ୍କ ବିଦେଶୀ ନିବେଶକୁ ୨୬% ରଖିବାକୁ ହେବ। ଏହି କାର୍ଯ୍ୟକୁ ଶେଷ କରିବା ଲାଗି ସରକାର ଆସନ୍ତା ବର୍ଷ ଅକ୍ଟୋବର ଯାଏ ସମୟ ଦେଇଛନ୍ତି। ସମାଚାର ଏବଂ କରେଣ୍ଟ ଆଫାୟାର୍ସ ସେଗ୍‌ମେଣ୍ଟରେ କାମ କରୁଥିବା କମ୍ପାନୀଗୁଡିକ ଲାଗି ଏହା ଲାଗୁହେବ। ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ମୁତାବକ, ଏଭଳି କମ୍ପାନୀଗୁଡ଼ିକୁ ଭାରତର ଫଡ଼ି ନିୟମକୁ ମାନିବାକୁ ହେବ। ଯେଉଁ କମ୍ପାନୀଗୁଡିକରେ ୨୬% ଅଧିକ ବିଦେଶୀ ନିବେଶ ରହିଛି ତାକୁ କମ୍ କରିବାକୁ ହେବ। ଯେଉଁ କମ୍ପାନୀଗୁଡିକରେ ବିଦେଶୀ ନିବେଶ ୨୬%ରୁ ନିମ୍ନ ରହିଛି ସେମାନଙ୍କୁ ଏ ସମ୍ପର୍କରେ ବିସ୍ତୃତ ସୂଚନା ଗୋଟିଏ ମାସ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ରହିଛି। ଏହାବାଦ ଶେୟାର ହୋଲ୍ଡିଂ ସମ୍ପର୍କିତ ବିସ୍ତୃତ ସୂଚନା ପ୍ରଦାନ କରିବାକୁ ହେବ। ଇକ୍ୱିଟି ସେକ୍ଟରରେ କମ୍ପାନୀ ମଧ୍ୟ ସରକାରଙ୍କୁ ଆବଶ୍ୟକ ସୂଚନା ଦେବେ। ନୂଆ ନିବେଶ କ୍ଷେତ୍ରରେ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିବ।

# ହୋଣ୍ଡା ହାଇନେସ୍ ସିବି-୩୫୦ ଡେଲିଭରି ୧୦୦୦ ଟପିଲା

ନୂଆଦିଲ୍ଲୀ,୧୬।୧୧

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏହାର ନୂଆ ହାଇନେସ୍ ସିବି-୩୫୦ ମଡେଲ ଡେଲିଭରିରେ ଉନ୍ନତି ହୋଇଛି। କମ୍ପାନୀ ୨୦ ଦିନ ମଧ୍ୟରେ ୧୦୦୦ରୁ ଅଧିକ ମଡେଲ ଡେଲିଭରି ଦେବାକୁ ସକ୍ଷମ ହୋଇଛି। ବଡ ସହରଠାରୁ ଆରମ୍ଭ କରି ଛୋଟ ସହରଗୁଡିକରେ ମଧ୍ୟ ଏହି ବାଇକର ଚାହିଦା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୪୫୦ରୁ ୫୦୦ ସିସି ମୋଟର ସାଇକେଲ ବର୍ଗରେ କମ୍ପାନୀ ଏହି ବାଇକକୁ ଚଳିତ ବର୍ଷ ସେପ୍ଟେମ୍ବରରେ ଉନ୍ମୋଚନ କରିଥିଲା। ଡିଏଲ୍ଏକ୍ସ ଏବଂ ଡିଏଲ୍ଏକ୍ସ ପ୍ରୋ ଭଳି ଭାରିଆଣ୍ଟରେ ଏହା ଉପଲବ୍ଧ ହେବ। ଏଥିରେ ୩ଟି ରଙ୍ଗର ବିକଳ୍ପ ରହିଛି। ସବୁ ବୟସ ବର୍ଗର ଗ୍ରାହକଙ୍କ ଲାଗି ଏହା ବେଶ ଉପାଦେୟ ହେଉଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ବିଗ୍ ୱିଙ୍ଗ୍ ନେଟ୍‌ୱର୍କ ବହୁତ କମ୍ ରହିଥିଲେ ମଧ୍ୟ ବାଇକ ଯୋଗାଣ କ୍ଷେତ୍ରରେ ବଡ ଧରଣର ସଫଳତା ମିଳିଛି। ବିଗ୍ ୱିଙ୍ଗ୍ ସମ୍ପ୍ରସାରଣ ଯୋଜନା ଉପରେ ବିଭିନ୍ନ ପ୍ରସଙ୍ଗକୁ ବିଚାର କରାଯିବ ବୋଲି ସେ ମତ ପ୍ରକାଶ କରିଛନ୍ତି।



# ଭାରତରେ ୭୫ କୋଟି ଇଣ୍ଟରନେଟ ଉପଭୋକ୍ତା

ନୂଆଦିଲ୍ଲୀ,୧୬।୧୧

ଭାରତରେ ଇଣ୍ଟରନେଟ୍ ଉପଭୋକ୍ତାଙ୍କ ସଂଖ୍ୟା ୭୫ କୋଟି ଛୁଇଁଛି। ୧୯୯୫ରେ ପ୍ରଥମ ଥର ଲାଗି ଇଣ୍ଟରନେଟ ସେବା ଦେଶରେ ଆରମ୍ଭ କରାଯାଇଥିଲା। ସେବାର ଆରମ୍ଭରୁ ଏହା ମଧ୍ୟରେ ୨୫ ବର୍ଷ ପୂରଣ ହୋଇଛି। ଗତ ୪ ବର୍ଷ ମଧ୍ୟରେ ଇଣ୍ଟରନେଟ ଉପଭୋକ୍ତାଙ୍କ ସଂଖ୍ୟା ଦୁଇଗୁଣ ବଢ଼ିଛି। ଏହା ୪ ବର୍ଷ ତଳେ ୩୪ କୋଟି ରହିଥିଲା। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ ଦେଇଥିବା ତଥ୍ୟ ମୁତାବକ ଡିଜିଟାଲ ଇଣ୍ଡିଆ ପରେ ଉପଭୋକ୍ତାଙ୍କ ସଂଖ୍ୟାରେ ବିଶେଷ ବୃଦ୍ଧି ଘଟିଛି। ଦେଶ ମଧ୍ୟରେ ୫ କୋଟି ନ୍ୟାରୋ ବ୍ୟାଣ୍ଡ ଉପଭୋକ୍ତା ରହିଥିବା ବେଳେ ୭୧.୨ କୋଟି ବ୍ରଡ୍ ବ୍ୟାଣ୍ଡ ଉପଭୋକ୍ତା ରହିଛନ୍ତି।

## ରାଜ୍ୟ ଖବର

### ବଡ଼ଭାଇଙ୍କୁ ପିଟି ହତ୍ୟା ଫାଣ୍ଡିରେ ସାନଭାଇଙ୍କ ଆତ୍ମସମର୍ପଣ

କୁଆଁରମୁଣ୍ଡା,୧୬।୧୧(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପୁରୁଖାଶମ ପଞ୍ଚାୟତ ହରାପାଲି ଗ୍ରାମରେ ରବିବାର ସୁଖୁ ଲାକ୍ରା (୪୦)ଙ୍କୁ ତାଙ୍କ ସାନଭାଇ ବାଲନା ଲାକ୍ରା(୩୦) କାଠବାଡ଼ିରେ ପିଟି ପିଟି ହତ୍ୟା କରିଛନ୍ତି। ବାଲନା କୁଆଁରମୁଣ୍ଡା ଫାଣ୍ଡିରେ ଆତ୍ମସମର୍ପଣ କରିବା ସହ ପୋଲିସକୁ ଘଟଣା ସମ୍ପର୍କରେ କହିଛନ୍ତି। କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ମୃତଦେହ ଜବତ ସହ ସୋମବାର ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛନ୍ତି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ କାଠବାଡ଼ି ଓ ରକ୍ତଭିଜା ପୋଷାକ ଜବତ କରିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସୁଖୁ ଅବିବାହିତ ଥିଲେ। ରବିବାର କୌଣସି କାରଣରୁ ସୁଖୁ ସାନଭାଇ ବାଲନା ଓ ତାଙ୍କ ପତ୍ନୀଙ୍କୁ ବାଡ଼ିରେ ପିଟିଥିଲେ। ଏଥିରେ ଉତ୍ତେଜିତ ହୋଇ ବାଲନା ଘର ଭିତରେ ଥିବା ଏକ କାଠବାଡ଼ିକୁ ଧରି ସୁଖୁଙ୍କୁ ପିଟି ଥିଲେ। ଫଳରେ ଘଟଣାସ୍ଥଳରେ ସୁଖୁ ଅଚେତ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ପ୍ରାୟ ସାଢେ ୭ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ମାଟିତଳୁ ବାହାରିଲା ଶିବଲିଙ୍ଗ



ପୂଜାର୍ଚ୍ଚନା ଚାଲିଛି।

ଛତ୍ରପୁର,୧୬।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଚନ୍ଦ୍ରପଦା ଗାଁର ଏକ ପରିତ୍ୟକ୍ତ ପଡ଼ିଆ ଖୋଳିବାରେ ଶିବଲିଙ୍ଗ ବାହାରିଛି। କାର୍ତ୍ତିକ ସୋମବାରରେ ଶିବଲିଙ୍ଗ ବାହାରି ଥିବାରୁ ସେଠାରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଚନ୍ଦ୍ରପଦା ଗାଁ ପଡ଼ିଆରେ ଶିବଲିଙ୍ଗ ଥିବା ନେଇ କିଛି ଦିନ ତଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ହେଲେ ଏହାକୁ କେହି ବିଶ୍ୱାସ କରି ନ ଥିଲେ। ସୋମବାର ଉକ୍ତ ପଡ଼ିଆର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଚନ୍ଦନ ବାସ୍ନା ହେବାରୁ କେତେଜଣ ଯୁବକ ସେଠାରେ ଖୋଳିବା ଆରମ୍ଭ କରିଥିଲେ। କିଛି ସମୟ ଖୋଳିବାରେ ଶିବଲିଙ୍ଗ ଆକୃତିର କିଛି ଦେଖାଯାଇଥିଲା। ପରେ ଗାଁ ଲୋକେ ଏକାଠି ହୋଇ ଅଧିକ ଖୋଳାଖୋଳି କରିବାରୁ ପାତାଳି ଶିବଲିଙ୍ଗ ଆବିର୍ଭାବ ହୋଇଥିବା ଜଣାପଡ଼ିଥିଲା। ଏହାକୁ ଦେଖିବାକୁ ଆଖପାଖ ଗ୍ରାମର ଲୋକେ ଚନ୍ଦ୍ରପଦା ଗ୍ରାମକୁ ଯାଉଛନ୍ତି। ସେଠାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

# ଜେଲରେ ଯନ୍ତ୍ରଣା ଭୋଗୁଛନ୍ତି ପକ୍ଷାଘାତ ରୋଗୀ

ସମ୍ବଲପୁର,୧୬।୧୧(ବ୍ୟୁରୋ)

- ୪ ବର୍ଷ ପରେ ବି ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ
- ଚିକିତ୍ସା ପାଇଁ ଘରକୁ ଛାଡ଼ିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି
- ୨୦୧୬ ଡିସେମ୍ବରରେ ପୋଲିସ ଗିରଫ କରିଥିଲା
- ମାଓବାଦୀଙ୍କ ସଙ୍ଗଠନ ସହ ସମ୍ପୃକ୍ତି ଥିଲା



ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ନାଏକ।

ମାସେ କି ଦୁଇ ମାସ ନୁହେଁ, ଅଢେଇ ବର୍ଷ ହେବ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଜେଲ ଭିତରେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ବିନୋଦ ନାଏକ(୬୫) ନାମକ ଜଣେ କଏଦୀ। ଏବେ ସେ ଜେଲ ଭିତରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ତାଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହୋଇପାରୁନାହିଁ। ଏପରି ପରିସ୍ଥିତିରେ ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ଜେଲରୁ ଘରୋଇ ମେଡିକାଲକୁ ନିଆଯାଉ ନଚେତ୍ ଘରକୁ ଛାଡ ଦିଆଯାଉ ବୋଲି ଜିଲାପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯୁଝୁମୁରା ଥାନା ମାରଙ୍ଗବାହାଲ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ନାଏକ। ନାଏକ ଜିଲା ପ୍ରଶାସନକୁ ପ୍ରଦାନ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଭାଇ ବିନୋଦ ସମ୍ବଲପୁର ମଣ୍ଡଳ କାରାଗାରରେ ଜଣେ ବିଚାରାଧୀନ କଏଦୀ ଭାବେ ଗତ ୪ ବର୍ଷ ହେବ ଅଛନ୍ତି। ୨୦୧୬ ଡିସେମ୍ବରରେ ପୋଲିସ ତାଙ୍କୁ ଘରୁ ଉଠାଇ ନେଇଥିଲା। ପରେ ମାଓବାଦୀ କାର୍ଯ୍ୟକଳାପରେ ସେ ସମ୍ପୃକ୍ତ ଥିବା ଦର୍ଶାଇ ମିଛ ମାମଲା ରୁଜୁ କରି ଜେଲ ହାଜତକୁ ପଠାଇ ଦେଇଥିଲା। ବିନୋଦଙ୍କ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ମାଓବାଦୀ ସଙ୍ଗଠନ ସହିତ କୌଣସି ସମ୍ପର୍କ ନାହିଁ। ପୋଲିସ ଜାଣି ଶୁଣି ତାଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରିଛି ବୋଲି ନାଏକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ବିନୋଦ ପ୍ରାୟ ଅଢେଇ ବର୍ଷ ହେଲା ପକ୍ଷାଘାତରେ ପୀଡିତ ହୋଇ ଜେଲ ଭିତରେ ଯନ୍ତ୍ରଣା ଭୋଗୁଛନ୍ତି। କର୍ତ୍ତୃପକ୍ଷ ପକ୍ଷରୁ ତାଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉନାହିଁ କିମ୍ବା ଯତ୍ନ ନିଆଯାଉ ନାହିଁ। ତାଙ୍କ ସହିତ ରହୁଥିବା କଏଦୀମାନେ ତାଙ୍କୁ ଯଥା ସମ୍ଭବ ସହଯୋଗ କରୁଛନ୍ତି। କିଛି ଖାଦ୍ୟ ଖୁଆଇ ଦେଉଛନ୍ତି। କପଡା ବଦଳାଇବା ପାଇଁ ସାହାଯ୍ୟ କରୁଛନ୍ତି। ତାଙ୍କୁ ଘରକୁ ନେଇ ଚିକିତ୍ସା କରାଇବା ଓ ଯତ୍ନ ନେବା ପାଇଁ ଅନୁମତି ଦିଆଯାଉ ବୋଲି ନାଏକ ଗୁହାରି କରିଛନ୍ତି।

# ଏକାମ୍ର ଜମି ଦୁର୍ନୀତି ଅଭିଯୋଗରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)



କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଏକାମ୍ର କାନନ ଏବଂ ତତ୍‌ସଂଲଗ୍ନ ଜଙ୍ଗଲ ଜମି, ଖୋର୍ଦ୍ଧା ଜିଲାର ବିଭିନ୍ନ ଗ୍ରାମ ଖେଲପଡ଼ିଆ, ମଶାଣି ଓ ମେଳଣ, ସ୍କୁଲ ପଡ଼ିଆକୁ ରାଜ୍ୟ ସରକାରଙ୍କ ଦ୍ୱାରା ବଳପୂର୍ବକ ଦଖଲ କରାଯାଉଥିବା କଂଗ୍ରେସ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ସୋମବାର ରାଜଭବନ ସମ୍ମୁଖରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାର ୨୦ ବର୍ଷ ଧରି ଏହି ପାର୍କକୁ ଅବହେଳା କରିଆସିଛନ୍ତି। ବର୍ତ୍ତମାନ ପୁଞ୍ଜିପତିଙ୍କ ହାତରେ ଏହି ପାର୍କ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଜଙ୍ଗଲକୁ ଟେକିଦେବାକୁ ଚକ୍ରାନ୍ତ ଚାଲିଛି। ଗତ ୨୦ ବର୍ଷରେ ଜମି ଦୁର୍ନୀତି ସୀମା ଉଲ୍ଲଙ୍ଘନ କଲାଣି। ଗଙ୍ଗାପାଟଣା, ଜଗନ୍ନାଥଙ୍କ ଅମୃତମଣୋହି ଏବଂ ବଗଲା ଧର୍ମଶାଳା ଜମି ଦୁର୍ନୀତି ଆଦି ଏହାର ଉଦାହରଣ। କଂଗ୍ରେସ ଏହାର ପ୍ରତିବାଦ କରିବା ସହ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସେ କହିଛନ୍ତି। ଏହି ଅବସରରେ ସୁରେଶ ରାଉତରାୟ କହିଛନ୍ତି, ରାଜ୍ୟ ସରକାର ଯେତେ ଦୁର୍ନୀତି କରିଛନ୍ତି ଏହା ସବୁଠାରୁ ବଡ ଘଟଣା। କେତେଜଣ ଦୁର୍ନୀତିଗ୍ରସ୍ତ ନେତା, ସରକାରରେ ଥିବା କେତେଜଣ ଅସାଧୁ ଉଚ୍ଚପଦସ୍ଥ ଅଫିସର ସିଧାସଳଖ ଭାବେ ଏଥିରେ ସମ୍ପୃକ୍ତ। ଚାଷୀଙ୍କୁ ସୁଲଭ ମୂଲ୍ୟରେ ପୁଞ୍ଜି ଓ ଫଳ ଚାରା ଯୋଗାଇବା ପାଇଁ ବ୍ୟବସ୍ଥା ହୋଇଥିଲା। ଏହାର ଚାରିପଟେ ବନୀକରଣ କରାଯାଇଥିଲା। ନିକଟରେ ଏକାମ୍ର ପାର୍କ ଏବଂ ଏହାର ଚତୁଃପାର୍ଶ୍ୱରେ ଥିବା ଜଙ୍ଗଲକୁ ଧ୍ୱଂସ କରି ସରକାର ସେଠାରେ ବ୍ୟବସାୟିକ ପ୍ରତିଷ୍ଠାନ କରିବାକୁ ଚକ୍ରାନ୍ତ କରିଛନ୍ତି। ତାହାକୁ କଂଗ୍ରେସ ବରଦାସ୍ତ କରିବ ନାହିଁ ବୋଲି ସେ କହିଛନ୍ତି। ଏଭଳି ଆଭିମୁଖ୍ୟକୁ ବିରୋଧ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ପ୍ରତିନିଧି ଦଳ ଏକ ସ୍ମାରକ ପତ୍ର ପ୍ରଦାନ କରିଛି।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ବିଏଡ୍ ନାମଲେଖା ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିଏଡ୍ ନାମଲେଖା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ଆସନ୍ତା ୨୦ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଛାତ୍ରୀମାନେ ଆବେଦନ କରିପାରିବେ। ପୂର୍ବରୁ ଏହା ୧୫ ତାରିଖ ଥିଲା। ଏ ନେଇ ସୋମବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଅନ୍ୟ ତାରିଖଗୁଡ଼ିକରେ କୌଣସି ପରିବର୍ତ୍ତନ ହୋଇନାହିଁ। ୨୫ ତାରିଖ ୫ଟାରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ୨୮ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ଛାତ୍ରୀମାନେ ନାମ ଲେଖାଇବେ। ୨୮ତାରିଖ ଅପରାହ୍ନ ୫ଟାରେ ବାଲାନ୍ସ ସିଟ୍ ପାଇଁ ତାଲିକା ପ୍ରକାଶ ପାଇବ। ସେମାନେ ଡିସେମ୍ବର ୩ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ନାମ ଲେଖାଇବେ।

# ସମୁଦ୍ର ବାଲିରୁ କୁମ୍ଭୀର ଉଦ୍ଧାର

ବାହାନଗା,୧୬।୧୧(ଡି.ଏନ୍.ଏ.)



ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ଼ ପଞ୍ଚାୟତ ଗୁଡଖଣ୍ଡ ବାରୁଣୀଘାଟ ଅତିଥିସ୍ଥିତ ସମୁଦ୍ର ବାଲିରୁ ଏକ କୁମ୍ଭୀରକୁ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଛନ୍ତି। ଉଦ୍ଧାର କୁମ୍ଭୀରକୁ ସୋମବାର ସକାଳେ ମତ୍ସ୍ୟଜୀବୀମାନେ ଆରୁହାବାଡ଼ ବଜାରକୁ ଭାର କରି ଆଣିଥିଲେ। ବନ ବିଭାଗ ପକ୍ଷରୁ କୁମ୍ଭୀରର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ବାଲେଶ୍ୱର ନିଆଯାଇଛି। ଏହା ବଉଳା ଜାତୀୟ କୁମ୍ଭୀର ବୋଲି ଜଣାପଡିଛି। ଏହାର ଲମ୍ବ ୫ଫୁଟ ହେବ। ଆରୁହାବାଡ଼ ଗ୍ରାମର ୩ଜଣ ମତ୍ସ୍ୟଜୀବୀ ବିଦ୍ୟାଧର ମାଝି, ଲକ୍ଷ୍ମୀଧର ମାଝି ଓ ପାଠାମର ମାଝି ରବିବାର ରାତି ପ୍ରାୟ ୧୨ଟା ବେଳେ ସମୁଦ୍ରକୁ ମାଛ ମାରିବା ପାଇଁ ଚାଲି ଚାଲି ଯାଉଥିବା ବେଳେ କିଛିଦୂରରେ ଶୋଇଥିବା ଏକ କୁମ୍ଭୀର ଗର୍ଜନ କରିଥିଲା। ଫଳରେ ସେମାନେ ଡରି ଯାଇଥିଲେ। ପରେ ସେମାନେ ଟର୍ଚ୍ଚ ଲାଇଟ୍ ମାରି କୁମ୍ଭୀରକୁ ଦେଖିଥିଲେ। ମତ୍ସ୍ୟଜୀବୀମାନେ ହାତରେ ଧରିଥିବା ବଡ଼ ବଡ଼ା ଦ୍ୱାରା କୁମ୍ଭୀର ମୁହଁକୁ ଚାପି ଧରି କାବୁ କରି ପକାଇଥିଲେ। ଏକ ବଉଡ଼ି ଦ୍ୱାରା ବାନ୍ଧିବା ସହିତ ଜାଲରେ ଅଟକ ରଖିଥିଲେ। ସମୁଦ୍ରରୁ ମାଛ ଧରି ସକାଳେ ଫେରିବା ପରେ ୩ଜଣ ମତ୍ସ୍ୟଜୀବୀ ସେହି କୁମ୍ଭୀରକୁ ଭାର କରି ଆରୁହାବାଡ଼ ବଜାରକୁ ଆଣିଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିଥିଲେ। ପରେ ଚାନ୍ଦିପୁର ରେଞ୍ଜର ସୁକୁମାର ଦାସଙ୍କ ନିର୍ଦ୍ଦେଶରେ ବାଲେଶ୍ୱରରୁ ଉଦ୍ଧାରକାରୀ ସବୁଜ ବାହିନୀ ଦଳ ପହଞ୍ଚି କୁମ୍ଭୀରକୁ ଯତ୍ନରେ ଭର୍ତ୍ତି କରି ବାଲେଶ୍ୱର ରେଞ୍ଜ ଅଫିସକୁ ନେଇଯାଇଥିଲେ। ଏହି କୁମ୍ଭୀର ଉଭୟ ମଧୁର ଓ ଲୁଣାପାଣିରେ ରହିଥାଏ। ସାଧାରଣତଃ ଏଭଳି କୁମ୍ଭୀର ଭିତରକନିକାରେ ରହିଥାଆନ୍ତି। ଭିତରକନିକା ଧାମରାଠାରୁ ଲାଗିଥିବାରୁ କୁମ୍ଭୀରଟି ସମୁଦ୍ର କୂଳେକୂଳେ ପଳାଇ ଆସିଥିବା ଅନୁମାନ କରାଯାଉଛି।



**ବେଲଜିୟମ୍:** ପାରା ଦାମ ପୁଣି ୧୩ କୋଟି ୪୦ ଲକ୍ଷ ଟଙ୍କା। ଏହା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ତେବେ ବେଲଜିୟମ୍‌ରେ ନ୍ୟୁ କିମ୍ ନାମକ ୩ ବର୍ଷର ଏକ ପାରାକୁ ରବିବାର ଅନ୍ ଲାଇନ୍‌ରେ ନିଲାମ କରାଯାଇଛି। ଚାଇନାର ଜଣେ ଲୋକ ଏହି ପାରାକୁ କିଣିଛନ୍ତି ବୋଲି ପିଜନ ପାରାଡ଼ାଇଜ୍‌ର ଅଧକ୍ଷ ନିକୋଲସ ସୂଚନା ଦେଇଛନ୍ତି। ଚାଇନାରେ ପାରା ଉଡ଼ାଇବା ପ୍ରତିଯୋଗୀତାରେ ନ୍ୟୁ କିମ୍ ଅଂଶଗ୍ରହଣ କରିବ। ସୂଚନାଯୋଗ୍ୟ, ଗତବର୍ଷ ୧୧ କୋଟି ଟଙ୍କାରେ ଏକ ପାରାକୁ ନିଲାମ କରାଯାଇଥିଲା। ତେବେ ଚଳିତବର୍ଷ ନ୍ୟୁ କିମ୍ ଏହି ରେକର୍ଡ ଭାଙ୍ଗିଥିବା ନିକୋଲସ୍ କହିଛନ୍ତି।

# ନାତୁଣୀଙ୍କୁ ଜନ୍ମଦେଲେ ଆଈ

ଶିକାଗୋ, ୧୬।୧୧




ବ୍ରିୟାର ଜୁଲିଏଟ୍ ଲକ୍‌ଉଡ୍। ଗତ ନଭେମ୍ବର ୨ରେ ଜନ୍ମ ଗ୍ରହଣ କରିଥିବା ଏହି ଅବୋଧ ଶିଶୁକନ୍ୟା ଏବେ ସୋସିଆଲ ମିଡିଆର ସେନ୍‌ସେଶନ। ଏହାର କାରଣ ଯେତିକି ଚର୍ଚ୍ଚିତ, ସେତିକି ରୋମାଞ୍ଚକର ବ୍ରିୟାରଙ୍କ ଜନ୍ମ ରହସ୍ୟ। କାରଣ ବ୍ରିୟାର ଜନ୍ମ ନେଇଛନ୍ତି ତାଙ୍କ ୫୧ ବର୍ଷୀୟା ଆଈ ଜୁଲି ଲଭିଂଙ୍କ ଗର୍ଭରୁ। ବିଜ୍ଞାନର ଚମତ୍କାରିତା ବଳରେ ଏହା ସମ୍ଭବପର ହୋଇଥିବାବେଳେ ଜୁଲିଙ୍କ ୨୯ ବର୍ଷୀୟା ଝିଅ ବ୍ରିଆନା ଲକ୍‌ଉଡ୍‌ଙ୍କ ଘରକୁ ଆସିଛି ପ୍ରଥମ ସନ୍ତାନ।

ଆମେରିକାର ଶିକାଗୋ ସହରରେ ପାଖାପାଖି ରୁହନ୍ତି ଜୁଲି ଲଭିଂ ଏବଂ ତାଙ୍କ ଝିଅ ବ୍ରିଆନା। ବିବାହର ୪ବର୍ଷ ମଧ୍ୟରେ ବ୍ରିଆନା ଗର୍ଭଧାରଣରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତାଙ୍କର ଦୁଇଥର ଗର୍ଭନଷ୍ଟ ହୋଇଯିବା ପରେ ସେ ମାତୃତ୍ୱ ସୁଖରୁ ବଞ୍ଚିତ ହୋଇ ରହିଥିଲେ। ଆମେରିକାର ବଡ଼ ବଡ଼ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଇଥିଲେ ମଧ ସ୍ୱାସ୍ଥ୍ୟଗତ କାରଣରୁ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିବାକୁ ସମସ୍ତ ବାଟ ବନ୍ଦ ହୋଇଯାଇଥିଲା। ଗର୍ଭଧାରଣ କଲେ ଜୀବନପ୍ରତି ବିପଦ ଆଶଙ୍କା ଥିବାରୁ ତାଙ୍କ ନିକଟରେ ପୋଷ୍ୟ ସନ୍ତାନ ଗ୍ରହଣ କରିବା, ଆଇଭିଏଫ୍ କିମ୍ବା ସରୋଗେସୀ ପଦ୍ଧତି ଆପଣାଇବା ବିକଳ୍ପ ଭାବେ ରହିଥିଲା। ହେଲେ ଆଇଭିଏଫ୍ ମଧ




## ଚିକିତ୍ସା ବିଜ୍ଞାନର ଚମତ୍କାରିତା

ଫେଲ୍ ମାରିଥିଲା। ଏହାପରେ ବ୍ରିଆନା ସରୋଗେସୀ ମାଧ୍ୟମରେ ସନ୍ତାନ ଜନ୍ମ କରିବାକୁ ଇଚ୍ଛା ବ୍ୟକ୍ତ କରିଥିଲେ। ଏ ବିଷୟରେ ମା' ଜୁଲିଙ୍କ ସହ ଆଲୋଚନା କରିବା ବେଳେ ସେ ନିଜ ଗର୍ଭରେ ଝିଅଙ୍କ ସନ୍ତାନକୁ ଧାରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ତେବେ ସେତେବେଳେ ବ୍ରିଆନା ଏହାକୁ ହସରେ ଉଡ଼ାଇ ଦେଇଥିଲେ। ସ୍ୱାମୀ ଆରୋନ୍ ମଧ ଶାଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ବୟସାଧିକ୍ୟ କାରଣରୁ ପ୍ରଥମେ ଏଥିରେ ସହମତ ହୋଇ ନ ଥିଲେ। ହେଲେ ପରେ ଶାଶୁ ଜୁଲି ତାଙ୍କୁ ରାଜି କରାଇବାରେ ସଫଳ ହୋଇଥିଲେ। ସାଧାରଣତଃ ସରୋଗେସୀ ପ୍ରକ୍ରିୟାରେ ସାମିଲ ହେଉଥିବା ମହିଳାଙ୍କ ବୟସ ୪୦-୪୫ ବର୍ଷ ଭିତରେ ହୋଇଥାଏ। ହେଲେ ୨ ବଡ଼ ସନ୍ତାନଙ୍କ ମା' ହୋଇ ଏପରି ନିଷ୍ପତ୍ତି ନେବା ସମସ୍ତଙ୍କୁ ଚକିତ କରିଥିଲା। ହେଲେ ଜୁଲି ନିଜ ଝିଅଙ୍କ ଖୁସି ପାଇଁ ସମସ୍ତ ପ୍ରକାର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ମାନସିକସ୍ତରରେ ପ୍ରସ୍ତୁତ ହୋଇସାରିଥିଲେ। ଅନ୍ୟପଟେ ଯୁବାବସ୍ଥାରେ ଜୁଲି ଜଣେ ସଫଳ କ୍ରୀଡ଼ାବିତ୍ ଥିଲେ। ସାଇକେଲିଂ, ସନ୍ତରଣ ସମେତ ବୋଷ୍ଟନ ମାରାଥନ୍‌ରେ ଭାଗନେଇ ସେତେବେଳେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେବଳ ଏତିକି ନୁହେଁ, ଫେବୃୟାରୀରେ ଗର୍ଭଧାରଣ କରିବା ପରେ ସେ ସୁସ୍ଥ ରହିବା ଲାଗି ଦୈନିକ ଘଣ୍ଟା ଘଣ୍ଟା ଦୌଡୁଥିଲେ। ଦୀର୍ଘ ୧୩୧୧ ଦିନର କଷ୍ଟକର ପ୍ରକ୍ରିୟା, ୪୬୭ ଇଞ୍ଜେକ୍ସନ, ୬୪ ବୋତଲ ରକ୍ତ, ୭ ସର୍ଜରି, ୮ ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ, ୪ ଅସଫଳ ଭ୍ରୂଣ ପ୍ରତିରୋପଣ, ଗର୍ଭସଞ୍ଚାର ପରେ ଥରେ ଭ୍ରୂଣ ନଷ୍ଟ, ଥରେ ଏକ ଯମଜ ଶିଶୁଙ୍କ ଗର୍ଭପାତ ପରେ ଜୁଲିଙ୍କ ଗର୍ଭରୁ ତାଙ୍କ ନାତୁଣୀ ଜନ୍ମ ଲାଭ କରିଛନ୍ତି। ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ଡାକ୍ତର ବ୍ରିୟାନ କାପ୍ଲାନ କହିଛନ୍ତି।

ଏ ସମ୍ପର୍କରେ ପ୍ରତିକ୍ରିୟାରେ ବ୍ରିଆନା କୁହନ୍ତି, ସମସ୍ତ ଘଟଣା ଏକ କାହାଣୀ ଭଳି ଲାଗୁଛି। ସମସ୍ତ ପ୍ରକ୍ରିୟା ଏକ ରୋମାଞ୍ଚକର ଯାତ୍ରା ଥିଲା। ଗୋଟିଏ ପଟେ ମହାମାରୀ, ଅନ୍ୟ ପଟେ ମା'ଙ୍କ ଗର୍ଭରେ ନିଜ ଶିଶୁ ବଢୁଥିବା ଏକ ଅସହଜ ଅବସ୍ଥା ସୃଷ୍ଟି କରିଥିଲା। ସେ ଯାହା ହେଉ, ସବୁ କିଛି ଠିକ୍‌ଠାକ୍ ଭାବେ ହୋଇଯାଇଛି। ସାରା ପୃଥିବୀର ଲକ୍ଷାଧିକ ଶୁଭେଚ୍ଛୁ ତାଙ୍କୁ ଏବଂ ତାଙ୍କ ମା'ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଇଭିଏଫ୍ ପଦ୍ଧତି ଆପଣାଇବାରେ ସମସ୍ୟା ଭୋଗୁଥିବା ଦମ୍ପତିଙ୍କୁ ଏହା ପ୍ରେରିତ କରିବ ବୋଲି ସେ କହିଛନ୍ତି।

# ସୋରିଷ କ୍ଷେତରେ ନୁସ୍‌ରତ୍




**ମୁମ୍ବାଇ:** ଦୀପାବଳି ଅବସରରେ ଆମାଜନ ପ୍ରାଇମ୍‌ରେ ରିଲିଜ୍ ହୋଇଛି ନୁସ୍‌ରତ୍ ଭାରୁଚା ଏବଂ ରାଜ୍‌କୁମାର ରାଓଙ୍କ ଚଳଚ୍ଚିତ୍ର 'ଛଲାଙ୍ଗ'। ଏହି ଚଳଚ୍ଚିତ୍ରକୁ ଲୋକମାନେ ବେଶ୍ ଭଲପାଇବା ଦେଇଛନ୍ତି। ନିକଟରେ ସୋସିଆଲ ମିଡିଆରେ ନୁସ୍‌ରତ୍-ରାଜ୍‌କୁମାରଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ନୁସ୍‌ରତ୍ ଏବଂ ରାଜ୍‌ଙ୍କୁ 'ଦିଲ୍ ୱାଲେ ଦୁଲ୍‌ହନିଆ ଲେ ଯାଏଙ୍ଗେ' ଫିଲ୍ମର ଶାହରୁଖ ଏବଂ କାଜୋଲଙ୍କ ଷ୍ଟାଇଲ୍‌ରେ ସୋରିଷ କ୍ଷେତରେ ନାଚୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓକୁ ନୁସ୍‌ରତ୍ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ବଡ଼ ବଡ଼ ଦେଶରେ ଏଭଳି ସୁନ୍ଦର ଭିଡିଓ ତିଆରି ହୋଇଯାଏ। ଭିଡିଓକୁ ଅଧଘଣ୍ଟା ମଧ୍ୟରେ ୮୦ ହଜାରରୁ ଅଧିକ ଲାଇକ୍ ମିଳିସାରିଛି। ଏହି ଭିଡିଓରେ ଲୋକମାନେ ନାନା ପ୍ରତିକ୍ରିୟା ମଧ ଦେଇଛନ୍ତି। କେତେକ ଲୋକ ରାଜ୍‌କୁମାର ଏବଂ ନୁସ୍‌ରତ୍‌ଙ୍କ ଯୋଡ଼ି ଭଲ ଲାଗୁଛି ବୋଲି କମେଣ୍ଟ କରିଛନ୍ତି। ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ଛଲାଙ୍ଗ'ରେ ରାଜ୍‌କୁମାର ରାଓ ଏବଂ ନୁସ୍‌ରତ୍ ଭାରୁଚାଙ୍କ ସମେତ ମହମ୍ମଦ ଜିଶାନ୍ ଆୟୁବ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ହାନସାଲ ମେହେଟ୍ଟା।

# ପରୀ ରାଇଜର ଚିଠି

**ନୂଆଦିଲ୍ଲୀ:** ପରୀ ଦୁନିଆର କାହାଣୀ ଶୁଣିବା ଆଉ ସେମାନଙ୍କଠାରୁ ସମାଧାନର ବିଭିନ୍ନ ସୂତ୍ର ବାହାର କରିବା କଥା ଏବେ ସତ ହୋଇଛି। ଆମେରିକାର ଭର୍ଜିନିଆରେ ଥିବା ପିଲାମାନେ ଏବେ ପରୀମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି ବେଶ୍ ଖୁସି ହୋଇ ପାରୁଛନ୍ତି। ଆଉ ପିଲାଙ୍କ ପାଇଁ ପରୀ ସାଜି ଚିଠି ମାଧ୍ୟମରେ ଉତ୍ତର ଦେଉଛନ୍ତି ଭର୍ଜିନିଆର ୫୫ ବର୍ଷୀୟା ଲେଖିକା ଲିଜା ସୁହାୟ।

ଭର୍ଜିନିଆର ଲେଖିକା ଲିଜା ସୁହାୟଙ୍କ ପାଖରେ ଏବେ ଗଦା ଗଦା ଚିଠି। ଆଉ ସବୁ ଚିଠିକୁ ପଢ଼ି ସେ ତା'ର ପ୍ରତ୍ୟୁତ୍ତର ଦେଇ ପିଲାମାନଙ୍କ ମନରେ ଖୁସି ଭରି ଦେଉଛନ୍ତି। ଲିଜା ପିଲାଙ୍କ ପାଇଁ ଗପ ବହି ଲେଖନ୍ତି। ଗପରେ ସେ ପରୀମାନଙ୍କ କାହାଣୀ ଲେଖି ସେମାନଙ୍କ ସହ ଯୋଗାଯୋଗ ନିମନ୍ତେ ଯେଉଁ ଠିକଣା ଦେଇଥାନ୍ତି ସେହି ଠିକଣାରେ ହିଁ ପିଲାମାନେ ନିଜ ନିଜ ସମସ୍ୟା ଓ ମନକଥା ଲେଖି ପରୀମାନଙ୍କ ପାଖକୁ ପଠାଉଛନ୍ତି। ଠିକଣା ଅନୁସାରେ ଲିଜାଙ୍କ ଘର ପାଖରେ ଥିବା ଗଛର ଡାଳଗୁଡ଼ିକରେ ହିଁ ପରୀମାନେ ରହୁଛନ୍ତି। ସେଥିପାଇଁ ଲିଜା ତାଙ୍କ ଘର ପାଖରେ ଥିବା ବଗିଚାରେ ଚେୟାର ଓ ଟେବୁଲ ପକାଇଛନ୍ତି। ଟେବୁଲ ଉପରେ ଦୁଇଟି ଚିଠି ବାକ୍ସ ରହିଛି। ଗୋଟିଏ ଚିଠି ବାକ୍ସରେ ପିଲାମାନେ ପଠାଇଥିବା ଚିଠି ଥିବାବେଳେ ଅନ୍ୟଟିରେ ପିଲାଙ୍କ ଚିଠିର ଉତ୍ତର ଥିବା ଚିଠି ରଖାଯାଇଥାଏ, ଯାହା ପିଲାଙ୍କ ଠିକଣାରେ ହିଁ ଡାକରେ ପଠା ଯାଇଥାଏ। ପିଲାମାନେ ଭାବନ୍ତି କି ପରୀମାନେ ହିଁ ସେମାନଙ୍କୁ ତାଙ୍କ ପ୍ରଶ୍ନ ସବୁର ଉତ୍ତର ଦେଉଛନ୍ତି। କିଛି ପିଲା ଠିକଣା ଅନୁସାରେ ପହଞ୍ଚି ପରୀମାନଙ୍କୁ ଦେଖିବାର ଇଚ୍ଛା ବି ପ୍ରକାଶ କରିଥାନ୍ତି। ଆଉ ପିଲାଙ୍କର ଏହି ଇଚ୍ଛାକୁ ବି ପୂରଣ କରିଥାନ୍ତି ଲିଜା। ବେଳେବେଳେ ସେ ରାଣୀଙ୍କ ଭଳି ଗାଉନ୍ ପିନ୍ଧି ପକ୍ଷ ଲଗାଇ ସଜବାଜ ହୋଇ ବାହାରକୁ ଆସି ପରଦା ପଛପଟେ ପିଲାଙ୍କୁ ଦେଖା ଦିଅନ୍ତି। ଯେଉ ପିଲାମାନେ ଘର ପାଖକୁ ଆସି ଦେଖା କରିପାରନ୍ତି ନାହିଁ ସେମାନଙ୍କ ସହ ୱେବସାଇଟ୍ ମାଧ୍ୟମରେ ବି କଥାବାର୍ତ୍ତା ହୋଇଥାନ୍ତି। କିଛି ମାସ ହେବ ଲିଜା ଆରମ୍ଭ କରିଥିବା ଏହି ଚିଠିପତ୍ର ମାଧ୍ୟମରେ ଏବେ ସୁଦ୍ଧା ସେ ୭୦୦ ଜଣଙ୍କୁ ଉତ୍ତର ପଠାଇ ସାରିଲେଣି। ଏଭଳି ମାଧ୍ୟମରେ ପିଲାମାନେ ସେମାନଙ୍କ ମନକଥା ପ୍ରକାଶ କରିବା ସହିତ ବିଭିନ୍ନ ସମସ୍ୟାର ବି ସମାଧାନ କରି ପାରୁଛନ୍ତି ବୋଲି ଅଭିଭାବକମାନେ ମତ ଦେଇଛନ୍ତି।



# ବିବାହ ପୂର୍ବରୁ ସନ୍ତାନ ଶୁଭ

**ଜୟପୁର:** ବିବାହ ଆଗରୁ ସନ୍ତାନ ପ୍ରସବ କରିବା ଅତ୍ୟନ୍ତ ଶୁଭ। ଏକଥା ଶୁଣି ସମସ୍ତେ ହୁଏତ ଆଶ୍ଚର୍ଯ୍ୟ ହୋଇପାରନ୍ତି। କାରଣ ଏଭଳି ଏକ ଘଟଣାକୁ ସାଧାରଣତଃ ପାପ ବୋଲି ଧରାଯାଏ। କିନ୍ତୁ ବିବାହ ପୂର୍ବରୁ ସନ୍ତାନ ପ୍ରସବ କରିବା ଭଳି ଏକ ଅଜବ ପରମ୍ପରା ଦେଖିବାକୁ ମିଳେ ରାଜସ୍ଥାନର ଗରାସିଆ ଜନଜାତିଙ୍କ ମଧ୍ୟରେ। ରାଜସ୍ଥାନ ଉଦୟପୁରର ସିରୋହୀ ଓ ପାଲି ଅଞ୍ଚଳରେ ରହୁଥିବା ଗରାସିଆ ଜନଜାତିଙ୍କ ମଧ୍ୟରେ ଏଭଳି ଏକ ଅଜବ ପରମ୍ପରା ରହିଛି। କାହିଁ କେଉଁ କାଳରୁ ଏଭଳି ଏକ ପରମ୍ପରା ଚାଲି ଆସୁଛି।




ପରମ୍ପରା ଅନୁସାରେ ଏହି ଜନଜାତିର ଯୁବତୀମାନେ ବିବାହ ପୂର୍ବରୁ ସନ୍ତାନ ଜନ୍ମ କରିବା ଫଳରେ ସେମାନଙ୍କ ଭବିଷ୍ୟତ ଜୀବନ ସୁଖମୟ ହୋଇଥାଏ ବୋଲି ଧାରଣା ରହିଛି। ଏମିତିକି ବିବାହ ପୂର୍ବରୁ ସନ୍ତାନ ଜନ୍ମ କରି ନ ପାରିବା ଅଶୁଭ ବୋଲି ଧରାଯାଏ। ଶୁଣିବାକୁ ଅଜବ ମନେ ହେଉଥିଲେ ବି ରାଜସ୍ଥାନର ଗରାସିଆ ଜନଜାତିଙ୍କ ମଧ୍ୟରେ ଏହି ପରମ୍ପରା ହଜାର ହଜାର ବର୍ଷ ତଳୁ ଚାଲିଆସିଛି। ପରମ୍ପରା ଅନୁସାରେ ଗରାସିଆ ଜନଜାତିରେ ବିବାହ ନିମନ୍ତେ ୨ ଦିନିଆ ବିଶେଷ ମେଳା ଆୟୋଜନ ହୋଇଥାଏ। ଏହି ମେଳାରେ ଯୁବତୀଯୁବକମାନଙ୍କୁ ନିଜ ମନ ପସନ୍ଦରେ ଜୀବନସାଥୀ ବାଛିବାର ସ୍ୱାଧୀନତା ରହିଥାଏ। ଯୁବତୀଯୁବକମାନେ ପରସ୍ପରକୁ ପସନ୍ଦ କରିବା ପରେ ସେମାନେ ଏକାଠି ହୋଇ ରହିଥାନ୍ତି। ଏହାପରେ ଏକ ସନ୍ତାନ ଜନ୍ମ ପରେ ହିଁ ସେମାନେ ନିଜ ଇଚ୍ଛା ଅନୁସାରେ ଯେକୌଣସି ସମୟରେ ବିବାହ କରିଥାନ୍ତି। ଗରାସିଆ ଜନଜାତିର ଏହି ପରମ୍ପରା ଆଜିର ଆଧୁନିକ ଯୁଗରେ ଲିଭ୍ ଇନ୍ ରିଲେସନଶିପ୍‌ର ରୂପ ନେଇଛି। ଏହି ସମ୍ପର୍କରେ ଯେପରି ବିବାହ ପୂର୍ବରୁ ଅନେକ ଦିନ ପର୍ଯ୍ୟନ୍ତ ଏକାଠି ରହିବା ପରେ ଯୁବତୀଯୁବକମାନେ ନିଜ ଇଚ୍ଛାରେ ବିବାହ କରିଥାନ୍ତି, ଗରାସିଆ ଜନଜାତିରେ ମଧ ଠିକ୍ ସେହି ଅନୁସାରେ ବୈବାହିକ ପରମ୍ପରା ରହିଛି।

# ମିଳିଲା ପ୍ରାଚୀନ ୟୁନାନି ଦେବତାଙ୍କ ମୂର୍ତ୍ତି

**ଏଥେନ୍ସ:** ୟୁନାନି ପ୍ରତ୍ନତତ୍ତ୍ୱ ବିଭାଗ ହାତରେ ଲାଗିଛି ୟୁନାନି ଦେବତା ହେର୍‌ମିସଙ୍କ ଏକ ପୁରାତନ ପ୍ରତିମୂର୍ତ୍ତି। ମଧ ଏଥେନ୍ସରେ ନାଳ ଖୋଳା କାମ ଚାଲିଥିବାବେଳେ ଶୁକ୍ରବାର ହେର୍‌ମିସଙ୍କ ଏହି ଆବକ୍ଷ ପ୍ରତିମୂର୍ତ୍ତି ମିଳିଛି। ମୂର୍ତ୍ତିଟି ଭଲ ଅବସ୍ଥାରେ ଥିବା ଜଣାପଡ଼ିଛି। ଏହି ମୂର୍ତ୍ତି ଖ୍ରୀଷ୍ଟପୂର୍ବ ୩୦୦ ଅର୍ଥାତ୍ ତୃତୀୟ ଶତାବ୍ଦୀ ପ୍ରାରମ୍ଭ କିମ୍ବା ଚତୁର୍ଥ ଶତାବ୍ଦୀ ଶେଷ ସମୟର ବୋଲି ଅନୁମାନ କରାଯାଉଥିବା ଗ୍ରୀକ୍ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ପ୍ରତିମୂର୍ତ୍ତିରେ ହେର୍‌ମିସଙ୍କୁ ପ୍ରାପ୍ତ ବୟସ୍କ ରୂପେ ଚିତ୍ରଣ କରାଯାଇଛି, ଯାହାକି ଯୁବକ ଅବସ୍ଥାରେ ଚିତ୍ରଣର ସାମାନ୍ୟ ବିପରୀତ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିମୂର୍ତ୍ତିଟିକୁ ଯତ୍ନ ସହକାରେ ପ୍ରତ୍ନତତ୍ତ୍ୱ ବିଭାଗକୁ ପଠାଯାଇଥିବା ଜଣାପଡ଼ିଛି।



## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଡକ୍ଟର ଜୟକୃଷ୍ଣ ମିଶ୍ର
୨୦୦୪, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ- ୦୭.୦୫.୧୯୨୭
ତିରୋଧାନ- ୦୭.୧୧.୨୦୨୦
(କାର୍ତ୍ତିକ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥି)
ଆପଣଙ୍କ ମହାନ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶ୍ରଦ୍ଧାଞ୍ଜଳି ସହ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୭୦୦୨୨

ଏକାଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଦିବାକର ରଥ
ପ୍ଲଟ୍ ନଂ ୨୬୭/ ୩୩୫୫
ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୬
ତିରୋଧାନ: ୨୧।୧୦।୨୦୦୯
ଆଜି ଆପଣଙ୍କର ଏକାଦଶ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ।
ଧ-୬୧୦୮୦

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା କ୍ଷେତ୍ରମଣୀ ପଣ୍ଡା
ସ୍ୱାମୀ: ଶ୍ରୀ ରାମଚନ୍ଦ୍ର ପଣ୍ଡା
ମହାମାୟା ସାହି, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୧୩।୦୪।୧୯୩୯
ତିରୋଧାନ: ୦୬।୧୧।୨୦୨୦
ଚାହୁଁ ଚାହୁଁ ୧୨ ଦିନ ବିତିଗଲା। ତୋର ସ୍ନେହ ଓ ଭଲପାଇବା ବହୁତ ମନେପଡୁଛି। ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଗୋପାଳ ଓ ମା'ମହାମାୟାଙ୍କ ପାଦତଳେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପଣ୍ଡା ପରିବାର ଓ ବନ୍ଧୁବର୍ଗ ।
ଧ-୬୬୬୨୭

ଦ୍ୱାଦଶାହ ଉପଲକ୍ଷେ

ସ୍ୱର୍ଗତ ଶ୍ୟାମସୁନ୍ଦର ଘୋଷ
ସେନାପତି ବଗିଚା, ରେଳ ଫାଟକ, ପୁରୀ-୭୫୨୦୦୨
ଆବିର୍ଭାବ: ୨୬।୦୧।୧୯୬୨
ତିରୋଧାନ: ୦୬।୧୧।୨୦୨୦
(ଆଦ୍ୟ କାର୍ତ୍ତିକ ଷଷ୍ଠୀ, ଶୁକ୍ରବାର)
ତୁମର ଆକସ୍ମିକ ବିୟୋଗରେ ଆମେ ସମସ୍ତେ ମର୍ମାହତ। ତୁମର ସ୍ନେହ, ଶ୍ରଦ୍ଧା, ସରଳତା, ତ୍ୟାଗ, ଭଲପାଇବା ଓ ପରୋପକାରିତା ଆମ ପାଇଁ ଅବିସ୍ମରଣୀୟ ଓ ପ୍ରେରଣାର ଉତ୍ସହୋଇ ରହିଯିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଦୀପ୍ତି, ପୁତ୍ର: ଅଭିଷେକ, ତଥା ପରିବାର ପରିଜନ ଓ ବନ୍ଧୁଗଣ।
ଧ-୧୮୮୮୧

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

BALAJI FINANCE LIMITED
DIWALI DHAMAKA
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8895436721

Various types of High Grade Mines available to give Sublease or Sharing Partner. High Return. Term and Condition applied. Investment Capacity 4 Cr. to 41 Cr.
Contact:
9658805048

MUDRA FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 1% ସୁଧ ଓ 60% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8930928851

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




# ସ୍କିନ୍‌ଟୋନ୍ ଅନୁସାରେ ଲିପ୍‌ଷ୍ଟିକ୍

**ମୁହଁର ସୌନ୍ଦର୍ଯ୍ୟ ବଢାଇବାରେ ବିଭିନ୍ନ ମେକ୍‌ଅପ୍ ସାମଗ୍ରୀ ମଧ୍ୟରୁ ଲିପ୍‌ଷ୍ଟିକ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହି ଲିପ୍‌ଷ୍ଟିକ୍ ଯଦି ସ୍କିନ୍ ଟୋନ୍‌କୁ ମ୍ୟାଚ୍ ନ କରେ ତେବେ ସୁନ୍ଦର ମେକ୍‌ଅପ୍ ବି ଲାଗିଥାଏ ଖରାପ। ତେଣୁ ନିଜ ସ୍କିନ୍‌ଟୋନ୍ ଅନୁସାରେ କିପରି ଲିପ୍‌ଷ୍ଟିକ୍ ବ୍ୟବହାର କଲେ ଆକର୍ଷଣୀୟ ଲୁକ୍ ପାଇପାରିବେ ଜାଣି ରଖନ୍ତୁ ଟିପ୍ସ...**

– ଯଦି ଆପଣଙ୍କ ସ୍କିନ୍‌ଟୋନ୍ ନ୍ୟୁଟ୍ରାଲ୍ ଅର୍ଥାତ୍ ଅଧିକ ଗୋରା କିମ୍ବା କଳା ନୁହେଁ ତେବେ ଆପଣଙ୍କୁ ପିଙ୍କ୍ ଏବଂ ରେଡ୍ କଲର ପରଫେକ୍ଟ ସୁଟ୍ କରିବ। ତେବେ ଗ୍ଲସି ଅପେକ୍ଷା ମ୍ୟାଟ୍ ଲିପ୍‌ଷ୍ଟିପ୍ ବ୍ୟବହାର କଲେ ଆପଣ ଅଧିକ ସୁନ୍ଦର ଦିଶିବେ।


– ଗହମ ରଙ୍ଗ ବା ହ୍ୱେଟିସ୍ କଲର ସ୍କିନ୍‌ଟୋନ୍‌କୁ ଲାଇଟ୍ ଏବଂ ଡିପ୍ ଉଭୟ ସେଡ୍ସର ଲିପ୍‌ଷ୍ଟିକ୍ ମାନିଥାଏ। ତଥାପି ଏହାକୁ ଲଗାଇବା ସମୟରେ ସ୍କିନ୍ ଯେପରି ବ୍ରାଇଟ୍ ଲାଗେ ସେଥିପ୍ରତି ଧ୍ୟାନ ଦେବେ, ନଚେତ୍ ଲିପ୍‌ଷ୍ଟିକ୍ ପାଇଁ ଓଠ ହାଇଲାଇଟ୍ ହେଉଥିବା ବେଳେ ମୁହଁ ଡଲ୍ ଲାଗିବ।

– ଶ୍ୟାମଳ ରଙ୍ଗ ତ୍ୱଚାକୁ ମେରୁନ୍ ଏବଂ ହାଲ୍‌କା ବ୍ରାଉନ୍ ସେଡ୍ସ ଲିପ୍‌ଷ୍ଟିକ୍ ବହୁତ ସୁନ୍ଦର ଲାଗିଥାଏ। ଏହା ମୁହଁକୁ ବ୍ରାଇଟ୍ ଏବଂ ଆଇକ୍ୟାଚି ଲୁକ୍ ଦେବାରେ ସାହାଯ୍ୟ କରିଥାଏ।

– ଗୋରା ସ୍କିନ୍‌ଟୋନ୍ ପାଇଁ ପ୍ରାୟ ସବୁ ପ୍ରକାର ସେଡ୍ସର ଲିପଷ୍ଟିକ୍ ଭଲ ଲାଗିଥାଏ। ତେଣୁ ଆପଣ ଚାହିଁଲେ ନିଜ ଆଉଟଫିଟ୍‌କୁ ମ୍ୟାଚ୍ କଲା ଭଳି ଲିପ୍‌ଷ୍ଟିକ୍ ବାଛି ପାରିବେ। ତଥାପି ଯଦି ବାଛିପାରୁ ନାହାନ୍ତି ତେବେ ବେବି ପିଙ୍କ୍, ନ୍ୟୁଡ୍ ପିଙ୍କ, ହାଲକା ଲାଲ କିମ୍ବା ଲାଇଟ୍ ଭାଓଲେଟ୍ କଲରର ଲିପ୍‌ଷ୍ଟିକ୍ ଲଗାନ୍ତୁ ସୁନ୍ଦର ଲାଗିବେ।



# ସ୍ୱାସ୍ଥ୍ୟ ପରୀକ୍ଷା ଏବେ ଘରେ



ବର୍ତ୍ତମାନ ସମୟରେ କରୋନା ସଂକ୍ରମଣ ଭୟରେ ଅତ୍ୟାବଶ୍ୟକ ନ ଥିଲେ କେହି ଡାକ୍ତରଖାନା ଯିବାକୁ ଭୟ କରୁଛନ୍ତି। ତା'ଛଡ଼ା ଅନେକ କ୍ଲିନିକ୍ ଏଯାଏ ବନ୍ଦ ଥିବାରୁ ଯେଉଁମାନେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ରୁଟିନ୍ ଚେକ୍‌ଅପ୍ ଲାଗି ବିଭିନ୍ନ ପ୍ରାଇଭେଟ୍ କ୍ଲିନିକ ଉପରେ ନିର୍ଭର କରୁଥିଲେ, ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଋତୁ ପରିବର୍ତ୍ତନ ଲାଗି ଛୋଟ ପିଲାଙ୍କ ଠାରେ ଦେଖାଦେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଲାଗି ଡାକ୍ତରଖାନା ନେବାକୁ ଭୟ କରୁଛନ୍ତି। ତେଣୁ ଏମିତିରେ ସୁରକ୍ଷା ଦୃଷ୍ଟିରୁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଆବଶ୍ୟକ ବିଭିନ୍ନ ଉପକରଣ ଅନେକେ ଘରେ ଆଣି ମଧ୍ୟ ରଖୁଛନ୍ତି। ତେବେ ଏଭଳି ଉପକରଣ କିଣିବା ସମୟରେ ଏବଂ ବ୍ୟବହାର କରିବା ବେଳେ କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ, ଜାଣି ରଖନ୍ତୁ ସେ ସମ୍ପର୍କରେ...


**ଥର୍ମୋମିଟର:** ବର୍ତ୍ତମାନ ସମୟରେ ସାମାନ୍ୟ ଥଣ୍ଡା ଜ୍ୱର ହେଲେ କରୋନା ଭୟ ପ୍ରଥମେ ଘାରୁଛି। ଏମିତିରେ ବାରମ୍ବାର ବଡ଼ି ଟେମ୍ପରେଚର ମାପିବାକୁ ହେଉଛି। ତେଣୁ ବିଭିନ୍ନ ଚିକିତ୍ସା ଉପକରଣ ମଧ୍ୟରେ ଥର୍ମୋମିଟର ପ୍ରାୟ ସମସ୍ତଙ୍କ ଘରେ ଉପଲବ୍ଧ। ତେଣୁ ବ୍ୟାଟେରି ଲାଇଫ୍ ଭଲ ଥିବା କମ୍ପାନୀର ଡିଜିଟାଲ ଥର୍ମୋମିଟର କିଣନ୍ତୁ। ଘରେ ଛୋଟପିଲା ଥିଲେ କାନ ପଛରେ କିମ୍ବା ମଥାରେ ଲଗାଇ ତାପମାତ୍ରା ମାପିବା ଭଳି ଥର୍ମୋମିଟର କିଣନ୍ତୁ। ଯଦି ସିଧାସଳଖ ଶରୀରକୁ ସ୍ପର୍ଶ ନ କରି ତାପମାତ୍ରା ଦେଖିବାକୁ ଚାହୁଁଛନ୍ତି ତେବେ ଦୂରରୁ ତାପମାତ୍ରା ମାପିପାରୁଥିବା ଭଳି ଇନ୍‌ଫ୍ରାରେଡ୍ ଥର୍ମୋମିଟର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ, ମଧ୍ୟ ମିଳୁଛି, ହେଲେ ଏହାର ରିଡିଂ ଅନ୍ୟ ଅପେକ୍ଷା କମ୍ ଠିକ୍। ମନେରଖନ୍ତୁ ଥର୍ମୋମିଟର ବ୍ୟବହାର କରିବା ବେଳେ ଡିସ୍‌ପ୍ଲେ ଉପରେ ବ୍ୟାଟେରି ପୋଜିଶନ୍ ଦେଖନ୍ତୁ। ଯଦି ଲୋ ବ୍ୟାଟେରି ସିଗ୍‌ନାଲ ଆସୁଛି ତେବେ ରିଡିଂ ଭୁଲ୍ ଆସିବାର ଆଶଙ୍କା ରହିଛି। ପାଟିରେ ରଖି ତାପମାତ୍ରା ମାପୁଥିଲେ ଖାଇବାର ତୁରନ୍ତ ପରେ ନ ମାପି କିଛି ସମୟ ପରେ ମାପନ୍ତୁ।

**ଗ୍ଲୁକୋମିଟର:** ବର୍ତ୍ତମାନ ପ୍ରାୟ ଅଧିକାଂଶ ପରିବାରରେ କେହି ନା କେହି ଡାଇବେଟିସ୍ ରୋଗୀ ନିଶ୍ଚେ ଥିବା ଦେଖିବାକୁ ମିଳୁଛି। ଯେଉଁମାନଙ୍କୁ ବ୍ଲଡ୍‌ସୁଗାର ଟେଷ୍ଟ ସହ ଅନ୍ୟାନ୍ୟ ରୁଟିନ୍ ଚେକ୍‌ଅପ୍ ଲାଗି ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଥାଏ। ହେଲେ ବର୍ତ୍ତମାନ କରୋନା ସଂକ୍ରମଣର ଭୟ ବିଶେଷ କରି ଡାଇବେଟିସ୍ ରୋଗୀଙ୍କ ଲାଗି ଏହା ଅଧିକ ବିପଦପୂର୍ଣ୍ଣ ହୋଇଥିବାରୁ ଅନେକେ ଘରୁ ବାହାରି ଚେକ୍‌ଅପ୍ ଲାଗି ଯିବାକୁ ଭୟ କରୁଛନ୍ତି। ଏମିତିରେ ସବୁବେଳେ ବାହାରକୁ ଯିବା ପରିବର୍ତ୍ତେ ସୁଗାର ଲେବଲ୍ ଜାଣିବା ଲାଗି ଘରେ ଗ୍ଲୁକୋମିଟର ରଖି ବ୍ଲଡ୍ ଟେଷ୍ଟ କରିବାକୁ ଅନେକେ ପସନ୍ଦ କରୁଛନ୍ତି, ଯାହାକୁ ବ୍ୟବହାର କରିବା ଖୁବ୍ ସହଜ। ହେଲେ କେଉଁ ଭଳି ଗ୍ଲୁକୋମିଟର ବ୍ୟବହାର କରିବା ସହଜ ଜାଣିବା ପରେ ହିଁ କିଣନ୍ତୁ। ଛୋଟ ସାଇଜ୍‌ର ଗ୍ଲୁକୋମିଟର ଯେଉଁଥିରେ ଯାଞ୍ଚ ଲାଗି ସୀମିତ ମାତ୍ରାରେ ରକ୍ତ ନେଇ ହେଉଥିବ କିଣନ୍ତୁ । ରକ୍ତ କମ୍ ବାହାରିଲେ ଆଙ୍ଗୁଠିରେ କଷ୍ଟ ମଧ୍ୟ କମ୍ ହେବ। ବର୍ତ୍ତମାନ କମ୍ପ୍ୟୁଟର ସହ ସଂଯୋଗ ହୋଇ ପାରୁଥିବା ଭଳି ଗ୍ଲୁକୋମିଟର ମଧ୍ୟ ମିଳୁଛି, ଯାହାଦ୍ୱାରା ରିପୋର୍ଟକୁ ସେଭ୍ କରି ରଖିବା ସହଜ ହୋଇପାରୁଛି। ଏହାକୁ ବ୍ୟବହାର କରୁଥିଲେ ପ୍ରତି ତିନି ମାସ ବ୍ୟବଧାନରେ ସେଲ୍ ବା ବ୍ୟାଟେରି ବଦଳାନ୍ତୁ ନ ଚେତ୍ ରିଡିଂ ଭୁଲ୍ ହେବାର ଆଶଙ୍କା ରହିଛି। ଏହାର ଟେଷ୍ଟିଂ ଷ୍ଟ୍ରିପ୍‌କୁ ଏୟାର ଟାଇଟ୍ କଣ୍ଟେନର୍‌ରେ ରଖନ୍ତୁ।


**ବିପି ମନିଟର:** ଡାଇବେଟିସ୍ ଭଳି ବର୍ତ୍ତମାନ ପ୍ରାୟ ସବୁ ପରିବାରରେ କେହି ନା କେହି ବ୍ଲଡ୍ ପ୍ରେସର ରୋଗୀ ଥିବା ଦେଖିବାକୁ ମିଳୁଛି। ଆଉ କରୋନା ସମୟରେ ବ୍ଲଡ୍ ପ୍ରେସର ଅନେକଙ୍କ ଲାଗି ଏକ ବଡ ସମସ୍ୟା ପାଲଟିଛି। ତେଣୁ ନିୟମିତ ସମୟ ବ୍ୟବଧାନରେ ବିପି ମାପିବା ଲାଗି ସୁରକ୍ଷା ଦୃଷ୍ଟିରୁ ବାରମ୍ବାର ଡାକ୍ତରଙ୍କ ପାଖକୁ ନ ଯାଇ ଘରେ ବିପି ମନିଟର ମେଶିନ୍ ଆଣି ରଖିବାକୁ ଅନେକଙ୍କୁ ବେଶି ସୁବିଧା ହେଉଛି। ତେଣୁ ଗ୍ରାହକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଦୋକାନରେ ବିଭିନ୍ନ କମ୍ପାନୀର ଇଲେକ୍ଟ୍ରୋନିକ ବିପି ମନିଟର ଉପଲବ୍ଧ ହେଉଛି। ହେଲେ କିଣିବା ସମୟରେ କେତୋଟି କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଯଦିଓ ଡାକ୍ତରମାନେ ବ୍ୟବହାର କରୁଥିବା ବିପି ମେଶିନ୍ ଅଧିକ ମଜଭୁତ୍ ହେଲେ ଘରେ ବିନା ପ୍ରଶିକ୍ଷଣରେ ଏହାକୁ ବ୍ୟବହାର କରିବା ସହଜ ନୁହେଁ। ତେଣୁ କୌଣସି ଭଲ ବ୍ରାଣ୍ଡର ଡିଜିଟାଲ ବିପି ମନିଟର କିଣନ୍ତୁ। ଏଥିରୁ ବ୍ଲଡ୍ ପ୍ରେସର ସହ ପଲ୍ସ ରେଟ୍ ବି ଜାଣିପାରିବେ। ବର୍ତ୍ତମାନ ରିଷ୍ଟ ବେଲ୍ଟ ବାନ୍ଧି ବିପି ମାପି ହେଉଥିବା ଭଳି ମେଶିନ୍ ମିଳୁଥିଲେ ବି ଆର୍ମ ବେଲ୍ଟ ଥିବା ମେଶିନ୍ ଆପଣଙ୍କ ପାଇଁ ବେଶି ଭଲ। ତେବେ ଏହାକୁ ବ୍ୟବହାର କରିବା ବେଳେ ବେଲ୍ଟକୁ ଅଧିକ ଟାଇଟ କିମ୍ବା ଢିଲା ବାନ୍ଧନ୍ତୁ ନାହିଁ। ଠିକ୍ ଜାଗାରେ ବାନ୍ଧନ୍ତୁ ଯେପରି ପଲ୍ସ ରେଟ୍ ଚେକ୍ କରିବା ସହଜ ହେବ।

**ୱେଇଂ ମେଶିନ୍:** ପରିବର୍ତ୍ତିତ ଜୀବନଶୈଳୀ ଓ ଏଥିନେଇ ମେଦବହୁଳତା ବର୍ତ୍ତମାନ ଅଧିକାଂଶଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ପ୍ରମୁଖ କାରଣ ସାଜିଛି। ଯେଉଁଥିପାଇଁ ସର୍ବପ୍ରଥମେ ଓଜନ ନିୟନ୍ତ୍ରିତ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। ତେଣୁ ଓଜନ ମାପିବା ଲାଗି ଅନେକେ ୱେଇଂ ମେଶିନ୍ ବ୍ୟବହାର କରୁଛନ୍ତି। ଏହି ମେଶିନ୍ ଉଭୟ ମ୍ୟାନୁଆଲ୍ ଏବଂ ଡିଜିଟାଲ୍ ଉପଲବ୍ଧ। କେବଳ ଏତିକି ନୁହେଁ ବର୍ତ୍ତମାନ ଲାଟେଷ୍ଟ ୱେଇଂ ମେଶିନ୍‌ରେ ଏକ ଆପ୍ ଦ୍ୱାରା ମୋବାଇଲ୍‌କୁ ଡାଟା ଟ୍ରାନ୍ସଫର କରିବାର ସୁବିଧା ବି ରହିଛି। ମନେରଖନ୍ତୁ ଆବଶ୍ୟକରୁ ଅଧିକ ଓଜନ ଭଳି କମ୍ ଓଜନ ବି କ୍ଷତି କାରକ।

**ଫିଟନେସ୍ ଟ୍ରାକର:** ମେଦବହୁଳତା, ଆର୍ଥ୍ରାଇଟିସ୍, ବ୍ଲଡ ପ୍ରେସର, ଡାଇବେଟିସ୍ ଭଳି ରୋଗୀଙ୍କୁ ଫିଟ୍ ରହିବା ଲାଗି ଡାକ୍ତର ୱାକିଂ ସହ ବିଭିନ୍ନ ଏକ୍ସରସାଇଜ୍ କରିବାକୁ ପରାମର୍ଶ ଦେଉଛନ୍ତି। ହେଲେ କରୋନା ସମୟରେ ବାହାରକୁ ଯାଇ କିମ୍ବା ଜିମ୍ ନ ଯାଇ ଅନେକେ ଏସବୁ ଘରେ କରୁଥିବାରୁ ଏହା ଠିକ୍ ଭାବେ ହେଉଛି କି ନାହିଁ ଜାଣିବା ଲାଗି ବର୍ତ୍ତମାନ ଅନେକେ ଫିଟ୍‌ନେସ୍ ଟ୍ରାକରର ସାହାଯ୍ୟ ନେଉଛନ୍ତି। ଏହା ହାତ ଘଣ୍ଟା କିମ୍ବା ରିଷ୍ଟ ବ୍ୟାଣ୍ଡ ପରି ହାତରେ ବନ୍ଧାଯାଉଥିବା ଏକ ଛୋଟ ମେଶିନ୍। ଯାହା ବ୍ଲୁ ଟୁଥ୍ ଦ୍ୱାରା ମୋବାଇଲ୍ ଫୋନ୍ ସହ ଯୋଡି ହୋଇ ରହିଥାଏ ଏବଂ ଦୈନନ୍ଦିନ ଜୀବନର ଶାରୀରିକ କାର୍ଯ୍ୟକଳାପ ଯଥା ଆପଣ କେତେ ଦୂର ଚାଲିଲେ, କେତୋଟି ଶିଡି ଚଢିଲେ, କେତେ କ୍ୟାଲୋରି ବର୍ନ କଲେ ଇତ୍ୟାଦିର ତଥ୍ୟ ଦେଇଥାଏ। ଏହା ହାର୍ଟ ଏବଂ ପଲ୍ସ ରେଟ୍‌ର ସମ୍ପୂର୍ଣ୍ଣ ବିବରଣୀ ମୋବାଇଲ୍‌କୁ ପଠାଇ ଦେଇଥାଏ; ଯାହା କି ଆବଶ୍ୟକ ସମୟରେ ଡାକ୍ତରଙ୍କୁ ଦେଖାଇବାରେ ସାହାଯ୍ୟ କରିଥାଏ। ଏଥିରେ ନିଜର ଫିଜିକାଲ ଆକ୍ଟିଭିଟିରେ ଟାର୍ଗେଟ୍ ସେଟ୍ କରିବା ଦ୍ୱାରା ଯଦି ଟାର୍ଗେଟ ପୂରଣ ନ ହୁଏ ତେବେ ଏହା ଆପଣଙ୍କୁ ମନେପକାଇ ଦେଇଥାଏ।







**ବର୍ତ୍ତମାନ କରୋନା ସଂକ୍ରମଣର ସବୁଠୁ ଅଧିକ ଭୟ ଡାକ୍ତରଖାନାରେ। ତେଣୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ସେଠାକୁ ଯିବାକୁ ଭୟ କରୁଛନ୍ତି ଲୋକେ। ତା'ଛଡ଼ା ଅଧିକାଂଶ କ୍ଲିନିକ୍‌କୁ ଏପର୍ଯ୍ୟନ୍ତ ଡାକ୍ତର ଆସୁ ନ ଥିବାରୁ ଅନେକଙ୍କୁ ରୁଟିନ୍ ଚେକ୍‌ଅପ୍ ଲାଗି ବି ହେବାକୁ ପଡୁଛି ଅସୁବିଧାର ସମ୍ମୁଖୀନ। ଏସବୁ ସମସ୍ୟାର ସମାଧାନ ଲାଗି ବର୍ତ୍ତମାନ ଅନେକେ ଘରେ ରଖୁଛନ୍ତି ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣ...**

## କ'ଣ କରନ୍ତି ଏମାନେ...

**ଶୁଚିସ୍ମିତା ପଣ୍ଡା**(ନର୍ସିଂ ଅଫିସର, ଏମ୍ସ, ଭୁବନେଶ୍ୱର)– ନିଜେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଥିବାରୁ ବର୍ତ୍ତମାନ ପରିସ୍ଥିତିରେ କରୋନା ସଂକ୍ରମଣକୁ ଆଖିଆଗରେ ରଖି ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣ ଘରେ ଆଣି ରଖିଛି। ବିଶେଷ କରି ଘରେ ଛୋଟ ପିଲା ଥିବାରୁ ଥଣ୍ଡା, ଜ୍ୱର ଭଳି ସମସ୍ୟା ଚେକ୍‌ଅପ୍ ଲାଗି ଡାକ୍ତରଖାନା ନ ନେଇ ପ୍ରଥମେ ନିଜେ ଥର୍ମୋମିଟରରେ ଟେମ୍ପରେଚର୍ ମାପୁଛି। କେବଳ ଏତିକି ନୁହେଁ ପରିବାରର ଅନ୍ୟ ସଦସ୍ୟଙ୍କ ଆବଶ୍ୟକତା ଅନୁଯାୟୀ ବିପି ମନିଟର, ଗ୍ଲୁକୋମିଟର ଆଦି ଅନେକ ଉପକରଣ ମଧ୍ୟ ଘରେ ରଖିଛି।


ଶୁଚିସ୍ମିତା

**ପାର୍ବତୀ ନାୟକ**( ଗୃହିଣୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର)– ବର୍ତ୍ତମାନ କରୋନା ସଂକ୍ରମଣ ଥମିବାର ନାଁ ନେଉନାହିଁ। ତା'ଛଡ଼ା ଏହାକୁ ନେଇ ପୂର୍ବଭଳି କଟକଣା ବି ଏତେ ନାହିଁ। ତେଣୁ ଡାକ୍ତରଖାନାକୁ ଆସୁଥିବା କୌଣସି ରୋଗୀ ଦେହରୁ ଏହି ରୋଗ ସଂକ୍ରମଣ ନ ହେବ ତା' ମଧ୍ୟ ଜାଣିବା ମୁସ୍କିଲ୍। ଏମିତିରେ ନିଜେ କିମ୍ବା ପରିବାରର ଅନ୍ୟ କୌଣସି ସଦସ୍ୟଙ୍କୁ ଅତ୍ୟାବଶ୍ୟକ ନ ହେଲେ ଡାକ୍ତରଖାନା ଯିବାକୁ ଦେଉନି। ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ସାମଗ୍ରୀ ଘରେ ରଖି ଜରୁରିକାଳୀନ ପରିସ୍ଥିତିରେ ନିଜେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯାଞ୍ଚ କରୁଛି। ଏସବୁ ଉପକରଣ ରଖିବା ଦ୍ୱାରା ବେଶ୍ ଉପକୃତ ହେଉଛି ଏବଂ ବାରମ୍ବାର ଡାକ୍ତରଙ୍କ ପାଖକୁ ଯାଇ ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡୁନି।


ପାର୍ବତୀ

**ଖାଦ୍ୟ ରୁଚି**

## ପନିର ୬୫

**ଆବଶ୍ୟକ ସାମଗ୍ରୀ:** ୨୦୦ ଗ୍ରାମ୍ ପନିର୍, ମଇଦା ୨.୫ ବଡ ଚାମଚ, କର୍ନ ଫ୍ଲୋର୍ ୩ ବଡ ଚାମଚ, ଚାଉଳ ଗୁଣ୍ଡ ଏକ ବଡ ଚାମଚ, ଅଦା ରସୁଣ ପେଷ୍ଟ ୩ ବଡ ଚାମଚ, ଚାଟ୍ ମସଲା ଅଧା ବଡ ଚାମଚ, ଲାଲ୍ ଲଙ୍କା ପାଉଡର୍ ଏକ ଚାମଚ, ଧନିଆ ପାଉଡର୍ ଏକ ଚାମଚ, ତେଲ, ଛୋଟ ଛୋଟ କଟା ହୋଇଥିବା ଗୋଟିଏ ପିଆଜ, ଭୃର୍ସୁଙ୍ଗ ପତ୍ର ଦୁଇ ପାଖୁଡ଼ା, ଦହି ଦେଢ ଚାମଚ, ପାଣି, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପନିର୍‌କୁ ଛୋଟ ଛୋଟ କ୍ୟୁବ୍ କାଟି ଦିଅନ୍ତୁ। ଗୋଟାଏ ପାତ୍ରରେ କର୍ନ ଫ୍ଲୋର୍, ଚାଉଳ ଗୁଣ୍ଡ, ଅଦା ରସୁଣ ପେଷ୍ଟ, ସବୁ ମସଲା ଗୁଣ୍ଡ, ଲୁଣ ଏବଂ ଦରକାର ଅନୁଯାୟୀ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ସେଥିରେ କଟା ପନିର୍ ପକାଇ ଗୋଳାନ୍ତୁ ଯେପରି ପେଷ୍ଟ ପନିର ଖଣ୍ଡଗୁଡିକରେ ଭଲ ଭାବେ ଲାଗିବ। ଚୁଲାରେ ଏକ କଡେଇ ବସାଇ ତେଲ ଗରମ କରନ୍ତୁ। ସେଥିରେ



ପନିର୍‌କୁ ଲାଲ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଅନ୍ୟ ଏକ କଡେଇରେ ଅଳ୍ପ ତେଲ ଗରମ କରି ସେଥିରେ କଟା ପିଆଜ, ଭୃର୍ସୁଙ୍ଗ ପତ୍ର ପକାଇ ଲାଲ୍ ହେବା ପର୍ଯ୍ୟନ୍ତ ଭାଜିବା ପରେ ଦହି, ଲଙ୍କା ଗୁଣ୍ଡ, ଲୁଣ ପକାଇ ଅଳ୍ପ ସମୟ ମିଶାଇ ଦିଅନ୍ତୁ। ସେଥିରେ ଛଣା ଯାଇଥିବା ପନିର୍‌କୁ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଗୋଳାଇବା ପରେ ଚୁଲା ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ପନିର୍ ୬୫। ଏହାକୁ ଗରମ ଗରମ ସର୍ଭ କରନ୍ତୁ।



# ଅଳ୍ପ ଖର୍ଚ୍ଚରେ ୱାଲ୍ ଡେକୋରେଶନ

**ଘର ସଜାଇବା ଲାଗି କେବଳ ଦାମୀ ଫର୍ନିଚର କିମ୍ବା ଡେକୋରେଟିଭ୍ ସାମଗ୍ରୀ ଆବଶ୍ୟକ ତା' ନୁହେଁ, ଆପଣ ଚାହିଁଲେ କମ୍ ଖର୍ଚ୍ଚରେ ୱାଲ୍ ଡେକୋରେଶନ୍ କରିପାରିବେ। ଏଥିପାଇଁ କେଉଁ ସବୁ ସାମଗ୍ରୀ ବ୍ୟବହାର କରିପାରିବେ ଜାଣି ରଖନ୍ତୁ ଟିପ୍ସ...**

▶ୱାଲ୍ ଡେକୋରେଶନ୍ ହ୍ୟାଙ୍ଗିଙ୍ଗ୍ ସବୁଠୁ ଭଲ ଅପ୍ସନ। କିନ୍ତୁ ଏଥିପାଇଁ କୌଣସି ଦାମୀ ପେଣ୍ଟିଂ କିଣିବାର ଆବଶ୍ୟକତା ନାହିଁ। ଆପଣ ଚାହିଁଲେ ଘରେ ଥିବା ପୁରୁଣା ଫଟୋ ଫ୍ରେମ୍‌ରେ କୌଣସି ସୁନ୍ଦର ପ୍ରିଣ୍ଟେଡ୍ ୱାଲ୍‌ପେପର୍, କ୍ୟାଲେଣ୍ଡର ଆଦି କାଟି ପୁନର୍ବାର ବ୍ୟବହାର କରିପାରିବେ। ନିଜେ ମଧ୍ୟ ପେଣ୍ଟିଂ କିମ୍ବା ପ୍ୟାଚ୍ ୱାର୍କ କରି କାନ୍ଥରେ ଲଗାଇ ପାରିବେ। ବିଶେଷ କରି ଲିଭିଂ ଏବଂ ଷ୍ଟଡି ରୁମ୍ ୱାଲ୍ ଡେକୋରେଶନ୍ ଲାଗି ଏସବୁ ବେଶି ସୁନ୍ଦର ଲାଗିଥାଏ।

▶ଆପଣଙ୍କର ଆର୍ଟ କିମ୍ବା କ୍ରାଫ୍ଟ ୱାର୍କ ଉପରେ ଜ୍ଞାନ ଥିଲେ କମ୍ ବଜେଟ୍‌ରେ ଘର ସଜାଇବା ଖୁବ୍ ସହଜ ହେବ। ଆପଣ ଥର୍ମୋକୁଲ୍ କିମ୍ବା ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ୱାଲ୍ ହ୍ୟାଙ୍ଗିଙ୍ଗ ଫ୍ଲାୱାର ଭେସ୍ ପ୍ରସ୍ତୁତ କରି ସେଥିରେ ସୁନ୍ଦର ରଙ୍ଗର ଫୁଲ ରଖି ପାରିବେ। ଏହା ମଧ୍ୟ ଆପଣଙ୍କ ଘରର କାନ୍ଥକୁ ଅଧିକ ସୁନ୍ଦର କରିବ।

▶ଡ୍ରଇଂ ରୁମ୍, ବଡ ହଲ୍ କିମ୍ବା ବାରଣ୍ଡାକୁ ରୟାଲ୍ ଲୁକ୍ ଦେବାକୁ ଚାହୁଁଥିଲେ ନିଜର କୌଣସି ସୁନ୍ଦର ଶାଢି କିମ୍ବା ଏମ୍ବ୍ରଏଡୋରି, ବୁଣା ହୋଇଥିବା ଅବା ଅନ୍ୟ କାମ ହୋଇଥିବା କପଡାକୁ ବଡ ଓ ଲମ୍ବା କାର୍ଡବୋର୍ଡ ଉପରେ ଲଗାଇ କାନ୍ଥରେ ଟଙ୍ଗାଇ ପାରିବେ।

▶ବର୍ତ୍ତମାନ ସମୟରେ ଘରର କାନ୍ଥ ସଜାଇବା ଲାଗି ଅନେକେ ବିଭିନ୍ନ ପ୍ରକାରର ଟାଇଲ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହା ଅଧିକ ଦାମୀ। ତେଣୁ ଏହା ପରିବର୍ତ୍ତେ ଆପଣ ଚାହିଁଲେ ୱାଲ୍ ପେପର୍ ଲଗାଇ ପାରିବେ।

▶ସେହିପରି ଅଳ୍ପ ଖର୍ଚ୍ଚରେ ମିଳୁଥିବା ବିଭିନ୍ନ ଷ୍ଟିକର ଲଗାଇ ମଧ୍ୟ ପାରିବେ।

▶ସାମାନ୍ୟ ବୁଦ୍ଧି ପ୍ରୟୋଗ କରି ଆପଣ ବ୍ୟବହାର ନ ହେଉଥିବା କୌଣସି ସୁନ୍ଦର କପଡାକୁ ମଧ୍ୟ ୱାଲ୍ ଡେକୋରେଶନ୍ ଲାଗି ବ୍ୟବହାର କରିପାରିବେ। କପଡ଼ାର ବେସ୍ ରଙ୍ଗ କାନ୍ଥ ରଙ୍ଗ ସହିତ ମ୍ୟାଚ୍ କରୁଥିଲେ ଡିଜାଇନ୍ ଅଧିକ ସୁନ୍ଦର ଏବଂ କଣ୍ଟ୍ରାଷ୍ଟ ଲାଗିଥାଏ।



# ଏଆଇଏଫ୍ଏଫ୍ ଲାଇସେନ୍ସ ପାଇବାରେ ଓଡ଼ିଶା ଏଫ୍‌ସି ବିଫଳ

**ନୂଆଦିଲ୍ଲୀ, ୧୬।୧୧ (ପି.ଟି.)**

■ ଲାଇସେନ୍ସ ହାସଲ କରି ନଥିବା ଅନ୍ୟ କ୍ଲବଗୁଡ଼ିକ ହେଲେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ହାଇଦ୍ରାବାଦ ଏଫ୍‌ସି ଏବଂ ସ୍ପୋର୍ଟିଂ କ୍ଲବ ଇଷ୍ଟ ବେଙ୍ଗଲ

■ ୫ କ୍ଲବ ଏଆଇଏଫ୍ଏଫ୍‌ର କ୍ଲବ ଲାଇସେନ୍ସିଂ ଅପିଲ ବଡି ନିକଟରେ ଆବେଦନ କରିପାରିବେ

ଠିକଣା ସମୟରେ ଆବଶ୍ୟକ କାଗଜପତ୍ର ଦାଖଲ କରିପାରି ନ ଥିବାରୁ ଓଡ଼ିଶା ଏଫ୍‌ସି ସମେତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ୫ଟି କ୍ଲବ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)ଠାରୁ ଲାଇସେନ୍ସ ପାଇବାରେ ବିଫଳ ହୋଇଛନ୍ତି। ଫଳରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ବ୍ୟୟବହୁଳ ଇଭେଣ୍ଟରେ ସେମାନଙ୍କ ଅଂଶଗ୍ରହଣ ନେଇ ବାଧା ଉପୁଜିଛି। ଏହି କ୍ଲବଗୁଡ଼ିକ ହୁଏତ ନିଷ୍ପତ୍ତି ବିରୋଧରେ ଅପିଲ କରିପାରନ୍ତି ନତୁବା ବର୍ତ୍ତମାନ ପାଇଁ ସେମାନଙ୍କୁ ଛାଡ଼ କରିବା ଲାଗି ନିବେଦନ କରିପାରନ୍ତି। ଓଡ଼ିଶା ଏଫ୍‌ସି ବ୍ୟତୀତ ଲାଇସେନ୍ସ ହାସଲ କରି ନଥିବା ଅନ୍ୟ କ୍ଲବଗୁଡ଼ିକ ହେଲେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ହାଇଦ୍ରାବାଦ ଏଫ୍‌ସି ଏବଂ ନବାଗତ ସ୍ପୋର୍ଟିଂ କ୍ଲବ ଇଷ୍ଟ ବେଙ୍ଗଲ। ଏଆଇଏଫ୍ଏଫ୍ ଲାଇସେନ୍ସ ବିନା ଏହି କ୍ଲବଗୁଡ଼ିକ ସିଜନର ଏଏଫ୍‌ସି କିମ୍ବା ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଭାଗ ନେଇ ପାରିବେ ନାହିଁ। ଏଫ୍‌ସି ଗୋଆ, ଏଟିକେ, ମୋହନ ବାଗାନ, ବେଙ୍ଗାଲୁରୁ ଏଫ୍‌ସି, ଜାମସେଦପୁର ଏଫ୍‌ସି, ଚେନ୍ନାଇନ ଏଫ୍‌ସି ଏବଂ ମୁମ୍ବାଇ ସିଟି ଏଫ୍‌ସି ସଫଳତାର ସହ ୨୦୨୦-୨୧ ସିଜନ ପାଇଁ ଏଏଫ୍‌ସି ଓ ନ୍ୟାଶନାଲ ଲାଇସେନ୍ସ ହାସଲ କରିପାରିଛନ୍ତି।

ଲାଇସେନ୍ସ ହାସଲ କରିପାରି ନ ଥିବା ୫ଟି କ୍ଲବ ବର୍ତ୍ତମାନ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ କ୍ଲବ ଲାଇସେନ୍ସିଂ କମିଟି ନିଷ୍ପତ୍ତି ବିରୋଧରେ ଏଆଇଏଫ୍ଏଫ୍‌ର କ୍ଲବ ଲାଇସେନ୍ସିଂ ଅପିଲ ବଡି ନିକଟରେ ଆବେଦନ କରିପାରନ୍ତି ଅବା ସେମାନଙ୍କୁ ଛାଡ଼ କରିବା ଲାଗି କ୍ଲବ ଲାଇସେନ୍ସିଂ କମିଟି ନିକଟରେ ଆବେଦନ କରିପାରନ୍ତି। ଏହା କରି ନ ପାରିଲେ ସେମାନେ ଆଇଏସଏଲରେ ଭାଗ ନେଇ ପାରିବେ ନାହିଁ ବୋଲି ଏଆଇଏଫ୍ଏଫ୍ ଲିଗ୍ ସିଇଓ ସୁନନ୍ଦ ଧର୍ ପ୍ରକାଶ କରିଛନ୍ତି। ପ୍ରତିବର୍ଷ କେତୋଟି କ୍ଲବ ଏହି ଲାଇସେନ୍ସ ହାସଲ କରିବାରେ ବିଫଳ ହୋଇଥାନ୍ତି। କିନ୍ତୁ ପ୍ରତିଯୋଗିତାରେ ଭାଗ ନେବା ଲାଗି ଅନୁମତି ପାଇଁ ସେମାନଙ୍କୁ କର୍ତ୍ତୃପକ୍ଷଙ୍କ ନିକଟରେ ନିବେଦନ କରିବାକୁ ହୋଇଥାଏ। ୨୦୨୦-୨୧ ସିଜନ ପାଇଁ ୧୯ଟି କ୍ଲବ ନ୍ୟାଶନାଲ ଓ ଏଫ୍‌ସି କ୍ଲବ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ତନ୍ମଧ୍ୟରେ ୮ଟି ଆଇ-ଲିଗ୍ କ୍ଲବ ସାମିଲ। ଏହି ୮ଟି ଆଇ-ଲିଗ୍ କ୍ଲବର ଲାଇସେନ୍ସ ସମ୍ପର୍କରେ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଏଆଇଏଫ୍ଏଫ୍ କହିଛି। କ୍ଲବଗୁଡ଼ିକ ଲାଇସେନ୍ସ ପାଇବାକୁ ହେଲେ ୫ଟି ମୁଖ୍ୟ ମାନଦଣ୍ଡ ପ୍ରତି ଧ୍ୟାନ ଦେବାକୁ ହୋଇଥାଏ। ସେଗୁଡ଼ିକ ହେଲା ଯଥା ଖେଳ, ଭିତ୍ତିଭୂମି, ନିଯୁକ୍ତି ଓ ପ୍ରଶାସନିକ, ଆଇନ ଏବଂ ଅର୍ଥନୈତିକ। କୋଭିଡ୍ ପରିସ୍ଥିତି ଯୋଗୁ ଏଏଫ୍‌ସି ଏଥର କୋହଳ ଅବଲମ୍ବନ କରିଛି। କାଗଜପତ୍ର ଦାଖଲ ପାଇଁ ଏକାଧିକ ଥର ସମୟସୀମା ବୃଦ୍ଧି କରିଛି। ୟୁଥ୍ ଡେଭଲପମେଣ୍ଟ ପ୍ରୋଗ୍ରାମ୍, ମେଡିକାଲ ସପୋର୍ଟ ସର୍ଭିସେସ୍, ଗ୍ରାସ୍‌ରୁଟ୍ ପ୍ରୋଗ୍ରାମ୍, କ୍ଲବ ୟୁଥ୍ ଏକାଡେମୀ ଏବଂ ଅନ୍ୟମାନଙ୍କ ସହ ଯୁବ କୋଚ୍ ପ୍ରଭୃତି ଏଥର କେତୋଟି ମାନଦଣ୍ଡବାଦକୁ ଏଏଫ୍‌ସି ବାଦ୍ ଦେଇଛି। କୋଭିଡ୍ ଯୋଗୁ ଚଳିତବର୍ଷ ଆଇଏସ୍ଏଲ୍‌ର ସମସ୍ତ ମ୍ୟାଚ ଗୋଆରେ ରୁଦ୍ଧଦ୍ୱାରରେ ତିନୋଟି ଭେନ୍ୟୁରେ ଖେଳାଯିବ। ବାମ୍ବୋଲିନ୍ ସ୍ଥିତ ଜିଏମ୍‌ସି ଷ୍ଟାଡିୟମରେ ଶୁକ୍ରବାର ସିଜନର ଉଦ୍‌ଘାଟନୀ ମ୍ୟାଚ ଏଟିକେ ମୋହନ ବାଗାନ ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ହେବ।

# ସାୟନା ଜ୍ୟାକ୍ ୨ ବର୍ଷ ବାସନ୍ଦ



ସାୟନା ଜ୍ୟାକ୍

**ଲାଉସାନେ (ସୁଇଜରଲାଣ୍ଡ), ୧୬।୧୧ (ଏପି):** ଡୋପିଂ ମାମଲାରେ ଅଷ୍ଟ୍ରେଲିଆର ମହିଳା ସନ୍ତରଣକାରୀ ସାୟନା ଜ୍ୟାକ୍ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସୋମବାର ତାଙ୍କୁ ଦୁଇ ବର୍ଷ ବାସନ୍ଦ କରାଯାଇଛି। ତେବେ ଏହା ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାର କିଛିଦିନ ପୂର୍ବରୁ ଶେଷ ହୋଇଯାଉଛି। ଜ୍ୟାକ୍ ଉଦ୍ଦେଶ୍ୟମୂଳକ ଭାବେ ନିଷିଦ୍ଧ ଦ୍ରବ୍ୟ ଲିଗାଣ୍ଡ୍ରୋଲ୍ ବ୍ୟବହାର କରି ନାହାନ୍ତି ବୋଲି କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ପ୍ରମାଣ କରିବାକୁ ଚାହିଁଥିଲେ। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ବେଳେ ଜ୍ୟାକ୍‌ଙ୍କର ଡୋପ୍ ଟେଷ୍ଟ ହୋଇଥିଲା ଏବଂ ପଜିଟିଭ ଆସିଥିଲା। ଅଷ୍ଟ୍ରେଲିଆନ ପୂର୍ବରୁ ୪ ବର୍ଷ ବାସନ୍ଦ ଦଣ୍ଡ ପାଇଁ ସୁପାରିସ କରିଥିଲା। ଜ୍ୟାକ୍ ଚାହିଁଲେ ସୋମବାର ରୁଲିଂ ବିରୋଧରେ କାସ୍‌ରେ ଅନ୍ୟ ଏକ ପ୍ରକ୍ରିୟା ଜରିଆରେ ଅପିଲ କରିପାରିବେ। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ମଧ୍ୟ ଦୀର୍ଘକାଳୀନ ବାସନ୍ଦ ପାଇଁ ଅପିଲ କରିପାରେ। ୨୨ ବର୍ଷୀୟ ଏହି ସନ୍ତରଣକାରୀ ୨୦୧୭ ବିଶ୍ୱ ଚାମ୍ପିୟନଶିପ୍‌ରେ ରିଲେରେ ୪ଥର ପଦକ ଜିତିଛନ୍ତି। ତାଙ୍କୁ ୨ବର୍ଷ ବାସନ୍ଦ ହେବା ଦ୍ୱାରା ସେ ୨୦୨୧ ଜୁଲାଇ ୧୧ ପର୍ଯ୍ୟନ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ବାସନ୍ଦ ଦଣ୍ଡ ଶେଷ ହେବାପରେ ଦୁଇ ସପ୍ତାହରୁ କମ୍ ସମୟ ବ୍ୟବଧାନରେ ଟୋକିଓ ଅଲିମ୍ପିକ୍ସ ହେବ। ଜ୍ୟାକ୍‌ଙ୍କ ବିରୋଧରେ ହୋଇଥିବା ଡୋପିଂ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସଂକ୍ରମିତ ଖାଦ୍ୟ ଯୋଗୁ ତାଙ୍କର ପଜିଟିଭ ଆସିଥିବା ସେ ସଫେଇ ଦେଇଛନ୍ତି।





# ସେଲ୍ଫ ଆଇସୋଲେଶନରେ ପେନ୍

**ସିଡ୍‌ନୀ, ୧୬।୧୧ (ପି.ଟି.)**

ଆଡିଲେଡ୍‌ରେ କୋଭିଡ୍‌ର ସାନି ପ୍ରକୋପ ଦେଖାଦେଇଛି। ଅଧିନାୟକ ଟିମ୍ ପେନ୍‌ଙ୍କ ସମେତ ଅଷ୍ଟ୍ରେଲିଆ କ୍ରିକେଟ ଦଳର ସମସ୍ତ ଖେଳାଳି ତୁରନ୍ତ ସେଲ୍ଫ ଆଇସୋଲେଶେନରେ ରହିଛନ୍ତି। ଏହା ସତ୍ତ୍ୱେ କାର୍ଯ୍ୟସୂଚୀ ଅନୁସାରେ ଡିସେମ୍ବର ୧୭ରୁ ଏଠାରେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ ଖେଳାଯିବ ବୋଲି ଦେଶର କ୍ରିକେଟ ବୋର୍ଡ ଦୃଢ଼ତାର ସହ କହିଛି। ଆଡିଲେଡ୍‌ରେ କୋଭିଡ୍ ସଂକ୍ରମଣ ଦେଖିବାକୁ ମିଳିବା ପରେ ସାଉଥ ଅଷ୍ଟ୍ରେଲିଆର ସୀମାକୁ ଲାଗି ରହିଥିବା ଅନ୍ୟ ରାଜ୍ୟଗୁଡ଼ିକ ଯଥା ୱେଷ୍ଟର୍ନ ଅଷ୍ଟ୍ରେଲିଆ, ଟାସମାନିଆ ଏବଂ ନର୍ଦର୍ନ ଟେରିଟୋରି ସେମାନଙ୍କ ସୀମାକୁ ବନ୍ଦ କରିଦେଇଛନ୍ତି। ଆଡିଲେଡ୍‌ରୁ ଆସିଥିବା ସମସ୍ତ ପର୍ଯ୍ୟଟକଙ୍କୁ ସୋମବାରଠାରୁ ୧୪ଦିନ ହୋଟେଲ କ୍ୱାରାଣ୍ଟାଇନ୍‌ରେ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଆଡିଲେଡ୍‌ରେ ରବିବାର କରୋନା ସଂକ୍ରମିତଙ୍କ ସଂଖ୍ୟା ୪ ରହିଥିବାବେଳେ ସୋମବାର ଏହା ୧୭ରେ ପହଞ୍ଚିଛି। କ୍ରିକେଟ ଅଷ୍ଟ୍ରେଲିଆ ପରିସ୍ଥିତି ଉପରେ ନଜର ରଖିଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହିଛି। ନଭେମ୍ବର ୯ ପରେ ସାଉଥ ଅଷ୍ଟ୍ରେଲିଆରୁ ଫେରିଥିବା ଟାସମାନିଆ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଏବେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଫଳସ୍ୱରୂପ ନିକଟରେ ସାଉଥ ଅଷ୍ଟ୍ରେଲିଆରେ ଶେଫିଲ୍ଡ ଶିଲ୍‌ଡର ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକ ଶେଷ କରିଥିବା ଟାସ୍‌ମାନିଆ ଦଳର ପେନ୍, ମାଥ୍ୟୁ ୱେଡ୍ ଏବଂ ସେମାନଙ୍କ ଟିମ୍‌ମେଟ୍‌ଙ୍କୁ ଆଇସୋଲେଶନରେ ରହିବାକୁ ହୋଇଛି। କ୍ରିକେଟ ଟାସମାନିଆର ଜଣେ ମୁଖପାତ୍ର କହିଛନ୍ତି, ଟାସମାନିଆନ ଟାଇଗର୍ସ ଶେଫିଲ୍ଡ ଶିଲ୍ଡ ଦଳ ବର୍ତ୍ତମାନ ସେଲ୍ଫ ଆଇସୋଲେଶନରେ ରହିଛି। ସେମାନେ ସାଧାରଣ ସ୍ୱାସ୍ଥ୍ୟ ବିଭାଗର ପରବର୍ତ୍ତୀ ପରାମର୍ଶ ଅପେକ୍ଷାରେ ଅଛନ୍ତି। ଖେଳାଳି ଏବଂ ଷ୍ଟାଫଙ୍କର କୋଭିଡ୍ ସ୍ୱାବ୍ ଟେଷ୍ଟ ସୋମବାର କରାଯାଇଛି। ଭାରତୀୟ ଦଳ ଏବଂ ୟୁଏଇରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଅଂଶଗ୍ରହଣ କରିଥିବା ଭାରତୀୟ ଖେଳାଳିମାନେ ସିଡ୍‌ନୀରେ ଗୁରୁବାରଠାରୁ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ନଭେମ୍ବର ୨୭ରୁ ଆରମ୍ଭ ହେବାକୁଥିବା ଅନ୍ତର୍ଜାତୀୟ ଦିନିକିଆ ସିରିଜର ଦିନକ ପୂର୍ବରୁ ଆଇସୋଲେଶନ ଶେଷ ହେବ। ସିଡ୍‌ନୀରେ ପ୍ରଥମ ଦୁଇ ଅନ୍ତର୍ଜାତୀୟ ଦିନିକିଆ ଖେଳାଯିବାକୁ ଥିବାବେଳେ କାନବେରାଠାରେ ୩ୟ ଦିନିକିଆ ଏବଂ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଅନୁଷ୍ଠିତ ହେବ। ଅବଶିଷ୍ଟ ଦୁଇ ଟି୨୦ ସିଡ୍‌ନୀଠାରେ ଖେଳାଯିବ। ଟେଷ୍ଟ ସିରିଜ ପୂର୍ବରୁ ଭାରତ ସିଡ୍‌ନୀଠାରେ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ଦୁଇଟି ୱାର୍ମଅପ୍ ମ୍ୟାଚ ଖେଳିବ। ପ୍ରଥମଟି ଡିସେମ୍ବର ୬ରୁ ୮ ଏବଂ ପରେ ଦ୍ୱିତୀୟଟି ଏକ ଦିବାରାତ୍ର ମ୍ୟାଚ ଡିସେମ୍ବର ୧୧ରୁ ୧୩ ଏସସିଜିରେ ଖେଳାଯିବ। ପ୍ରଥମ ଟେଷ୍ଟରେ ମୋଟ ଆସନର ହାରାହାରି ୫୦ ପ୍ରତିଶତ ଦର୍ଶକଙ୍କୁ ସୁଯୋଗ ମିଳିବ। ଫଳରେ ଦୈନିକ ପ୍ରାୟ ୨୭,୦୦୦ ଟିକେଟ ଉପଲବ୍ଧ ହେବ।

**ଆଡିଲେଡ୍‌ରେ କୋଭିଡ୍‌ର ପ୍ରକୋପ୍**



ଟିମ୍ ପେନ୍

# ଦ୍ୱୈପାୟନଙ୍କୁ କ୍ୟାପିଟାଲ ଫାଉଣ୍ଡେଶନ ପୁରସ୍କାର

**ଭୁବନେଶ୍ୱର, ୧୬।୧୧ (ସ୍ପୋର୍ଟସ ବ୍ୟୁରୋ):** ଭାରତୀୟ ଗେଟ୍‌ବଲ୍ ୟୁନିୟନର ସଭାପତି ଦ୍ୱୈପାୟନ ପଟ୍ଟନାୟକ ସମ୍ମାନଜନ କ୍ୟାପିଟାଲ ଫାଉଣ୍ଡେଶନ ଜାତୀୟ ପୁରସ୍କାର ଲାଭ କରିଛନ୍ତି। ବିଶିଷ୍ଟ ବିଚାରପତି ଜଷ୍ଟିସ୍ କ୍ରିଷ୍ଣା ଆୟାରଙ୍କ ୧୦୬ତମ ଜନ୍ମ ବାର୍ଷିକୀ ଅବସରରେ ନୂଆଦିଲ୍ଲୀରେ ରବିବାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୨୦ଜଣଙ୍କୁ ଏକ ଭର୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ପୁରସ୍କୃତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଦ୍ୱୈପାୟନ ଏକମାତ୍ର ଓଡ଼ିଆ ଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ଦ୍ୱୈପାୟନ ବର୍ତ୍ତମାନ ଓଡ଼ିଶା ଖଣି ଉନ୍ନୟନ ନିଗମର ଓଏସ୍‌ଡି ଭାବେ କାର୍ଯ୍ୟରତ। ସେ ଜଣେ ଗାଳ୍ପିକ ଏବଂ ଅନ୍ତର୍ଜାତୀୟ ଗେଟ୍‌ବଲ ଖେଳାଳି ମଧ୍ୟ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଗେଟ୍‌ବଲ ଦଳ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅନେକ ଥର ସଫଳତା ହାସଲ କରିଛି।

# ଏଟିପି ଫାଇନାଲ୍ସ: ଜୋକୋଭିଚ୍, ଥିମ୍, ନାଡାଲ ବିଜୟୀ

**ଲଣ୍ଡନ, ୧୬।୧୧(ଏପି):** ଡୋମିନିକ୍ ଥିମ୍, ରାଫାଲ ନାଡାଲ, ନୋଭାକ୍ ଜୋକୋଭିଚ୍ ବିଜୟ ସହ ଚଳିତ ବର୍ଷର ଏଟିପି ଫାଇନାଲ୍ସରେ ଅଭିଯାନ ଆରମ୍ଭ କରିଛନ୍ତି। ଥିମ୍ ନିଜର ପ୍ରଥମ ମ୍ୟାଚରେ ଗତଥରର ଚାମ୍ପିୟନ ଷ୍ଟିଫାନୋସ ସିତ୍‌ସିପାସଙ୍କୁ ୭-୬(୫), ୪-୬, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚଟି ୨୦୧୯ ଫାଇନାଲର ରିମ୍ୟାଚ ଥିଲା। ଗତଥର ଥିମ୍‌ଙ୍କୁ ହରାଇ ସିତ୍‌ସିପାସ ଚାମ୍ପିୟନ ହୋଇଥିଲେ। ମାତ୍ର ଏଥର ଥିମ୍ ବିଜୟୀ ହୋଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଅନ୍ୟ ଏକ ମ୍ୟାଚରେ ନାଡାଲ ନବାଗତ ଆନ୍ଦ୍ରେ ରୁବଲେଭ୍‌ଙ୍କୁ ମାତ୍ର ୧ ଘଣ୍ଟା ୧୭ ମିନିଟରେ ୬-୩, ୬-୪ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଜୋକୋଭିଚ୍ ନିଜର ପ୍ରଥମ ମ୍ୟାଚରେ ନବାଗତ ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ରେକର୍ଡ ସମକକ୍ଷ ୨୦ ଗ୍ରାଣ୍ଡସ୍ଲାମ ଏବଂ ୧୦୦୦ତମ ମ୍ୟାଚ ଜିତି ଚମତ୍କାର ଫର୍ମରେ ଥିବା ନାଡାଲ ଏଥର ଏଟିପି ଫାଇନାଲ୍ସ ଟାଇଟଲ ଜିତିବାପାଇଁ ହଟ୍ ଦାବିଦାର ଅଛନ୍ତି। ସିଜନ ଶେଷ ଏହି ପ୍ରତିଯୋଗିତା ପାଇଁ ସେ ରେକର୍ଡ ୧୬ ଥର ଯୋଗ୍ୟତା ହାସଲ କରିଥିବାବେଳେ ୨ ଥର ଫାଇନାଲରେ ହାରି ଯାଇଛନ୍ତି ଏବଂ ୬ ଥର ଆହତ ସମସ୍ୟା ଯୋଗୁ ଖେଳିପାରି ନାହାନ୍ତି।

# ଟେନିସ୍ ବଲ୍‌ରେ ରାହୁଲଙ୍କ ଅଭ୍ୟାସ


ଲୋକେଶ ରାହୁଲ

**ସିଡ୍‌ନୀ, ୧୬।୧୧(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅବସରରେ ୟୁନାଇଟେଡ ଆରବ ଏମିରେଟ୍ସର ସ୍ଲୋ ଟ୍ରାକ୍‌ରେ ପାଖାପାଖି ୨ ମାସ ଖେଳିବାପରେ ତାରକା ଖଚିତ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ଅଷ୍ଟ୍ରେଲିଆର ଜୀବନ୍ତ ପିଚ୍‌ରେ ସୋମବାରଠାରୁ ପାରମ୍ପରିକ ଟେନିସବଲ୍ ଟ୍ରେନିଂ ଆରମ୍ଭ କରିଛି। ଫର୍ମରେଥିବା ଲୋକେଶ ରାହୁଲ ନେଟ୍ସ ସେସନରେ ପରଫେକ୍ଟ ଟାଇମିଂ ସହ କିପରି ପୁଲ୍-ଶଟ୍ ଖେଳିବାକୁ ହେବ ତା' ଉପରେ ଗୁରୁତ୍ୱ ଦେଇଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏ ସମ୍ପର୍କିତ ଏକ ଭିଡିଓ ଟୁଇଟରରେ ପୋଷ୍ଟ କରାଯାଇଛି। ଦଳର ସିନିୟର ଖେଳାଳି ରବିଚନ୍ଦ୍ରନ ଅଶ୍ୱିନ ଏକ ଟେନିସ ର୍ୟାକେଟରେ ରାହୁଲଙ୍କ ନିକଟକୁ ବଲ୍ ମାରୁଛନ୍ତି। ଛାତି ସିଧାରେ ଆସୁଥିବା ବଲ୍‌କୁ ରାହୁଲ ପୁଲ୍ କରୁଛନ୍ତି ନଚେତ ଅନ୍ୟ ଶଟ୍ ଖେଳୁଛନ୍ତି। ବିଶେଷ କରି ପୁଲ୍ ଶଟ୍‌କୁ କିପରି ଗ୍ରାଉଣ୍ଡରେ ଖେଳାଯାଇ ପାରିବ ତା' ଉପରେ ରାହୁଲ ଫୋକସ କରୁଛନ୍ତି। ଯାହାକି ରିଷ୍ଟ ଚାଳନା ମାଧ୍ୟମରେ କିଛି ବର୍ଷ ଧରି ଅଧିନାୟକ ବିରାଟ କୋହଲି କରିବାରେ ସକ୍ଷମ ହୋଇଛନ୍ତି। ଅଳ୍ପ ଦୂରରୁ ଟେନିସ ବଲ୍‌ରେ ଅଭ୍ୟାସ କରିବା ଅର୍ଥ ହେଲା ବଲ୍ ଦ୍ରୁତ ବେଗରେ ଆସିବ ଏବଂ ଏହାକୁ ଖେଳିବାରେ ବ୍ୟାଟ୍ସମ୍ୟାନ ଅଭ୍ୟସ୍ତ ହେବ। ଏଥିରେ ଅଭ୍ୟସ୍ତ ହୋଇଗଲେ ୨୨ ଗଜ ଦୂରରୁ ବୋଲିଂ ହେଉଥିବା ଲେଦର ବଲ୍‌ରେ ଖେଳିବାରେ ଅସୁବିଧା ହେବନାହିଁ। ଆଗାମୀ ଦିନରେ କଠିନ ବାଉନ୍ସି ପିଚ୍‌ରେ ଭାରତୀୟ ଦଳକୁ ଖେଳିବାକୁ ହେବ। ୮୦ ଓ ୯୦ ଦଶକରେ ଭାରତୀୟ ଦଳ ଅଷ୍ଟ୍ରେଲିଆ କିମ୍ବା ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନମାନେ ଓଜନିଆ ଟେନିସ ବଲ୍‌ରେ ୧୬ କିମ୍ବା ୧୮ ଗଜ ଦୂରରୁ ସିମେଣ୍ଟ ଟ୍ରାକ୍ ଉପରେ ବ୍ୟାଟିଂ କରୁଥିଲେ। ବାଉନ୍ସି ପିଚ୍ ସହିତ ଅଭ୍ୟସ୍ତ ହେବା ଏହାର ଉଦ୍ଦେଶ୍ୟ ଥିଲା। ଟ୍ରେନିଂର ଢାଞ୍ଚା ବଦଳିବା ପରେ ଏବେ ଟେନିସ ର୍ୟାକେଟ ଏବଂ ହାଲ୍‌କା ଟେନିସ ବଲ୍ ବ୍ୟବହାର ହେଉଛି। ଫଳରେ ବଲ୍ ଅଧିକ ଦ୍ରୁତ ବେଗରେ ବ୍ୟାଟ୍ସମ୍ୟାନ ନିକଟକୁ ଯାଇପାରୁଛି। ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ସାମି ନିଜ ଟୁଇଟର ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ପିଙ୍କ୍ କୁକାବୁରା ବଲ୍ ବୋଲିଂ କରୁଥିବା ପରିଲକ୍ଷିତ ହେଉଛି। ସାମି ତିନୋଟି ଯାକ ଫର୍ମାଟରେ ଭାରତୀୟ ଦଳର ସଦସ୍ୟ ଅଛନ୍ତି। ଡିସେମ୍ବର ୧୭ରୁ ଆଡିଲେଡଠାରେ ଦିବାରାତ୍ର ଟେଷ୍ଟ ଖେଳାଯିବ। ଏହା ପିଙ୍କ୍ ବଲ୍‌ରେ ଖେଳାଯିବାକୁ ଥିବାରୁ ସାମି ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି। "ନିଜ ଜାତୀୟ ଦଳ ପକ୍ଷରୁ ଖେଳିବାଠାରୁ ସୁଖଦ ଅନୁଭବ ଆଉ କିଛି ନାହିଁ। ଟିମ୍ ଇଣ୍ଡିଆ ନେଟ୍ସରେ ଦୀର୍ଘଦିନପରେ ବୋଲିଂ କରିବାର ଅଭିଳାଷ ପୂର୍ଣ୍ଣ ହୋଇଛି। ଏବେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଉପରେ ଫୋକସ ରହିଛି" ବୋଲି ସାମି ଟୁଇଟ୍ କରିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ